ISSN No. : 2583-147X (P)

ବାସ୍ତବତାର ପରିପ୍ରକାଶ

ପ୍ରାଚୀ
PRACHEE

ସେପ୍ଟେମ୍ବର ୨୦୨୨

ମୂଲ୍ୟ : ୨୫ ଟଙ୍କା



ମୁଖ୍ୟ ଉପଦେଷ୍ଟା
କବି ଜୟନ୍ତ ମହାପାତ୍ର

ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ
ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଅଷ୍ଟମ ବର୍ଷର ଷଷ୍ଠ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

ସଂପାଦକ

ଓ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ❑ ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ....
- ❑ ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ ....
- ❑ ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି ....
- ❑ ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ....
- ❑ ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ❑ ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ....
- ❑ ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ....
- ❑ ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା ....
- ❑ ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ....
- ❑ ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ....
- ❑ ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ....
- ❑ ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

ପ୍ରାଚୀ

Vol.- 8, September 2022, Issue No. VI

ISSN NO. 2583-147X(P)

RNI No. : ODIODI/2015/64435

P.R. No. : CK(C)/96/2022-2024

ଉପଦେଷ୍ଟା ମଣ୍ଡଳୀ
ଡକ୍ଟର ପାବକ କାନୁନ୍‌ଗୋ
ଡକ୍ଟର ମନ୍ଦାକିନୀ ଦାସ
ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ
ସମୀକ୍ଷକ ମଣ୍ଡଳୀ
ପ୍ରଫେସର ବୈଷ୍ଣବ ଚରଣ ସାମଲ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଆଦିକନ୍ଦ ସାହୁ
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
ପ୍ରଫେସର ମଣୀନ୍ଦ୍ର କୁମାର ମେହେର
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
ପ୍ରଫେସର ଶରତ କୁମାର ପଲିତା
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ସଂପାଦକ
ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସଂପାଦନା ମଣ୍ଡଳୀ
ଡକ୍ଟର ନାରାୟଣ ମହାନ୍ତି-
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
ଡକ୍ଟର ଆଦିତ୍ୟ ପ୍ରତାପ ଧଳ
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
ପ୍ରଫେସର ଅଞ୍ଜୁମନ ଆରା
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଆଲୋକ ବରାଳ
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
ଡକ୍ଟର ନେତାଜୀ ଅଭିନନ୍ଦନ
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
ଡକ୍ଟର ଦିପକ କୁମାର ଦାଶ
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
ଡକ୍ଟର ନୀରୋଦ କୁମାର ମନ୍ତ୍ରୀ
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
ଡକ୍ଟର ବିଦ୍ୟୁତପ୍ରଭା ରାଉତ
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
ଡକ୍ଟର ସୁମନ୍ତ ସ୍ୱାଇଁ
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
ଡକ୍ଟର ମମତା ଖଣ୍ଡାୟତରାୟ
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
ପ୍ରଶାନ୍ତି ସାଇଁ
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ଅବିନାଶ ଦାଶ
ବିତରଣ ଅଧିକାରୀ :
ରାଜେନ୍ଦ୍ର ବାରିକ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ଏଇ ସଂଖ୍ୟାରେ...

'ପେଟେଣ୍ଟ ମେଡ଼ିସିନ୍'ର ନାଟ୍ୟ ରୂପାନ୍ତର :
ଏକ ତୁଳନାତ୍ମକ ଅଧ୍ୟୟନ
ଜ୍ଞାନରଂଜନ ତ୍ରିପାଠୀ ୦୭

ଭାରତୀୟ ଓ ଆନ୍ତର୍ଜାତୀୟ ପରିପ୍ରେକ୍ଷାରେ ଲୋକସାହିତ୍ୟ
ଅଧ୍ୟୟନର ବିବିଧ ତାତ୍ତ୍ୱିକ ଦିଗ ବନାମ ବେନ୍‌ଫିଙ୍କ
ସାଂସ୍କୃତିକ ବିସରଣବାଦୀ ସିଦ୍ଧାନ୍ତ
ଡକ୍ଟର ସନ୍ତୋଷ କୁମାର ନାୟକ ୧୨

ମହାଭାରତୀୟ ପୃଷ୍ଠଭୂମିରେ ରଚିତ
କବି ଶତ୍ରୁଘ୍ନ ପାଣ୍ଡବଙ୍କ ଓଡ଼ିଆ କବିତା : ଏକ ଅଧ୍ୟୟନ
ବିଷ୍ଣୁ ପ୍ରସାଦ ସାହୁ ୨୫

ନୟନ ପଂଚକ
ଡକ୍ଟର ସଂଜିତା ମିଶ୍ର ୩୦

ରାଜା ଇନ୍ଦ୍ରଭୂତି ଓ ଶ୍ରୀଜଗନ୍ନାଥ
ରୁବିନା ପାତ୍ର ୩୯

ସମ୍ବାଦ କ'ଣ ଓ କାହିଁକି
ତ୍ରିଲୋଚନ ଜେନା ୪୧

PRACHEE MONTHLY ADVT. TARIFF

Back Cover (Colour)
Rs. 20,000/-

2nd Inner Cover (Colour)
Rs. 10,000/-

3rd Inner Cover (Colour)
Rs. 10,000/-

Ordinary Colour Page
Rs. 5000/-

Black & White (News Print)
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

For Space booking please contact The Advertising Manager
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- "ପ୍ରାଚୀ" ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- "ପ୍ରାଚୀ" ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିପ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡ଼ିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!

କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ

ଶ୍ରୀମତୀ/ଶ୍ରୀ ....

ଠିକଣା .... ପିନ୍‌କୋର୍ଡ଼ ....

ମୋବାଇଲ୍ ନମ୍ବର .... ଇ-ମେଲ୍ ....

ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)

ଚେକ୍ ନମ୍ବର.. ତାରିଖ...................................

ବ୍ୟାଙ୍କ୍.. ସ୍ଥାନ..

ତାରିଖ..................................... ଦସ୍ତଖତ...

ବାସ୍ତବତାର ପରିପ୍ରକାଶ "ପ୍ରାଚୀ"

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), **Vol.- 8, Issue No. VI, September 2022**
Bastabatara Pariprakash Prachee
Peer Reviewed and Referred Research Journal

'ପେଟେଣ୍ଟ ମେଡ଼ିସିନ୍'ର ନାଟ୍ୟ ରୂପାନ୍ତର : ଏକ ତୁଳନାତ୍ମକ ଅଧ୍ୟୟନ

ଜ୍ଞାନରଂଜନ ତ୍ରିପାଠୀ

ସାହିତ୍ୟରେ ତୁଳନାତ୍ମକ ଅଧ୍ୟୟନର ଅର୍ଥ ହେଉଛି, ଗୋଟିଏ ଭାଷାର ସାହିତ୍ୟ କୃତିକୁ ସେହି ଭାଷା ଅଥବା ଅନ୍ୟ ଏକ ଭାଷାର ସାହିତ୍ୟ କୃତି ସହ ପରଖି ସାଦୃଶ୍ୟ-ବୈଶାଦୃଶ୍ୟ ନିରୂପଣ କରିବା । ୧୯୧୩ ମସିହାରେ ଫକୀରମୋହନ ସେନାପତିଙ୍କ ଦ୍ୱାରା ରଚିତ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପଟି 'ଉତ୍କଳ ସାହିତ୍ୟ' ପତ୍ରିକାରେ ଆତ୍ମପ୍ରକାଶ କରିଥିଲା । ସମକାଳୀନ ସମାଜରେ ପାଠୁଆ ବାବୁମାନଙ୍କର ସାହେବୀ ହେବା ନିଶାରେ ମଦ, ମାଂସ, ବେଶ୍ୟା ଆଦି ପ୍ରତି ଆକୃଷ୍ଟ ହୋଇ ନୈତିକତା ହରାଇ ବସିବା, ଆଉ ଏହାର ପ୍ରତିକାର ସ୍ୱରୂପ ଘରଣୀଙ୍କ ଅବ୍ୟର୍ଥ ଔଷଧ ଝାଡୁ ପାହାର ଖାଇବା ପ୍ରସଙ୍ଗ ଗଳ୍ପଟିରେ ବର୍ଣ୍ଣିତ ହୋଇଛି ।

ଚନ୍ଦ୍ରମଣି ବାବୁ ଓ ସୁଲୋଚନା ଦେବୀଙ୍କୁ କେନ୍ଦ୍ରକରି ଗଡ଼ିଉଠିଥିବା ଏହି କାହାଣୀଟିକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ରୁଚିରେ ରୂପାନ୍ତରିତ କରାଯାଇଛି । ସେଥିମଧ୍ୟରୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଓ ଗୋପାଳ ଛୋଟରାୟଙ୍କ ଦ୍ୱାରା ରୂପାନ୍ତରିତ ହୋଇଥିବା ନାଟକଗୁଡ଼ିକୁ ପ୍ରବନ୍ଧରେ ମୂଳଗଳ୍ପ ସହିତ ତୁଳନା କରାଯାଇଛି ।

'ପେଟେଣ୍ଟ ମେଡ଼ିସିନ୍'ର ରୂପାନ୍ତର :

ସାହିତ୍ୟ କୃତିଟିଏ ଯେତେବେଳେ ଗୋଟିଏ ଆଙ୍ଗିକରୁ ଆଉ ଗୋଟେ ଆଙ୍ଗିକରେ ରୂପପାଏ, ସେତେବେଳେ ତାହାକୁ ରୂପାନ୍ତର କୁହାଯାଏ । ନାଟକରେ ଏପରି ହେଲେ ତାହାକୁ 'ରୂପାନ୍ତରିତ ନାଟକ' କୁହାଯାଏ । 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପର ପାଠକୀୟତା ଓ ନାଟକୀୟତାକୁ ଦୃଷ୍ଟିରେ ରଖି ଗୋବିନ୍ଦ ଚନ୍ଦ୍ର ଶୂରଦେଓ ପ୍ରଥମେ 'ତାରାବାଇ ଫାର୍ସ' ନାମରେ ନାଟ୍ୟ ରୂପାନ୍ତର କଲେ, ପରେ ଗୋପାଳ ଛୋଟରାୟ 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟ ଓ 'ବାବୁ ଚନ୍ଦ୍ରମଣି' ମଞ୍ଚନାଟକ ଲେଖିଥିଲେ । ନିମ୍ନରେ ଏଗୁଡ଼ିକୁ ବିଶ୍ଳେଷଣ କରାଯାଇପାରେ ।

ଫାର୍ସ :

ଫାର୍ସ ହେଉଛି କମେଡ଼ି ଶ୍ରେଣୀୟ ନାଟକ । ଏହାର କଥାବସ୍ତୁ ଲଘୁହାସ୍ୟ କିମ୍ବା ଅତିହାସ୍ୟ ଭିତ୍ତିକ ହୋଇଥିବା ବେଳେ ସଂଗୀତ ଏହାର ପ୍ରମୁଖ ଉପାଦାନ । ହାସ୍ୟରସ ସହ ଶୃଙ୍ଗାରିକତା ମଧ୍ୟ ଏଥିରେ ଗ୍ରହଣୀୟ । ଶସ୍ତା ଆନନ୍ଦ ସାଙ୍ଗକୁ ଅଯଥା ଉତ୍ତେଜନା ସୃଷ୍ଟି ନିମନ୍ତେ ଅଶ୍ଳୀଳ ଶବ୍ଦର ପ୍ରୟୋଗ ଫାର୍ସର ଅନ୍ୟତମ ବିଭାଗ ।

ଆଲୋଚିତ 'ପେଟେଣ୍ଟ ମେଡ଼ିସିନ୍' ଗଳ୍ପଟିକୁ ଶୂରଦେଓ ବିଂଶ ଶତାବ୍ଦୀର ଦ୍ୱିତୀୟ ଦଶକରେ ବା ତାଙ୍କ କଟକ ରହଣୀ ସମୟରେ ଫାର୍ସର ରୂପ ଦେଉଛନ୍ତି । ଏହାର ନାମ ରଖିଛନ୍ତି 'ପେଟେଣ୍ଟ ମେଡ଼ିସିନ୍' ବା 'ତାରାବାଇ ଫାର୍ସ' । ଫକୀରମୋହନଙ୍କ ଏହି ଗଳ୍ପଟିକୁ ଶୂରଦେଓ ପ୍ରବନ୍ଧ ମନେ କରିଛନ୍ତି । ନିବେଦନରେ ସ୍ଥାନିତ ଅଭିମତଟିକୁ ଦୃଷ୍ଟିଦେଲେ ଏହା ସ୍ପଷ୍ଟ ହୁଏ ।

"ଉତ୍କଳ ହିତୈଷୀ ପୂଜ୍ୟପାଦ ପ୍ରବୀଣ ଶ୍ରୀ ଫକୀରମୋହନ ସେନାପତି ମହୋଦୟ ଉତ୍କଳ ସାହିତ୍ୟରେ 'ପେଟେଣ୍ଟ ମେଡ଼ିସିନ୍' ନାମାଙ୍କିତ ଗୋଟିଏ ହାସ୍ୟୋଦ୍ଦୀପକ ପ୍ରବନ୍ଧ ଲେଖିଥିଲେ । ତାହା ପ୍ରବନ୍ଧ ଲେଖକଙ୍କ ଅନୁମତି ଅନୁସାରେ ବର୍ତ୍ତମାନ ପ୍ରହସନାକାରେ ପ୍ରକାଶ କଲି । ପ୍ରହସନଟି ପାଠକ-ପାଠିକା ବର୍ଗଙ୍କ କ୍ରିୟଦୂର ଚିତ୍ତାକର୍ଷକ ହେବ । ତାହା କହିବା ମୋର କ୍ଷମତାତୀତ । ଅତଏବ ଦୋଷ ମାର୍ଜନା ନିମନ୍ତେ ସମସ୍ତଙ୍କ ଠାରେ କ୍ଷମା ପ୍ରାର୍ଥନା କରୁଅଛି । ଇତି ନିବେଦକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ।" (ଶୂରଦେଓଙ୍କ କାନ୍‌ଭାସ୍ - ପୃଷ୍ଠା-୨୪୮)

ଏଠାରେ ଶୂରଦେଓ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ ଗଦ୍ୟ ଆଙ୍ଗିକ କ୍ଷୁଦ୍ରଗଳ୍ପ ସଂପର୍କରେ ଅଜ୍ଞ ଥିଲେ । ଯେଉଁଥିପାଇଁ ସେ ପାଶ୍ଚାତ୍ୟ ଅନୁସୃତ ଗଳ୍ପ ଆଙ୍ଗିକକୁ ଗ୍ରହଣ କରିପାରି ନାହାନ୍ତି ବରଂ ଦେଶୀୟ ଶୈଳୀରେ ଫାର୍ସର ରୂପ ଦେଇଛନ୍ତି । ନାଟକଟିର ଆରମ୍ଭ ହେଉଛି ତାରାବାଈର ଗୀତରୁ, ସେ ଗୀତ ଗାଇ ଗାଇ ମଞ୍ଚ ପ୍ରବେଶ କରିଛି । ପରେ ନିଜର ପରିଚାରିକାକୁ କେତେକ ଆଦେଶ ଦେବା

ସହିତ ବାବୁ ଚନ୍ଦ୍ରମଣିଙ୍କ ପାଖକୁ କିପରି ଖବର ପହଞ୍ଚିବ ସେ ପ୍ରସଙ୍ଗ ଉଠାଇଛି । ଫାର୍ସଟିର ନାମକରଣ ଯେହେତୁ ତାରାବାଇକୁ କେନ୍ଦ୍ର କରୁଛି, ସେଥିପାଇଁ 'ତାରାବାଇ' ପ୍ରସଙ୍ଗଟିକୁ ନାଟ୍ୟକାର ଆରମ୍ଭରୁ ଆଣୁଛନ୍ତି । ଯେତେବେଳେ କି ଫକୀରମୋହନ ସୁଲୋଚନା ଦେବୀଙ୍କ ଠାରୁ କାହାଣୀ ଆରମ୍ଭ କରିଛନ୍ତି ।

ଗୀତିନାଟ୍ୟ :

ଯେଉଁ ନାଟକରେ ସଂଗୀତ ସଂଳାପ ଭାବରେ ପାତ୍ରପାତ୍ରୀଙ୍କ ମନୋଭାବକୁ ପ୍ରକାଶ କରିବାରେ ଅଧିକ ସହାୟ ହୁଏ, ତାହା ହେଉଛି ଗୀତିନାଟ୍ୟ । 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟଟି ଗୋପାଳ ଛୋଟରାୟଙ୍କ ଦ୍ୱାରା ପୁସ୍ତକ ଆକାରରେ ୧୯୭୪ରେ ପ୍ରଥମେ ପ୍ରକାଶ ପାଇଥିଲେ ବି ଏହା ପୂର୍ବରୁ ବେତାର ନାଟକ ରୂପେ ଖୁବ୍ ପରିଚୟ ପାଇ ସାରିଥିଲା । ନାଟକଟି ବାବୁ ଚନ୍ଦ୍ରମଣିଙ୍କ ଠାରୁ ଆରମ୍ଭ ହୋଇଥିଲେ ବି ସାଆନ୍ତାଣୀଙ୍କ ଗୁରୁତ୍ୱ ବାବୁଙ୍କ ଗୀତରୁ ଅଧିକ ସ୍ପଷ୍ଟ ହେଉଛି ।

(ଆରେ) ବାବୁ ହୋଇ ଯେବେ କାବୁ କଲା ମତେ
ମୋ ଘରେ ମୋହରି ଭାରିଯା
ଚନ୍ଦ୍ରମଣି ତୁ ମରିଯା,
x x x
ମୋହ ଘରେ ମୋତେ ହୁକୁମ କରୁଛି
ବସିଯା - ଉଠିଯା
ଚାଲିଯା - ରହିଯା, ଯା, ଯା, ଯା ଯା ...
(ଶ୍ରୀମତୀ ସଂମାର୍ଜନୀ - ପୃଷ୍ଠା-୨)

ଗୀତିନାଟ୍ୟଟି ବେତାରଧର୍ମୀ ହୋଇଥିବା ହେତୁ ଏହାର ସମୟ ଅବଧିକୁ ସଂକ୍ଷିପ୍ତ କରାଯାଇଛି । ସଂଳାପ ଅପେକ୍ଷା ସଂଗୀତ ଅଧିକ ଗୁରୁତ୍ୱ ପାଇଛି ।

ନାଟକ :

ଗୀତିନାଟକର ସଫଳତା ପରେ ଗୋପାଳ ଛୋଟରାୟ ଚିତ୍ରନାଟ୍ୟ ପାଇଁ 'ବାବୁ ଚନ୍ଦ୍ରମଣି' ଶୀର୍ଷକରେ ମୂଳ ଗଳ୍ପକୁ ଆଉଥରେ ରୂପାନ୍ତର କଲେ । କିନ୍ତୁ ଦୁଃଭାଗ୍ୟ ତାହା ହୋଇ ପାରିନଥିଲା । ପରେ ଗୋପାଳବାବୁ ୧୯୯୨ ମସିହାରେ ପ୍ରସ୍ତୁତ ପାଣ୍ଡୁଲିପିଟିକୁ ମଞ୍ଚନାଟକ ଭାବେ ପୁସ୍ତକ ଆକାରରେ ପ୍ରକାଶ କଲେ । ଫକୀର ମୋହନଙ୍କ ଗଳ୍ପର ଏଇଟି ଏକ ସାଂପ୍ରସାରିତ ରୂପ । ଚନ୍ଦ୍ରମଣି ବାବୁଙ୍କ ଜମିଦାରୀ ଖାନ୍‌ଦାନୀର ଚିତ୍ର ସହିତ ପିତା ଶ୍ୟାମ ପଟ୍ଟନାୟକ ଓ ଦୋଳପୂର୍ଣ୍ଣମୀ ଅବସରରେ ଜମିଦାରୀ ଘରେ ଯେଉଁ ଆଦତ କାଇଦା ଚଳେ ତାହାର ମଞ୍ଚ ଅବତାରଣା କରାଯାଇଛି । ଏ ସମସ୍ତ Flash back ଶୈଳୀ ମାଧ୍ୟମରେ ବାବୁଙ୍କ ସ୍ମୃତି ଚାଳନା ସହ ଦେଖାଇ ଦିଆଯାଇଛି । ନାଟକର ଆରମ୍ଭ ମଧ୍ୟ ବାବୁଙ୍କ ନିକଟରୁ ହୋଇଛି ।

ମୂଳ କାହାଣୀ ଓ ରୂପାନ୍ତରିତ ନାଟକରେ ସୂକ୍ଷ୍ମ ପ୍ରଭେଦ :

ଫକୀରମୋହନଙ୍କ କାହାଣୀକୁ ଦୁଇ ନାଟ୍ୟକାର ରୂପାନ୍ତରିତ କରିବା ସମୟରେ ଅନେକ ଦିଗରୁ ସ୍ୱତନ୍ତ୍ର କରି ଦେଖାଇବା ପାଇଁ ଚାହିଁଛନ୍ତି । ନିମ୍ନରେ ସେ ସମସ୍ତ ଦିଗ ଗୁଡ଼ିକୁ ଆଲୋଚନା କରାଗଲା ।

କାହାଣୀ :

ଫକୀରମୋହନ "ପେଟେଣ୍ଟ ମେଡ଼ିସିନ୍" ଗଳ୍ପକୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଫାର୍ସର ରୂପଦେବା ସମୟରେ ମୂଳ କାହାଣୀକୁ ସଂପୂର୍ଣ୍ଣ ଅନୁସରଣ କରି ନାହାଁନ୍ତି । ଚନ୍ଦ୍ରମଣି ବାବୁ ତାରାବାଇ ନିକଟକୁ ଯିବାବେଳେ ବଂଧୁ ଧନୁର୍ଦ୍ଧର ମହାନ୍ତି ଦେଖା ହୁଅନ୍ତି । ଉଭୟେ ତାରାବାଈର ଆଖଡ଼ା ଘରେ ମଉଜମସ୍ତି କରିବା କଥା ଫାର୍ସରେ ବର୍ଣ୍ଣିତ ହୋଇଛି । ତାରାବାଈ ପ୍ରସଙ୍ଗରେ ଅଧିକ ବର୍ଣ୍ଣନା କରିବାକୁ ଯାଇ ଶୂରଦେଓ ତାକୁ ବରଯାତ୍ରୀ ପାର୍ଟିରେ ନୃତ୍ୟ କରିବା ପ୍ରସଙ୍ଗକୁ ନେଇଅଛନ୍ତି । ଏଥିସହିତ ତାରାବାଈର ବିଶ୍ୱସ୍ତ ପରିଚାରିକା (ପଦୀ) ରହିଥିବା କଥା ଶୂରଦେଓଙ୍କ କାହାଣୀରେ ରହିଛି । 'ଶ୍ରୀମତୀ ସଂମାର୍ଜନୀ'ର ନାଟ୍ୟକାର ଗୋପାଳ ଛୋଟରାୟ ଅବିକଳ ନ ହେଲେ ବି ଊଣା ଅଧିକେ ଫକୀରମୋହନୀୟ କାହାଣୀକୁ ଗ୍ରହଣ କରିଛନ୍ତି । ଗୀତିନାଟ୍ୟ ଧର୍ମ ଅନୁଯାୟୀ ଅନେକ ସଂଳାପ ଗୀତ ମାଧ୍ୟମରେ ରଚନା ହୋଇଥିବା ବେଳେ ବାବୁଙ୍କ ଭଦ୍ରକିଆ ଟୋକା ନୋକାର ଭେଟ, ଚିଠି ଦେବା ପ୍ରସଙ୍ଗ ଓ ଉସ୍‌ମାନ ତାରାର ବିବରଣୀ ପ୍ରଦାନ ଅତିରଞ୍ଜିତ ହୋଇଛି ।

ମଞ୍ଚନାଟକ 'ବାବୁ ଚନ୍ଦ୍ରମଣି'ର କାହାଣୀ ଫକୀରମୋହନଙ୍କ ଗଳ୍ପର ଏକ ବିସ୍ତାରିତ ରୂପ । ବାବୁଙ୍କର କଲେଟିରେ ଚାକିରିର ବିବରଣୀ, କଟକ ରହଣୀ ସମୟରେ ଉସ୍‌ମାନ ତାରା ସହିତ ଭେଟ, ଗାଁ ଜମିଦାର୍ ଖାନ୍‌ଦାନିର ଚିତ୍ର ଆଦି ନାଟକରେ ସ୍ଥାନ ପାଇଛି । ଏଥିସହିତ ଉସ୍‌ମାନ ତାରାର ସୁସଜ୍ଜିତ ବୈଠକଖାନା, ପରିଚାରକ-ପରିଚାରିକା, ସଂଗୀତ ପ୍ରତିଯୋଗିତାରେ ଯୁଥିକା ବାଈଠାରୁ ଉସ୍‌ମାନତାରାର ବିଜୟ ଆଦି

ପ୍ରସଙ୍ଗ ବର୍ଣ୍ଣିତ ହୋଇଛି । ଯାହା ମୂଳ କାହାଣୀରେ ନାହିଁ ।

ସଂଳାପ :

ତିନୋଟି ଯାକ ରୂପାନ୍ତରିତ ନାଟକର ସଂଳାପ ପାତ୍ରମୁଖୀ ହୋଇପାରିଛି । ଶୂରଦେଓଙ୍କ ସଂଳାପ ରଚନା ଅନେକ ସ୍ଥଳେ ଦୀର୍ଘ ହୋଇଥିବା ବେଳେ, ଗୋପାଳ ଛୋଟରାୟ ସଂକ୍ଷିପ୍ତ ସଂଳାପ ପ୍ରୟୋଗ କରିଛନ୍ତି । 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟର ଅନେକ ସଂଳାପ ଗୀତ ମାଧ୍ୟମରେ ଶ୍ରୋତାମାନଙ୍କୁ ଆନନ୍ଦ ଦେଇପାରିଛି । ଏଠାରେ ଦୁଇଟି ଉଦାହରଣ ଦିଆଗଲା ଯେଉଁଥିରେ କି ଶୂରଦେଓ ଓ ଗୋପାଳ ଛୋଟରାୟଙ୍କ ସଂଳାପ ଚୟନକୁ ବିଚାର କରାଯାଇଛି ।

"ସୁଲୋଚନା ହେଲା, ଆଉ ଗୋଟାଏ କଅଣ ପୁଣି ନୂଆ ପ୍ରେମ ବାହାରିଲାଣି, ସେଇ ଯେଉଁ ଗଞ୍ଜେଇ ମଦ, ନିଆଁ ଚୁଲି, ପାଉଁଶ ନିଶାଗୁଡ଼ାକୁ ଖାଇଥିଲ, ତାର ଗୁଣ ବାହାରୁଛି ଏବେ, ନିଶାର କ'ଣ ଉଣାଗୁଣ, ଏ ସଂସାର ଯାକର ରୋଗ ଆସି ଦିହରେ ପଶିବ । ଏଣେ ତିନି ତିନି ଜଗାରେ ଚାକରି ହେଲା, ଗଲା । ଲୋକେ, କେତେ ଛି, ଛା କଲେ, କେତେ ଟଙ୍କା କୁଆଡ଼େ ପାଣିରେ ପଡ଼ିଲା । ଗଲା ଚାକିରି ଯାଉ, ଟଙ୍କା ଯାଉ । ଯା ହେବାର ତ ହେଲା, ଏଣିକି ଦିହଟା ଭଲା ଟିକିଏ ସୁଧୁରି ଯାଉ । ଏବେ ପୁଣି କ'ଣ ସେହି ପୁରୁଣା ଫିସାଦ ବାହାରିଲାଣି ।"

(ଶୂରଦେଓଙ୍କ କାନ୍‌ଭାସ - ପୃ-୨୫୯)

"ସୁଲୋଚନା ମୁଁ ମରିଯାଏଟି ! ବୁଝିଲ, ମତେ ଜଣାପଡୁଛି ସେଇ ଯେଉଁ ନିଆଁ ପାଉଁଶ ନିଶା ପାଣି ଗୁଡ଼ାକ ଗିଳୁଥିଲ ଏ ତାରି ଫଳ ।" (ବାବୁ ଚନ୍ଦ୍ରମଣି - ପୃ-୮୨)

ଉଭୟ ସଂଳପରେ ସୁଲୋଚନା ଦେବୀଙ୍କ କଥାକୁ ନିଆଯାଇଛି । ଶୂରଦେଓଙ୍କ ସଂଳାପ ଅତି ଦୀର୍ଘ ହୋଇଥିବା ବେଳେ, ଗୋପାଳ ଛୋଟରାୟ ଆବଶ୍ୟକତା ଅନୁଯାୟୀ ସଂଳାପ ବ୍ୟବହାର କରିଛନ୍ତି । ଯେଉଁଠିକି ଫକୀରମୋହନ ସୁଲୋଚନାଙ୍କ ଏହି ଉକ୍ତିକୁ ଅତି ସଂକ୍ଷିପ୍ତ ଆଉ ବ୍ୟଞ୍ଜନାତ୍ମକ ରୂପ ଦେଇଛନ୍ତି ।

ଚରିତ୍ର :

ଚରିତ୍ର ଚିତ୍ରଣ ହେଉଛି ନାଟକର ପ୍ରଧାନ ବିଷୟ । ଏ ଦୃଷ୍ଟିରେ ଦେଖିଲେ ଗୋବିନ୍ଦ ଚନ୍ଦ୍ର ଶୂରଦେଓଙ୍କ 'ତାରାବାଈ ଫାର୍ସ'ରେ ସର୍ବମୋଟ ସ୍ତ୍ରୀ ଓ ପୁରୁଷ ଚରିତ୍ର ମିଶାଇ ୧୨ ଗୋଟି ଚରିତ୍ର ଚୟନ କରିଥିବା ସ୍ଥଳେ, "ଶ୍ରୀମତୀ ସଂମାର୍ଜନୀ"ରେ ଚାରିଗୋଟି ଚରିତ୍ରର ଅବତାରଣା କରାଯାଇଛି । 'ଉସ୍‌ମାନତାରା'ର ଚାରିତ୍ରିକ ମୂଲ୍ୟାୟନ ନ ହୋଇ ତା'ର ନାମକୁ ଅଧିକ ଗୁରୁତ୍ୱାରୋପ କରାଯାଇଛି, ସୁଲୋଚନା ଦେବୀଙ୍କ କର୍ତ୍ତୃତ୍ୱ ଜାରି ଅଧିକ ସ୍ପଷ୍ଟ ହୋଇଛି । ସେହିପରି 'ବାବୁ ଚନ୍ଦ୍ରମଣି' ନାଟକରେ ଗୋପାଳ ଛୋଟରାୟ ୧୦ ଗୋଟି ଚରିତ୍ରର ଅବତାରଣା କରିଛନ୍ତି । ଯେତେବେଳେ କି ମୂଳ ଗଳ୍ପରେ ସର୍ବମୋଟ ସାତଗୋଟି ଚରିତ୍ର ରହିଛି ।

ଅଙ୍କ ଓ ଦୃଶ୍ୟର ବିଭାଜନ :

ନାଟକରେ ଦୃଶ୍ୟ-ଅଙ୍କର ବିଭାଜନ ନାଟ୍ୟକାର ପାଇଁ ଏକ ପ୍ରମୁଖ କଥା ମନେ ହୋଇଥାଏ । ରୂପାନ୍ତରିତ ତିନୋଟି ନାଟକରେ 'ତାରାବାଈ ଫାର୍ସରେ ଦଶଟି ଦୃଶ୍ୟର ପରିକଳ୍ପନା ହୋଇଥିବା ସ୍ଥଳେ, 'ଶ୍ରୀମତୀ ସଂମାର୍ଜନୀ'ରେ ସାତଟି ଦୃଶ୍ୟ ଏବଂ 'ବାବୁ ଚନ୍ଦ୍ରମଣି' ନାଟକଟି ଯେହେତୁ ଚିତ୍ରନାଟ୍ୟ ପାଇଁ ପ୍ରସ୍ତୁତ ହୋଇଥିଲା, ସେଥିପାଇଁ ଦୃଶ୍ୟ ଅଙ୍କର ସୂଚନା ନାହିଁ । ବରଂ ଏହା ସ୍ଥଳେ ପ୍ରଥମାର୍ଦ୍ଧ ଓ ଦ୍ୱିତୀୟାର୍ଦ୍ଧ ନାମରେ ଦୁଇଟି ବିଭାଗ ରହିଛି ।

ମଞ୍ଚାୟନ ପ୍ରତି ଗୁରୁତ୍ୱ :

ନାଟକ ଅଭିନୟ ପାଇଁ ମଞ୍ଚର ଆବଶ୍ୟକତା ରହିଛି । ଏହି ଦୃଷ୍ଟିରୁ 'ତାରାବାଈ ଫାର୍ସ'ରେ ଦୁଇଟି ସେଟ୍‌ର ପରିକଳ୍ପନା ସହ 'ଶ୍ରୀମତୀ ସଂମାର୍ଜନା' ଗୀତିନାଟ୍ୟରେ ଗୋଟିଏ ସେଟ୍ (ବାବୁଙ୍କ କଟକସ୍ଥ ବଙ୍ଗଳା)ର ପରିକଳ୍ପନା ହୋଇଛି । ଏଥିସହ 'ବାବୁ ଚନ୍ଦ୍ରମଣି' ନାଟକଟିରେ ତିନୋଟି ସେଟ୍ (ବାବୁଙ୍କ କଟକସ୍ଥ ଘର, ତାରାବାଈର ଆଖଡ଼ା ଶାଳା ଏବଂ ଗାଁ ପରିସରରେ ଥିବା ଜମିଦାର ବଙ୍ଗଳା)କୁ ସେଟ୍ ଭାବେ ନିଆଯାଇଛି । ଏହା ସାଙ୍ଗକୁ ମାଦକ ଦ୍ରବ୍ୟ, ସୁଲୋଚନା ଦେବୀଙ୍କ ଝାଡୁ ଏବଂ ବାବୁଙ୍କ ନିଶ ଏ ସମସ୍ତ ଉପଯୋଗୀୟ ଉପକରଣ ଭାବେ ପ୍ରତ୍ୟେକ ନାଟକରେ ନିଆଯାଇଛି ।

ନାମକରଣରେ ଗୁରୁତ୍ୱ ଓ ବିବିଧତା :

କୃତିଟିକୁ ପରିଚୟ ପ୍ରଦାନ କରେ ନାମକରଣ । ଏ ଦୃଷ୍ଟିରୁ ଗୋବିନ୍ଦ ଚନ୍ଦ୍ର ଶୂରଦେଓ ଫକୀରମୋହନଙ୍କ ନାମକରଣକୁ ଅପରିବର୍ତ୍ତିତ ରଖି ପାରିଛନ୍ତି କିଛି ମାତ୍ରାରେ । ଗୋପାଳ ଛୋଟରାୟଙ୍କ 'ଶ୍ରୀମତୀ ସଂମାର୍ଜନୀ' ସୁଲୋଚନା ଦେବୀ ବା ଝାଡୁ ମୁଠାର ଗୁରୁତ୍ୱକୁ ଦର୍ଶାଉ ଥିବାବେଳେ, 'ବାବୁ ଚନ୍ଦ୍ରମଣି' ନାଟକରେ ବାବୁଙ୍କ ଖାମଖିଆଲି, ବିଳାସବ୍ୟସନ, ଜମିଦାର ପଣିଆ ଆଦି ଗୁରୁତ୍ୱ ପାଇଛି । ଯେଉଁଥିପାଇଁ ନାମକରଣ ବାବୁଙ୍କୁ କେନ୍ଦ୍ର କରିଛି । ଗଳ୍ପ ଓ ରୂପାନ୍ତର ନାଟକରେ ଶବ୍ଦ ଓ ବାକ୍ୟସ୍ତରରେ ପ୍ରଭେଦ - ଫକୀରମୋହନଙ୍କ ଗଳ୍ପକୁ ରୂପାନ୍ତର କରିବା ସମୟରେ

ଲେଖକମାନେ ଅନେକ ଶବ୍ଦ ଓ ବାକ୍ୟକୁ ସାଂପ୍ରତିକତା ପରିପ୍ରେକ୍ଷୀରେ ପ୍ରୟୋଗ କରିବାକୁ ଚେଷ୍ଟା କରିଛନ୍ତି । ସେଗୁଡ଼ିକ ନିମ୍ନମତେ ସୂଚାଇ ଦିଆଗଲା ।

ଫକୀରମୋହନ ଯେଉଁ ସ୍ଥାନରେ 'ମୁଚ୍ଛ' ଶବ୍ଦର ପ୍ରୟୋଗ କରିଛନ୍ତି । ଶୂରଦେଓ ଅବିକଳ ଭାବେ 'ମୁଚ୍ଛ' ଶବ୍ଦକୁ ଗ୍ରହଣ କରିଥିବା ବେଳେ; ଗୋପାଳ ଛୋଟରାୟ ତାଙ୍କ ଦୁଇଟିଯାକ ନାଟକରେ 'ନିଶ' ଶବ୍ଦକୁ ଗୁରୁତ୍ୱ ଦେଇଛନ୍ତି । "ପଟ୍ଟନାୟକେ" ସ୍ଥାନରେ ଉଭୟ ନାଟ୍ୟକାର 'ପଟ୍ଟନାୟକ' ଶବ୍ଦକୁ ଗ୍ରହଣ କରିଛନ୍ତି । 'ଉସ୍‌ମାନ ତାରା' ନାମଟିକୁ ଗୋପାଳ ଛୋଟରାୟ ଅବିକଳ ନେଇଥିବା ବେଳେ, ଶୂରଦେଓ 'ତାରାବାଈ' ନାମକୁ ନେଇଛନ୍ତି ।

ଫକୀରମୋହନଙ୍କ 'ସଡ଼କ' ଶବ୍ଦର ବ୍ୟବହାରକୁ ଉଭୟ ନାଟ୍ୟକାର ଭିନ୍ନ ଭିନ୍ନ ରୂପରେ ବ୍ୟବହାର କରିଛନ୍ତି । ଶୂରଦେଓ 'ରାଜପଥ' ଶବ୍ଦକୁ ଉପଯୁକ୍ତ ମନେ କରିଥିବା ସ୍ଥଳେ ଗୋପାଳ ଛୋଟରାୟ 'ରାସ୍ତା' ଶବ୍ଦର ବ୍ୟବହାର କରିଛନ୍ତି । ଅନୁରୂପ ଭାବେ 'ତିର୍ଲାଲୋକ' ଶବ୍ଦଟି ଶୂରଦେଓଙ୍କ ରଚନାରେ 'ମାଇକିନିଆ' ରୂପେ ଓ ଗୋପାଳ ଛୋଟରାୟ 'ସ୍ତ୍ରୀ ଲୋକ' ଭାବେ ନେଇ ଅଛନ୍ତି ।

ବାକ୍ୟ ସ୍ତରରେ ଫକୀରମୋହନ ଓ ଦୁଇ ନାଟକାରଙ୍କ ପ୍ରଭେଦଗୁଡ଼ିକୁ ଦେଖାଇ ଦିଆଯାଇପାରେ ।

"ସାଆନ୍ତାଣୀଙ୍କ ଟାଣୁଆ ହୁକୁମ୍ ଜାରି' ଏହି ବାକ୍ୟକୁ ଗୋପାଳ ଛୋଟରାୟ ଅନୁରୂପ ଭାବେ ନ ହେଲେ ବି କିଛି ପରିମାଣରେ ଗ୍ରହଣ କରିଛନ୍ତି । 'ବାବୁ ଚନ୍ଦ୍ରମଣି' ନାଟକରେ 'ସାଆନ୍ତାଣୀଙ୍କ ହୁକୁମ୍ ହୋଇଛି' ରହିଥିବା ବେଳେ, 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟରେ 'ହୁକୁମ୍ କରିଛି ଜାରି' ବୋଲି ଲେଖିଛନ୍ତି । ଶୂରଦେଓ ସେହି ସ୍ଥାନରେ ସିଧାସଳଖ 'ପଦାକୁ ଜମା ଯିବାକୁ ଦେବନାହିଁ, ବୋଲି ଲେଖିଛନ୍ତି । 'ପାଖ ସଡ଼କରେ ବୁଲିବାର' ସ୍ଥାନରେ ଶୂରଦେଓ 'ପୁଣି ଦାଣ୍ଡ ଦୁଆରେ ବୁଲୁଥିବି' ଲେଖିଥିବା ବେଳେ ଗୋପାଳ ଛୋଟରାୟ 'ଦାଣ୍ଡ ଦୁଆରେ ବୁଲୁଥିବ' ବୋଲି ଲେଖିଛନ୍ତି । 'ଯେମିତି ସେ ଟୋକାର ପାଖ ପାଖ ହେଲେ' ସ୍ଥାନରେ ଉଭୟ ନାଟ୍ୟକାର 'କାହ୍ନୁଆର ନିକଟସ୍ଥ ହେବା' ବା 'ନୋକାର ପାଖକୁ ଯିବା' ପ୍ରସଙ୍ଗ ଲେଖିଛନ୍ତି । 'ଚିଠିଖଣ୍ଡିକ ପଢ଼ିସାରି ଟିକି ଟିକି କରି ଛିଣ୍ଡାଇ ପକାଇଲେ' ସ୍ଥାନରେ ଉଭୟ ନାଟ୍ୟକାର 'ଚିଠିକୁ ଲୁଚାଇ ଦେଲେ' ବୋଲି ଲେଖିଛନ୍ତି । 'ଦେହ ଖୁବ୍ ଅଚ୍ଛା ହୋଇଯିବ' ସ୍ଥାନରେ 'ଦେହ ଭଲ ହୋଇଯିବ' ବୋଲି ଲେଖା ରହିଛି ।

'ତା ଉପରେ ବି ଅସରା ପରି ଛାଞ୍ଚୁଣୀ ପଡୁଛି', ସ୍ଥାନରେ ଗୋବିନ୍ଦ ଶୂରଦେଓ 'ପାଖରେ ପଡ଼ିଥିବା ଛାଞ୍ଚୁଣୀ ଧରି ପ୍ରହାରିଲେ' ଲେଖିଥିବା ବେଳେ ଗୋପାଳ ଛୋଟରାୟ 'କମ୍ବଳ-ଫୋପାଡ଼ି ସାଆନ୍ତାଣୀ ଝପଟୀ ଉଠିଲେ ଓ ଛାଞ୍ଚୁଣୀ ମୁଠାରେ ପିଟିଲେ' ବୋଲି ଲେଖା ରହିଛି ।

ଏଠାରେ ଫକୀରମୋହନ ଭାଷା, ଶବ୍ଦ ଚୟନକୁ ଦେଖାଇ ଦିଆଯିବା ସହ ରୂପାନ୍ତର ନାଟକର ଭାଷା କିପରି ହୋଇଛି ତାହା ଦର୍ଶାଇ ଦିଆଗଲା । ଫକୀରମୋହନଙ୍କ ବର୍ଣ୍ଣନାରେ ବହୁ ଉପମା ଓ ଚିତ୍ରଧର୍ମୀତା ରହିଥିବା ସ୍ଥଳେ ନାଟକଗୁଡ଼ିକର ଭାଷା ଯୁଗୀୟ ରୁଚିକୁ ବହନ କରିଛି ।

କାହାଣୀ ଭିତ୍ତିରେ ଅପରିବର୍ତ୍ତନୀୟ ଉପାଦାନ ବା ସାମ୍ୟଭାବ

ଫକୀରମୋହନଙ୍କ ଗଳ୍ପ ରୂପାନ୍ତର ସମୟରେ ନାଟ୍ୟକାରମାନେ ଯେଉଁ କେତୋଟି ଉପାଦାନ ବା କଥାକୁ ଅବିକଳ ଗ୍ରହଣ କରିଛନ୍ତି । ସେଗୁଡ଼ିକ ହେଲା –

(କ) ଉସ୍‌ମାନତାରାର ଚିଠି ପ୍ରେରଣ ପ୍ରସଙ୍ଗ ସବୁ କାହାଣୀରେ ସମାନ ରହିଛି ।

(ଖ) ସୁଲୋଚନା ଦେବୀଙ୍କ ଛାଞ୍ଚୁଣୀ ମୁଠାରେ ପ୍ରହାର ।

(ଗ) ବାବୁଙ୍କର କମ୍ବଳ ଘୋଡ଼ାଇ ହୋଇ ଧାରଣା ଦେବା ।

(ଘ) ମକରାକୁ ସାଆନ୍ତାଣୀ ଭ୍ରମବଶତଃ ବାବୁ ମନେକରିବା ।

(ଙ) ପ୍ରତ୍ୟେକଟିରେ ପ୍ରମୁଖ ଚରିତ୍ରମାନଙ୍କର ନାମକରଣରକୁ ଅପରିବର୍ତ୍ତନୀୟ ରଖାଯାଇଛି ।

(୧) "ବାହାବା କେଡ଼େ ମଜହଦାର । ମଦ, ଗଞ୍ଜା, ଗୁଣ ଯେ ଜାଣେ ସେଇତ ସମାଜଦାର" ଏ ପଂକ୍ତିଟି ସମସ୍ତ କ୍ଷେତ୍ରରେ ଅବିକଳ ରହିପାରିଛି ।

ରୂପାନ୍ତର ସମୟରେ ନାଟ୍ୟକାରଙ୍କୁ ପ୍ରେରଣା ଯୋଗାଉଥିବା ପ୍ରସଙ୍ଗ :

ଗୋବିନ୍ଦ ଶୂରଦେଓ ଉସ୍‌ମାନତାରା ପ୍ରସଙ୍ଗକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । କାରଣ ତାଙ୍କ ରଚନାଟି ଫାର୍ସ ଶ୍ରେଣୀୟ । ସେଥିପାଇଁ ଫକୀରମୋହନଙ୍କ ନାମମାତ୍ର ଚରିତ୍ର 'ଉସ୍‌ମାନତାରା' ଗୋବିନ୍ଦ ଶୂରଦେଓଙ୍କ ଫାର୍ସର ମୁଖ୍ୟ ଚରିତ୍ର । ଗୋପାଳ ଛୋଟରାୟ ଫକୀରମୋହନଙ୍କ ଗଳ୍ପରେ ବର୍ଣ୍ଣିତ ପୂଜାରୀ ପଣ୍ଡାର ସଂଳାପକୁ ଭିତ୍ତିକରି ଭିନ୍ନ ଭିନ୍ନ ଦୁଇଟି ନାଟକ ଲେଖିଛନ୍ତି । ଯେପରି – "ଆମ ସାଆନ୍ତାଣୀ ଗୋଟିଏ ଅଦ୍ଭୁତ୍ ସ୍ତ୍ରୀ, ସ୍ୱାମୀ ଉପରେ ଭକ୍ତିର ସୀମା

ନାହିଁ । ବାବୁ ଟିକିଏ ବାଧିକି ପଡ଼ିଲେ ଆପେ ନ ଖାଇ ନ ପିଇ ଦିନଯାକ ପାଖରେ ବସି ସେବା କରୁଥିବେ । "ଯା ଉପରେ ଗୋପାଳ ଛୋଟରାୟଙ୍କ 'ବାବୁ ଚନ୍ଦ୍ରମଣି' ନାଟକ ଛିଡ଼ା ହୋଇଛି ।

"ସାଆନ୍ତାଣୀଟି ବଡ଼ ଭଲ, ବଡ଼ ଲୋକ ଝିଅ, ବଡ଼ ଲୋକ ବୋହୂ, ମନ ବି ସେହିପରି ବଡ଼ । ମାତ୍ର ଟିକିଏ ରାଗି ।" ମୁହଁଟା ବଡ଼ କଡ଼ା, 'ଶ୍ରୀମତୀ ସଂମାର୍ଜନୀ' ଗୀତିନାଟ୍ୟର ପ୍ରମୁଖ ଆୟୁଧ ଏ ସଂଳାପ ଟିକକ ।

ଉପସଂହାର : ମୋଟା ମୋଟି ଦେଖିବାକୁ ଗଲେ ଗଳ୍ପର ନାଟ୍ୟରୂପ ଦେବା ସମୟରେ ନାଟ୍ୟକାରମାନେ କ୍ଷେତ୍ର ବିଶେଷରେ ନିଜସ୍ୱ ସ୍ୱାଧୀନତାକୁ ପ୍ରାଧାନ୍ୟ ଦେଇଥାନ୍ତି । ଯାହା 'ପେଟେଣ୍ଟ ମେଡ଼ିସିନ୍'ର ନାଟ୍ୟ ରୂପାନ୍ତରକୁ ଦେଖିଲେ ସହଜେ ମନେହୁଏ । ଫକୀରମୋହନଙ୍କ ଗଳ୍ପର ଯେପରି ପାଠକୀୟତା ରହିଛି, ଠିକ୍ ସେହିପରି ଗଳ୍ପଟିର ରୂପାନ୍ତର ହେଲାବେଳେ ଫକୀରମୋହନ ଆଉ ଦୃଶ୍ୟ ନ ହୋଇ ଉଭୟ ନାଟ୍ୟକାର ଶ୍ରଦ୍ଧାଭାଜନ ହୋଇ ପାରିଛନ୍ତି । ଗଳ୍ପର ଗଠନ ଦୃଷ୍ଟିରୁ ଫକୀରମୋହନ ତାଙ୍କ ସ୍ଥାନରେ ସ୍ୱତନ୍ତ୍ର ଥିବାବେଳେ; ତିନୋଟି ଆଙ୍ଗିକରେ ରଚିତ ନାଟକଗୁଡ଼ିକ ମଧ୍ୟ ନିଜ ନିଜର ସ୍ୱାତନ୍ତ୍ର୍ୟ ବଜାଇ ରଖିଛନ୍ତି । ଏହାର ପ୍ରମୁଖ କାରଣଟି ହେଲା ମୂଳ ଗଳ୍ପରେ ରହିଥିବା ଆବେଦନ । ଯାହା ପ୍ରତ୍ୟେକଟି ଫର୍ମକୁ ଯାଇ ମଧ୍ୟ ସ୍ୱତନ୍ତ୍ର ହୋଇପାରିଛି ।

ସହାୟକ ଗ୍ରନ୍ଥସୂଚୀ :

୧) ଛୋଟରାୟ, ଗୋପାଳ, ବାବୁ ଚନ୍ଦ୍ରମଣି, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦ ବିହାରୀ କଟକ-୭୫୩୦୦୨, ପ୍ରଥମ ସଂସ୍କରଣ-୧୯୯୨ ।

୨) ଛୋଟରାୟ, ଗୋପାଳ, ଶ୍ରୀମତୀ ସଂମାର୍ଜନୀ, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ଜାନୁଆରୀ ୧୯୭୬ ।

୩) ଦାଶ, ଦେବେନ୍ଦ୍ର କୁମାର, (ସଂପାଦନା, ଫକୀରମୋହନ ଗ୍ରନ୍ଥାବଳୀ (ତୃତୀୟ ଖଣ୍ଡ) ଗ୍ରନ୍ଥ ମନ୍ଦିର, ସୂତାହାଟ, କଟକ-୧, ଦ୍ୱିତୀୟ ସଂସ୍କରଣ-୨୦୧୨ ।

୪) ମିଶ୍ର, ଜ୍ଞାନୀ ଦେବାଶିଷ, (ସଂ) ଶୂରଦେଓଙ୍କ କାନଭାସ୍, ନୂପୁର ୧୯୦୫ ଶତାବ୍ଦୀ ନଗର, ଭୁବନେଶ୍ୱର, ପ୍ରଥମ ପ୍ରକାଶ, ଏପ୍ରିଲ୍-୨୦୧୨ ।

ଫକୀରମୋହନ ବିଶ୍ୱବିଦ୍ୟାଳୟ
ମୋ.: ୭୫୦୪୧୦୦୮୧୮

ISSN -2583-147X(P), Vol.- 8, Issue No. VI, September 2022
Bastabatara Pariprakash Prachee
Peer Reviewed and Referred Research Journal

ଭାରତୀୟ ଓ ଆନ୍ତର୍ଜାତୀୟ ପରିପ୍ରେକ୍ଷାରେ ଲୋକସାହିତ୍ୟ ଅଧ୍ୟୟନର ବିବିଧ ତାତ୍ତ୍ୱିକ ଦିଗ ବନାମ ବେନ୍‌ଫିଙ୍କ ସାଂସ୍କୃତିକ ବିସରଣବାଦୀ ସିଦ୍ଧାନ୍ତ

ଡକ୍ଟର ସନ୍ତୋଷ କୁମାର ନାୟକ

ଲୋକ ସଂସ୍କୃତି (Folklore)ର ପୁଙ୍ଖାନୁପୁଙ୍ଖ ଅଧ୍ୟୟନ ସାଂପ୍ରତିକ କାଳରେ ଏକ ଅତ୍ୟାବଶ୍ୟକ ବିଭାବ (Aspect) ଭାବରେ ଦେଖା ଦେଇଛି । ମୂଳ ସଂସ୍କୃତିର ଅସ୍ତିତ୍ୱ ଓ ସ୍ୱରୂପ ଖୋଜିବାକୁ ଯାଇ ଏହି ଅଧ୍ୟୟନ ଜରୁରୀ ହୋଇପଡ଼ିଛି । ପୁଣି ଦେଖିବାକୁ ଗଲେ ଏହି ଅସ୍ମିତା ସଂଧାନ କ୍ଷେତ୍ରରେ ଭାଷାତତ୍ତ୍ୱର ଗୁରୁଦାୟିତ୍ୱ ଓ ଅଂଶୀକରଣ କଥାଟାକୁ ଗୌଣ ମନେ କରାଯାଇ ନପାରେ । ଭାଷାତତ୍ତ୍ୱର ଅନ୍ୟତମ ଉପବିଭାଗ ଶବ୍ଦ ବ୍ୟୁତ୍ପତ୍ତି (Etymology) ବିଜ୍ଞାନ ସହ ଲୋକ-ସଂସ୍କୃତିର ସଂପର୍କ ଅକାଟ୍ୟ, ଅବିଚ୍ଛେଦ୍ୟ ଓ ଅତୀବ ଘନିଷ୍ଠ । ଗୋଟିଏ ଶବ୍ଦର ମୂଳ ରୂପକୁ ବା ମୂଳ ଉତ୍ସକୁ ଖୋଜି ଖୋଜି ଗଲାବେଳେ ଆପେ ଆପେ ଲୋକ ସଂସ୍କୃତିର କଥା ତା' ଭିତରକୁ ଆସିଯାଏ । ଏଠାରେ Raven I Mc David ଙ୍କ ସ୍ୱୀକୃତ ଲୋକ ଭାଷାର ତ୍ରିବିଧ ଧାରା କଥା କୁହାଯାଇପାରେ । ଯଥା (କ) Cultivated Speech (ଖ) Common Speech (ଗ) Folk Speech ଜାକବ୍ ଗ୍ରୀମ୍ ଓ ଉଇଲ୍‌ହେମ୍ ଜର୍ମାନୀ ଭାଷା ଓ ଲୋକସାହିତ୍ୟର ଅନେକ ଉପାଦନା ସଂଗ୍ରହ କରିଥିଲେ । ସେମାନେ ଜର୍ମାନ୍ ଉପଭାଷାଗୁଡ଼ିକ ମଧ୍ୟରେ ଏକାଧିକ ସାମଞ୍ଜସ୍ୟ ପାଇଥିଲେ । ଏହି ସବୁ ସାମଞ୍ଜସ୍ୟ ରୂପ (Morphology), ଶବ୍ଦ, ଧ୍ୱନି ଏପରିକି ରୂପମ ଓ ବାକ୍ୟସ୍ତରରେ ଥିଲା । ଜର୍ମାନ୍ ଭାଷାର ମୂଳ ଖୋଜି ଖୋଜି ସେମାନେ ପାଖାପାଖି ଅନ୍ୟାନ୍ୟ ଭାଷାଗୁଡ଼ିକୁ ମଧ୍ୟ ଅଧ୍ୟୟନ କରିବାକୁ ଲାଗିଲେ । ତୁଳନାତ୍ମକ ପ୍ରେକ୍ଷାପଟ୍ଟରେ 'ସଂସ୍କୃତି'କୁ ଆଧାର କରି ସେମାନେ ଏସବୁ ଭାଷାର ତୁଳନାତ୍ମକ ଅଧ୍ୟୟନ କଲେ ଓ ଶେଷରେ ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର କେନ୍ତୁମ୍‌ବର୍ଗସ୍ଥ ଟିଉଟନିକ୍ ବା ଜର୍ମାନିକ୍ ଶାଖାକୁ ଆବିଷ୍କାର କଲେ । ବାସ୍ତବରେ ଇଣ୍ଡୋ-ୟୁରୋପୀୟ ଭାଷା ପରିବାରର ଏହି ଶାଖାଟି ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ । ଏଥିରୁ ଜାତ ଇଂରେଜୀ ଭାଷା ଆଜି ଆନ୍ତର୍ଜାତିକ ଭାଷା । ଏହି ଶାଖା ନିଜର ଧ୍ୱନି ପରିବର୍ତ୍ତନ ପାଇଁ ପ୍ରସିଦ୍ଧ । ଧ୍ୱନି ପରିବର୍ତ୍ତନ ହେତୁ ଏହା ଅନ୍ୟ ଶାଖାମାନଙ୍କଠାରୁ, ଯଥେଷ୍ଟ ଭିନ୍ନ (୧) ଏହାକୁ ପ୍ରଥମେ ଖିସ୍‌ମସ୍ ରାସ୍କ (୧୭୮୭-୧୮୩୨) ଆବିଷ୍କାର କରିଥିଲେ ଓ ଜାକବ୍ ଗ୍ରୀମ୍ ଏବାବଦରେ ନିୟମ (Grim's Law) ପ୍ରଣୟନ କରିଥିଲେ । କେତେକ ସମାଜତତ୍ତ୍ୱବିତ୍ (Sociologists) ଇଣ୍ଡୋୟୁରୋପୀୟ ଭାଷା ପରିବାରକୁ ଜର୍ମାନୀ ମୂଳ ବୋଲି କହିଥା'ନ୍ତି ।(୨)

ସେହିପରି ଭାରତବର୍ଷର ସଂରଚନାକୁ ଦେଖା ଯାଇପାରେ । ଭାରତବର୍ଷରେ ଯେଉଁ Ethnic diversity, Religious diversity ଓ Linguistic diversity ଦେଖାଯାଏ, ସେଗୁଡ଼ିକର କାରଣ ଓ ଫଳାଫଳ (Causes & Consequences) ନିର୍ଣ୍ଣୟ କରିବା ସମୟରେ ଏକ ବିସରଣବାଦୀ ବା ସଂଚରଣବାଦୀ ଚେତନାରେ ଆକ୍ରାନ୍ତ ହେବାକୁ ପଡ଼େ । ଏସବୁ ବୈଷମ୍ୟ ମଧ୍ୟରେ ସାମ୍ୟ ଓ ସୂକ୍ଷ୍ମତଃ ଦେଖିଲେ ପୁଣି ସାମ୍ୟ ମଧ୍ୟରେ ବୈଷମ୍ୟକୁ ଦେଖିହେବ । "Thus all these differences presuppose collective differences or prevalence of variety of groups and cultures."(୩) ବେନ୍‌ଫିଙ୍କ ଅଧ୍ୟୟନରେ ଯେଉଁ ଫଳାଫଳ ବାହାରିଥିଲା, ସମାନ ପ୍ରକାରର କଥା ଏଠାରେ ମଧ୍ୟ ଦେଖାଯାଏ । ଭାରତବର୍ଷର ୫୦୦ କିମ୍ବା ୧୦୦୦ ଅଥବା ୫୦୦୦ ବର୍ଷ ତଳର ସାଂସ୍କୃତିକ, ଭାଷିକ, ରାଜନୀତିକ ଓ ସାମାଜିକ ବିବିଧତା / ବୈଚିତ୍ର୍ୟ ସମାନ ନୁହେଁ । ପୁଣି ସେତେବେଳେ ଯେଉଁ ମାତ୍ରାରେ ବିବିଧତା ଦେଖା ଦେଉଥିଲା ତା' ତୁଳନାରେ ବର୍ତ୍ତମାନ ଖୁବ୍ ଅଧିକ ବିବିଧତା ଦେଖା ଦେଉଛି । ଅବଶ୍ୟ ସମୟକ୍ରମେ the sense of 'weness' aû national consciousness ବଢ଼ି ବଢ଼ି ଚାଲିଛି । ତଥାପି ଏହି Evolutionary cum Historic studyରେ ଆମେ ବୈଚିତ୍ର୍ୟର ଅଭିବୃଦ୍ଧିକୁ ହିଁ ପ୍ରତ୍ୟକ୍ଷ କରୁ । Dr. Kar

ଯଥାର୍ଥରେ କହନ୍ତି – "The sources of diversity in India may be traced through a variety of ways, the most obvious being the ethnic origins,religions, castes, tribes, languages, social customs, cultural and sub-cultural beliefs, political philosophies and ideologies, geographical variations etc." (୪) ସେ ଏହି ethnicity ଉପରେ ଗୁରୁତ୍ୱ ଦେଇଛନ୍ତି । ଏହା ମଧ୍ୟ ସଂଚରଣବାଦୀ ସିଦ୍ଧାନ୍ତର ଏକ ଗୁରୁତ୍ୱପୂର୍ଣ୍ଣ ଶୃଙ୍ଖଳା । ଭାରତରେ ବିବିଧ ଜାତି ଧର୍ମ, ବର୍ଣ୍ଣ, ଜନଜାତି, ପରଂପରା, ସଂସ୍କୃତି ଓ ଭାଷାଭିତ୍ତିକ ସଂକର ପରିସ୍ଥିତି, ଓ ଏସବୁ ବୈଷମ୍ୟ ମଧ୍ୟରେ ସାମ୍ୟ (Unity in Diversity)ର କାରଣ ଏକପ୍ରକାର ଦେଖିବାକୁ ଗଲେ ଏହି Migration ବୋଲି ପ୍ରମାଣିତ ହୋଇଥାଏ । "India is an ethnological museum. The waves of immigration has drawn the ancestors of the majority of present population into india from the surroundings territories across the Himalayas. Their dispersal into this subcontinent has resulted in the consequent regional concentration of a variety of ethnic element and creation of a social mosaic alongwith ethnic distinctiveness." (୫) Dr. B.S. Guha ଯଥାର୍ଥରେ ଏହି ବୈଷମ୍ୟ ଓ ଭିନ୍ନମୂଳ ମାନବଗୋଷ୍ଠୀ (Heterogenous ethnic group)କୁ ଭାରତବର୍ଷରେ ବିବିଧରୂପରେ ଦେଖିଛନ୍ତି । ଯଥା – (a) The Negrito (b) Proto - Austroloid (c) Mongoloids (d) Mediteranean or Dravidian (e) Western Brachycephals ଏବଂ (f) Nordic Aryans. ସେହିପରି Herbert Risley ଭାରତକୁ ୭ଗୋଟି Racial Fold ରେ ବିଭକ୍ତ କରିଥାଆନ୍ତି । ଯଥା : – (i) Turko - Iranian (ii) Indo - Aryan (iii) Scytho Dravidian (iv) Aryo-Dravidian (v) Mongolo - Dravidian (vi) Mongoloid ଏବଂ (vii) Dravidian. ତେବେ ସର୍ବୋପରି ମଂଗୋଲୀୟ ଓ ଦ୍ରାବିଡ଼ୀୟ ଗୋଷ୍ଠୀ (Race) ଦ୍ୱାରା ଭାରତ ଗଠିତ ହୋଇଥିଲେ ମଧ୍ୟ ମୋଟାମୋଟି ଭାବରେ ଏଠାରେ ତିନିଗୋଟି ଜାତି (Race) କୁ ଦେଖା ଯାଇପାରେ – Indo-Aryan, Mongolian ଓ Dravidian.(୬) ବର୍ତ୍ତମାନ ପ୍ରଶ୍ନଉଠେ ଭିନ୍ନଭିନ୍ନ ଜାତି (Race) ଏକ ଭୂଖଣ୍ଡରେ ରହିଲେ କିପରି ? ପୁଣି ଜଣେ ଅନ୍ୟଜଣଙ୍କ ଠାରୁ ପ୍ରାଚୀନତର କିପରି ? ଜଣେ ଅନ୍ୟ ଉପରେ ପ୍ରଭାବ ପକାଇବାକୁ କାହିଁକି ଚାହୁଁଛି, (ଯଦି ସେମାନେ ମୂଳତଃ ଗୋଟିଏ ଭୂଖଣ୍ଡର) ? ପୁଣି Risley ଙ୍କ ବିଭାଗୀକରଣରେ Mixed,Partial, ବା Hybrid Concept ଆସୁଛି କାହିଁକି ? ଏସବୁର ଏକ ସର୍ବସମ୍ମତ ଉତ୍ତର ହେଲା – Migration । Migration ରୁ Struggle, Stroggle ରୁ Integration, Mutual setting ଓ ଅନ୍ୟାନ୍ୟ Conditional Process ଦେଇ ଏକ ମିଶ୍ର ସଂସ୍କୃତି ପ୍ରସ୍ତୁତ ହୁଏ ।

ବର୍ତ୍ତମାନ ମଧ୍ୟ ତୁର୍କୀ-ଇରାନୀୟ ଜାତି ବେଲୁଚିସ୍ତାନ ଓ ଆଫଗାନିସ୍ତାନ ଅଂଚଳରେ ରହୁଥିବାର ଦେଖାଯାଏ । ଇଣ୍ଡୋ-ଇରାନୀୟ ଜାତିର ଲୋକେ ରାଜସ୍ଥାନ, ପୂର୍ବ ପଂଜାବ ଓ କାଶ୍ମିର ଅଂଚଳରେ ଦେଖାଯାଆନ୍ତି । ସାଧାରଣତଃ ରାଜପୁତ, ଖତ୍ରୀ, ଜଟ୍ ପ୍ରଭୃତି ଲୋକେ ଏହି ଜାତି ବା ରେସ୍ (Race) ଅନ୍ତର୍ଭୁକ୍ତ । ସେହିପରି ମଧ୍ୟପ୍ରଦେଶ, କୁର୍ଗ୍ (Coorgs) ଓ ସୌରାଷ୍ଟ୍ର ଅଂଚଳରେ Scythian ଓ Dravidian - ଜାତିଦ୍ୱୟର ଏକ ମିଶ୍ରଜାତି (Mixed Race) ଦେଖାଯାଏ । ଏହାକୁ Scytho-Dravidian Race ମଧ୍ୟ କୁହାଯାଏ । ଉତ୍ତରପ୍ରଦେଶ ଓ ବିହାର ଅଂଚଳରେ ଇଣ୍ଡୋ-ଆର୍ଯ୍ୟ ଓ ଦ୍ରାବିଡ଼ୀୟ ଜାତିର ଏକ ମିଶ୍ରିତ ରୂପ ଦେଖିବାକୁ ମିଳେ । ଏହା ହେଉଛି Aryo - Dravidian Race. ସେହିପରି ବ୍ରାହ୍ମଣମାନେ ନିଜକୁ ଆର୍ଯ୍ୟ ବୋଲି ଦାବି କରନ୍ତି ଓ ନିମ୍ନଜାତିର ଯଥା ହରିଜନ ପ୍ରଭୃତି ଲୋକେ ଦ୍ରାବିଡ଼ୀୟ ଜାତି (Race) ଅନ୍ତର୍ଗତ । "The inter - mixture of Dravidian and Mongolian race forms the Mongolo - Dravidian racial stock." (୭) ଓଡ଼ିଶାର ବ୍ରାହ୍ମଣ ଓ କ୍ଷତ୍ରିୟ ଓ ବଂଗଦେଶର ଏହି ଦୁଇ ବର୍ଣ୍ଣ ଆଲୋଚ୍ୟ Mongolo - Dravidian culture ଓ Racial Product ମାତ୍ର । ସେହିପରି ଆସାମ ଅଂଚଳରେ (North-Eastern) ମଙ୍ଗୋଲୀୟ ଜାତି ଦେଖାଯା'ନ୍ତି । ମଧ୍ୟପ୍ରଦେଶ ପ୍ରଭୃତି ଦକ୍ଷିଣାଂଚଳରେ ଦ୍ରାବିଡ଼ ଜାତିର ଅସ୍ତିତ୍ୱ ଦେଖାଯାଏ । ଗବେଷକ Risley ଭାରତରେ ନିଗ୍ରୋମାନଙ୍କ ଉପସ୍ଥିତିର ସମ୍ଭାବନାକୁ ଗ୍ରହଣ କରି ନାହାଁନ୍ତି । ପୁଣି ଭାଷା ଓ ଜାତି ଦୁଇଟି ଭିନ୍ନଭିନ୍ନ କଥା, ଏଣୁ Risleyଙ୍କ ବିଭାଗୀକରଣକୁ ଭାଷା ମୂଳକ ବୋଲି ଅଭିହିତ କରନ୍ତି ବିଶିଷ୍ଟ ନୃତତ୍ତ୍ୱବିତ୍ D.N. Majumdar. A.C Haddon ଭାରତର ଭୂଗୋଳକୁ ୫ ଭାଗରେ ଦେଖିଛନ୍ତି । ଭାରତର ଜାତିମାନଙ୍କୁ ନେଇ ସେ କହନ୍ତି ଏହା ୫ପ୍ରକାର ଜାତି (Race)କୁ ନେଇ ଗଠିତ । ଯଥା – (୧) ପ୍ରାକ୍ ଦ୍ରାବିଡ଼ୀୟ (୨) ଦ୍ରାବିଡ଼ୀୟ (୩) ଭାରତୀୟ ଆର୍ଯ୍ୟ (୪) ଇଣ୍ଡୋ-ଆଲପୀୟ (The Indo-Alpine) (୫) ମଂଗୋଲୀୟ ।

ପୂର୍ବରୁ ନିଗ୍ରୋ ଜାତି (Race)ଙ୍କ ସଂପର୍କରେ ଭାରତୀୟ ପରିପ୍ରେକ୍ଷାରେ ଯେଉଁ ଆଲୋଚନା ହୋଇଛି J.H. Hutton ତାହା ସହ ଏକମତ ନୁହେଁ । ତାଂକର ଜାତିଗତ ବିବୃତି ଅଲଗା ପ୍ରକାର ଥିଲା । J.H. Hutton accounts for a succession list of the races in India. He describes the Negritos as the

earliest occupants of India. Then came the Austroloid race. It is also believed that this, 'Austroloid' is often referred to the Pre-Dravidian or Proto-Austroloid race. The lower castes and classes of Indian society may be said to have belonged to this race in a mixed form. Next came an earlier section of 'Mediteranian' race and thereafter another section of the same race migrated into Indian, in a more advanced form. Hutton believes that the later immigrants lived in the Indus valley where the great civilization flourished."(୮) ଅଭିଯାତ୍ରା ଦ୍ୱାରା କାଳକ୍ରମେ କିଭଳି ପରିବର୍ତ୍ତନ ଆସେ ତାହା ଏଠାରେ ଦେଖାଯାଇପାରେ । ଜାତିଗତ ଦୃଷ୍ଟିରୁ, ଜାତି ପୃଷ୍ଠଭୂମିରେ ସଂସ୍କୃତି, ଭାଷା, ପରଂପରା ଓ ଚଳଣି, ବ୍ୟବହାର, ଅଭ୍ୟାସ, ପଦ୍ଧତି, ବିଶ୍ୱାସ ପ୍ରଭୃତି ମିଶ୍ରିତ ହୋଇ, ବିସରିତ ହୋଇ କିପରି ସଂକର ସ୍ଥିତିରେ ପହଞ୍ଚିଛି ତାହା ଦେଖାଯାଇପାରେ । ବିବିଧ ନୃତତ୍ତ୍ୱବିତ୍, ଲୋକତତ୍ତ୍ୱବିତ୍, ସଂସ୍କୃତି ଗବେଷକ ଏ ସଂକ୍ରାନ୍ତରେ କେତେକେତେ ଗବେଷଣା ଲବ୍‌ଧ ତଥ୍ୟ ଓ ତତ୍ତ୍ୱ ପ୍ରଦାନ କରିଛନ୍ତି । ବିସରଣବାଦୀ ମତବାଦ ବା ସଂଚରଣବାଦୀ ମତବାଦ ବା ଅଭିଯାତ୍ରା ମତବାଦ ପରିପ୍ରେକ୍ଷାରେ ଭାରତ ବର୍ଷରେ ଥିବା ବୈଷମ୍ୟ ମଧ୍ୟରେ ସାମ୍ୟ (Unity in Diversity) ଦେଖାଯାଇପାରେ । ଧୀରେଧୀରେ ଗୋଟିଏ ଜାତି କିପରି ମାଇଗ୍ରେସନ୍ କଳାପରେ ଅନ୍ୟଜାତି ସହ ମିଶି ନୂତନ ରୂପରେଖ ସୃଷ୍ଟିକରେ ତାହା ସାଂପ୍ରତିକ ଭାରତୀୟ ପରିପ୍ରେକ୍ଷା ହିଁ ଦର୍ଶାଏ । The immigration of the mediterranian was succeeded by the immigration of the Armenoids. The Armenoids belong to a branch of the Alpine race who had developed a high standard of civilzation towards the last part of 4th millennium B.C The Brachycephalic race from the west and the Southern Mongoloids from the East succeeded the Armenrids. There after an Indo-Aryan race Comprising of the dolico-cephalic immigrated into the Punjab around 1500 Bc. Many a wave of immigraton followed the Indo-Aryan race."(୯) ଏହି Immigration, Emigration ଓ Migration ଦ୍ୱାରା ହିଁ କେବଳ ଜାତି ବା Racial diffusion ଓ Racial Hybridity ଦେଖାଯାଇ ନଥାଏ, ଅଧିକନ୍ତୁ ସେହି ଜାତିଗତ (Racial) ସଂସ୍କୃତି, ଭାଷା, ପରଂପରାଦି ମଧ୍ୟରେ ଚୁକ୍ତି ହୁଏ; ମିଳନ, ସଂସର୍ଗ ଓ ସଂଯୋଗ ହୁଏ । ମାକ୍ସ ମୁଲର୍ ଯେଉଁ ସୌର ପୁରାତାତ୍ତ୍ୱିକ ବା ସୋଲାର ମିଥୋଲୋଜି ସିଦ୍ଧାନ୍ତ ଦେଇଥିଲେ ତାହା ବାସ୍ତବରେ ଏକ କଂକ୍ରିଟ୍ ପୃଷ୍ଠଭୂମି ନିର୍ମାଣ କରିଥିଲା ପରବର୍ତ୍ତୀ କାଳରେ । ସେ ସେଠାରେ କହିଥିଲେ ମିଥ୍ ହେଉଛି ଭାଷାର ବ୍ୟାଧି । ମିଥ୍ ପାଇଁ ଶବ୍‌ଦ ବା ଭାଷା ହିଁ ଦାୟୀ । ଭାଷା ଉତ୍ପତ୍ତିଗତ ସିଦ୍ଧାନ୍ତ ହେଉ ବା ମାନବର ଚିନ୍ତନ ଓ ଭାଷାଗଠନର ବିକାଶକ୍ରମମୂଳକ ସିଦ୍ଧାନ୍ତ ହେଉ, ସେ ସବୁରେ ମାକ୍ସମୁଲରଙ୍କ ଯୁକ୍ତି ଏକାବେଳେ ଅଯୌକ୍ତିକ ବା ଭିତ୍ତିହୀନ ନୁହେଁ କି ଅକାଟ୍ୟ ମଧ୍ୟ ନୁହେଁ । ସେ କହନ୍ତି ମଣିଷର ଚିନ୍ତାଚେତନାର ବିକାଶ ସାଂଗରେ ଚାରିଟି ପ୍ରଧାନ ଘାଟି ବା ସ୍ତର ବା ପର୍ଯ୍ୟାୟ ଦେଇ ଭାଷା ବଦଳେ ଓ ଏକ ଜଟିଳ ରୂପରେ ଯାଇ ପହଞ୍ଚେ । ଏହାର ଗତିପଥ ସେ ନିର୍ଣ୍ଣୟ କରିଛନ୍ତି । ତାଙ୍କ ମତରେ କ) ପ୍ରଥମେ ଭାଷାର ମୂଳ ବା ଧାତୁ ବା କ୍ରିୟା ଗଠନ ହେଲା, ବ୍ୟାକରଣ ସୃଷ୍ଟି ହେଲା, ରୂପ ନେଲା ଓ ଏହା ଥିଲା ଭାଷାବିକାଶର thematic phase / period. ସେହିପରି ଏହି ବିକାଶ ଉତ୍ତାରେ ଦ୍ୱିତୀୟ ପର୍ଯ୍ୟାୟରେ ଜାତିଗତ କାରକଗୁଡ଼ିକୁ (Racial factors) ନେଇ ଭାଷା ପରିବାର ଓ ଭାଷାଗୋଷ୍ଠୀ ତିଆରି ହେଲା ଓ ଏହାଥିଲା ଭାଷାବିକାଶର Secondary phase ବା Dialectic Period. ତା'ପରେ ଭାଷା ସ୍ୱତନ୍ତ୍ର ହୁଏ । ଜଟିଳ ହୁଏ । ମିଥ୍ ବା ପୁରାଣ ଗଠନ ହୁଏ । ଏହା ଭାଷା ବିକାଶର ତୃତୀୟକ ସ୍ତର ବା Tertiary phase ବା Mythological Period ଅଟେ । ଏଠାରେ ହିଁ ଭାଷା ଜଟିଳ ହୋଇ ମିଥ୍ ରୂପ ଧାରଣ କରେ । ଶେଷରେ ଚେତନା ଜାତୀୟତା ଆଡ଼କୁ ଯାଏ । ଜାତୀୟ ଭାଷା ଗଠନ ହୁଏ । ଏହା ଭାଷା ବିକାଶର Quaternary phase ବା Popular period ଅଟେ ।(୧୦) ଏହିଠାରେ ଚେତନା ବୃତ୍ତୀୟ ଉପାନ୍ତ ଅଞ୍ଚଳ (Periphery)ରୁ Centre ବା କେନ୍ଦ୍ର ଆଡ଼କୁ ଆସି ଥାଏ । ଲୋକାଭିମୁଖୀ ବା ଜାତି ଅଭିମୁଖୀ (Race-centric) ହୁଏ । ମାକ୍ସମୁଲରଙ୍କ ସିଦ୍ଧାନ୍ତ ପର୍ଯ୍ୟବେସିତ ମିଥ୍‌ର ଉଦ୍ଭବ, ଲୋକକଥା, କିମ୍ବଦନ୍ତୀ, ଲୋକଗୀତି ଆଦି ସଂପର୍କରେ ପ୍ରଦତ୍ତ ତଥ୍ୟ ଗବେଷକମାନଙ୍କୁ ସନ୍ତୁଷ୍ଟ କରିପାରି ନଥିଲା । ବସ୍ତୁତଃ ତୁଳନାତ୍ମକ ଅଧ୍ୟୟନ ଏ କ୍ଷେତ୍ରରେ ଜନ୍ମନେଲା । ତା'ଛଡ଼ା Mythical, Racial Origin ବାବଦରେ ନୃତାତ୍ତ୍ୱିକ ଅଧ୍ୟୟନ ଓ ଅଭିଯାତ୍ରା ମତବାଦର ଆବଶ୍ୟକତା ଦେଖାଗଲା, ଫଳରେ ଏ ଦୁଇ ମତବାଦ ମୁଣ୍ଡ ଟେକିଲେ ।

ମାକ୍ସ ମୁଲର୍ କହିଥିଲେ – ଭାଷା Stage - 1 ରୁ Stage-2 କୁ ସ୍ଥାନ ୧ – କାଳ – ପାତ୍ର ୧ ରୁ ସ୍ଥାନ – ୨, କାଳ – ୨, ପାତ୍ର – ୨ ବା ସ୍ଥାନ – ୩, କାଳ – ୩, ପାତ୍ର – ୩ କୁ ଗଲାବେଳେ ପୂର୍ବ ଅର୍ଥ (Meaning - 1) କୁ ଛାଡ଼ି ନୂତନ ଅର୍ଥ ଧାରଣ କରେ (Meaning - 2/3...) । ଏହି ପରିହାର ଓ ଧାରଣ ମଧ୍ୟରେ ଜଟିଳତା ଆସେ, Confusion ବା ବିଶୃଙ୍ଖଳା ଆସେ ।

ଏହି ମୋଡ଼ରେ ତଥା ବିବର୍ତ୍ତନର ଏହି ପର୍ଯ୍ୟାୟ (Phase) ରେ, ସଂଧି ସମୟରେ ଭାଷା ରୋଗଗ୍ରସ୍ତ ହୁଏ ଓ ଏଇଥିରୁ ମିଥ୍ (Myth) ଜନ୍ମନିଏ । ଲୋକକାହାଣୀ, ଲୋକଗାଥା ଓ କିମ୍ବଦନ୍ତୀ ଏହିପରି, ଏହି ରୋଗର ପରିଣାମ ଭାବରେ ସୃଷ୍ଟି ହୁଅନ୍ତି । ମାତ୍ର ଏହା ଉତ୍ତରକାଳରେ ବିବିଧ ଗବେଷକମାନଙ୍କ ଦ୍ୱାରା ଖଣ୍ଡିତ ହୋଇଛି । "ଲାଣ୍ଡ୍, ମାକ୍ସ ମୁଲରଙ୍କ ଏହି ସିଦ୍ଧାନ୍ତ ବିରୋଧରେ ଦୃଢ଼ଯୁକ୍ତି ଉପସ୍ଥାପନ କରି ଏହାର ଅସାରତା ପ୍ରମାଣ କରିଛନ୍ତି ।"(୧୧) ତେବେ ବିଂଶ ଶତାବ୍ଦୀ ବେଳକୁ ଏହି ମତବାଦ ସ୍ତିମିତ ହେଲାଣି ଓ ଅନ୍ୟାନ୍ୟ ମତବାଦ ସବୁ ମୁଣ୍ଡ ଟେକି ଉଠିଲେଣି ।

ମାକ୍ସମୁଲରଙ୍କ ମତେ ଶବ୍ଦଟିଏ ପ୍ରଥମେ ଯେଉଁ ଅର୍ଥଧାରଣ କରିଥାଏ ବା ପ୍ରଥମେ ଯେଉଁ ଅର୍ଥ ପ୍ରକାଶ କରୁଥାଏ, ବହୁବର୍ଷ ପରେ ତାହା ଅନ୍ୟଅର୍ଥ ଧାରଣ କରିଥାଏ । ଏହିପରି ଅର୍ଥାନ୍ତର ବା ଅର୍ଥ ପରିବର୍ତ୍ତନ ଅନେକ ଶବ୍ଦଙ୍କ ଭାଗ୍ୟରେ ଘଟେ । ଏହି ଅର୍ଥ – ୧ରୁ ଅର୍ଥ – ୨ ହେଲାବେଳେ ସହଜରେ ଲୋକେ ଗ୍ରହଣ କରିପାରନ୍ତି ନାହିଁ । ନୂତନ ଅର୍ଥ (ଅର୍ଥ-୨)କୁ ଧରିବା ବା ମାନିବା ଲାଗି ଜଟିଳତା ଅନୁଭବ ହୁଏ । ଖାପଛଡ଼ା ଲାଗେ । ମନ ମାନେନାହିଁ । ଅଥଚ ସାମାଜିକ, ରାଜନୀତିକ, ସାଂସ୍କୃତିକ ବା ନୈମିତ୍ତିକ ଆବଶ୍ୟକତା ମେଣ୍ଟାଇବା ଲାଗି ଏହି ଅର୍ଥାନ୍ତର ବା ଅର୍ଥ ପରିବର୍ତ୍ତନ ଜରୁରୀ ବୋଧହୁଏ । ଭାଷା ଉତ୍ପତ୍ତି ଓ ବିବର୍ତ୍ତନଗତ ବିବିଧ ମତବାଦ ଓ ସିଦ୍ଧାନ୍ତଗୁଡ଼ିକୁ ଏ ବାବଦରେ ଅଧ୍ୟୟନ କରାଯାଇପାରେ । ପ୍ରତୀକପ୍ରୟୋଗ, ରୂଢ଼ି ପ୍ରୟୋଗ, ଗୋଲକଧଂଦା ବା ପ୍ରହେଳିକା (Riddle) ପ୍ରୟୋଗ, ଭାବାବେଗମୂଳକ ପ୍ରୟୋଗ, ଗୋଟିଏ ଶବ୍ଦର ଏକାଧିକ ରୂପ, ଅନ୍ୟ ଭାଷାରୁ ଆହରଣ (ନିଜ ଭାଷାର ଦାବିଦାରୀ, ଅର୍ଥ ଗ୍ରହଣ ପ୍ରବୃତ୍ତି), ସାଦୃଶ୍ୟ (Analogy), ସ୍ଥାନ ବ୍ୟବଧାନ, ସାମାଜିକ ବାତାବରଣ, ପରଂପରା ରକ୍ଷଣ ପ୍ରଚେଷ୍ଟା, ଭୌଗୋଳିକ ବାତାବରଣ, ମୂଳ ଭାଷା-ଭାଷୀମାନଙ୍କର ଇତସ୍ତତଃ ଗମନ ଓ ବସତି ସ୍ଥାପନ (Permanent Migration) ନୂତନ ବସ୍ତୁର ନିର୍ମାଣ ବା ଆବିଷ୍କାର ଓ ନାମକରଣ ନୂତନ ପଦ୍ଧତି ନାମକରଣ, କାଳବ୍ୟବଧାନ, ସଭ୍ୟତା ଓ ସଂସ୍କୃତି ଭେଦ ଓ ସମନ୍ୱୟ ପ୍ରଚେଷ୍ଟା, ସାଧାରଣୀକରଣ ପ୍ରଚେଷ୍ଟା, ମନୋଭାବ (ଗୋଷ୍ଠୀଗତ ଓ ବ୍ୟକ୍ତିଗତ), ସଂକୀର୍ଣ୍ଣତା ଭିତରେ ବ୍ୟାପକତାର ଆବଦ୍ଧୀକରଣ, ବର୍ଗୀୟ ଅର୍ଥର ସଂକ୍ରମଣ, ପାତ୍ରଭେଦ (୧୨) ପ୍ରଭୃତି କାରଣରୁ ଶବ୍ଦର ଅର୍ଥ ବଦଳିଯାଏ । ଏହାଛଡ଼ା ଅନ୍ୟାନ୍ୟ ଅନେକ ଗୌଣକାରଣ ମଧ୍ୟ ରହିଛି । ଦେବତା ରାକ୍ଷସ ହେବା, ରାକ୍ଷସ ଦେବତା ହେବା ('ଅସୁର' ଶବ୍ଦର ଅର୍ଥ ପରିବର୍ତ୍ତନ ହେବା), 'ହିନ୍ଦୁ' ଶବ୍ଦର ଅର୍ଥ ଗୋଲାମ, କାଫେର୍, ନାପାକ ହେବା, ଦୁହିତା, ଚକ୍ (To walk), ଶାଗ, ସ୍ୟାହି, ତେଲ, ମୃଗ, ସର୍ପ, ଚୁମ୍ବକ, ରାଷ୍ଟ୍ର, ଦାରୁଣ, ସାହସ, ବଂଦୀ, ସମ୍ଭ୍ରାନ୍ତ, ମନ୍ଦିର, ବିଦଗ୍ଧ, କପଡ଼ା, ନଗ୍ନ, ପାଷାଣ୍ଡ, ଶୋଧିବା, ମହାବ୍ରାହ୍ମଣ, ପିଲା, ନାଟମ୍ (ତାମିଲ୍ ଶବ୍ଦ), ବୂ (ପାରସିକ ଶବ୍ଦ), ସିନ୍ଧୁ, ପଶୁ, ଯୁଗ ପ୍ରଭୃତି ଶବ୍ଦର ଅର୍ଥ ବଦଳିଯିବାର କାରଣ ଏଇୟା ।

କିନ୍ତୁ ବର୍ତ୍ତମାନ ପ୍ରଶ୍ନ ଉଠୁଛି ଯେ ବ୍ୟକ୍ତି ବା ଗୋଷ୍ଠୀ ଏହି ଅର୍ଥକୁ (ଅର୍ଥ – ୨) ସହଜରେ ଗ୍ରହଣ କରିବ କିପରି ? ଏହାର ଉତ୍ତର ହେଉଛି 'ମିଥ୍ ଦ୍ୱାରା' । ମିଥ୍, ବା ଲୋକଗଳ୍ପ, କଥା, ଗୀତ ସୃଷ୍ଟିଦ୍ୱାରା ଓ ତା'ର ପ୍ରଚାର, ପ୍ରସାର ଦ୍ୱାରା ଏହି ନବାର୍ଥ ପ୍ରସାରିତ ହୋଇପାରିବ । ନୂଆ ଲୋକକଥା ଓ କାହାଣୀ ବା ଲୋକଗୀତରେ ପୂର୍ବୋକ୍ତ ଅର୍ଥକୁ ଅର୍ଥାତ୍ 'ଅର୍ଥ – ୧'ରୁ ପରିହାର କରି 'ଅର୍ଥ – ୨'ର ପ୍ରୟୋଗ କରିବାକୁ ହୁଏ । କ୍ରମଶଃ ଏହା ପରିଚିତ ହେଲେ ଆପେ ଅର୍ଥ ବଦଳିଯାଏ ଓ 'ଅର୍ଥ – ୧' ସ୍ଥାନରେ 'ଅର୍ଥ – ୨' ପହଞ୍ଚି ସାରିଥାଏ । ତା'ଛଡ଼ା 'ଅର୍ଥ – ୧' ବିସ୍ଥାପିତ ହୋଇ 'ଅର୍ଥ – ୨' ସେଠାରେ ପ୍ରତିସ୍ଥାପିତ ହୋଇସାରିଥାଏ । ଏହାର କାରଣ କ'ଣ ବୋଲି ଚିନ୍ତାକରାଯାଇ ପାରେ । ତାହା ହେଉଛି ବିସରଣ ବା ସ୍ଥାନାନ୍ତରଣ ।

'ଗୋଷ୍ଠୀ – ୧', 'ଗୋଷ୍ଠୀ – ୨' ପାଖକୁ ସ୍ଥାନାନ୍ତରିତ ବା ବିସରିତ ହୋଇଥାଏ । ଗୋଷ୍ଠୀ – ୨ର ସବଳତା ଓ ପ୍ରଭାବଶାଳିତା ଗୋଷ୍ଠୀ – ୧ର ଭାଷା – ସଂସ୍କୃତି ଇତ୍ୟାଦି ଉପରେ ପ୍ରଭାବ ପକାଏ । ଯଦି 'ଗୋଷ୍ଠୀ – ୧', 'ଗୋଷ୍ଠୀ – ୨' ଉପରେ ସ୍ଥାନାନ୍ତରଣ ପରେ ଭାରିପଡ଼େ ବା ଶକ୍ତିଶାଳୀ ବିବେଚିତ ହୁଏ, ତେବେ କଥା ଅଲଗା ହୁଏ । 'ଗୋଷ୍ଠୀ – ୧'ର ଭାଷା – ସଂସ୍କୃତି – ପରଂପରାଦି ସୁରକ୍ଷିତ, ଅକ୍ଷତ, ବିଶୁଦ୍ଧ ବା ଅମିଶ୍ରିତ ରହିବାର ସମ୍ଭାବନା ବଢ଼ିଯାଏ । କିନ୍ତୁ ଏକଥା ମଧ୍ୟ ସତ ଯେ, ଯେତେ ଯାହାହେଲେ ସ୍ଥାନାନ୍ତରିତ ହୋଇଥିବା ଗୋଷ୍ଠୀ, ଭାଷା, ସଂସ୍କୃତି, ସ୍ଥାନୀୟ ଭାଷା-ସଂସ୍କୃତି ଓ ରୀତି-ନୀତି ଦ୍ୱାରା ପ୍ରଭାବିତ ହେବା (ଅଳ୍ପବହୁତେ ହେଲେ ମଧ୍ୟ) ନିଶ୍ଚିତ । ତେବେ ସାଧାରଣତଃ 'ଗୋଷ୍ଠୀ – ୨'ର କର୍ତ୍ତୃତ୍ୱ 'ଗୋଷ୍ଠୀ – ୧'କୁ ଅଧୀନକୁ ଆଣିବା ସହ, ସହାବସ୍ଥାନ କ୍ଷେତ୍ରରେ (ସମୟରେ), 'ଗୋଷ୍ଠୀ – ୧'ର ଭାଷାସ୍ଥ ଶବ୍ଦର ଅର୍ଥ ନିଜଆଡ଼କୁ ଆନତ (Inclined) କରିଥାଏ । ନିଜମତେ ଶବ୍ଦର ଅର୍ଥ ହୁଏ । କାରଣ ଶକ୍ତିଶାଳୀ ଜାତି (Race) ଗୋଷ୍ଠୀ ଟି "ସୁସ୍ଥ ସାର୍ଥକ ଧ୍ୱନି ସମବାୟ" (ଶବ୍ଦ) ଆଉ ଗଢ଼ିବାକୁ ଚାହେଁନି । ବରଂ ସେଇ ଗଢ଼ା ହୋଇଥିବା 'ଶବ୍ଦ' ପାତ୍ର ମଧ୍ୟରେ ନିଜ ଇଚ୍ଛା, ଆକାଂକ୍ଷା, ତଥା ସଂସ୍କୃତି ମତେ ଖାଲି ଅର୍ଥ ଭରିଦିଏ । ଫଳରେ ଅର୍ଥ – ୧ ବିସ୍ଥାପିତ (Displaced)

ହୋଇ ଅର୍ଥ - ୨ ପ୍ରତିସ୍ଥାପିତ (Substitute) ହୋଇଥାଏ । ଏହି ଛନ୍ଦାରେ ବା ସଂଧିକାଳରେ (Junction) ଅର୍ଥର ସ୍ୱାଭାବିକତା ଓ ଗ୍ରହଣଯୋଗ୍ୟତାକୁ ବଢ଼ାଇବାଲାଗି ଏକ ଉପଯୁକ୍ତ (Suitable) Myth, ବା ଲୋକକାହାଣୀ ତଥା ଲୋକଗୀତଟିଏ ଉକ୍ତ ଅର୍ଥ ମୁତାବକ ସୃଷ୍ଟି ହୁଏ । ଏହା ହିଁ Myth ସୃଷ୍ଟିର କାରଣ ।

ଏଠାରେ ଦୁଇଟି ଜିନିଷ ଦେଖାଗଲା । କ) ମିଥ୍ ସୃଷ୍ଟି ପ୍ରକ୍ରିୟା ଖ) ମିଥ୍ ସୃଷ୍ଟିର କାରଣ ଓ ପରିବେଶୀୟ ପରିସ୍ଥିତି । "ମାକ୍ସମୁଲର ଓ ତାଂକ ଅନୁଗାମୀଗଣ ଲୋକକାହାଣୀର ଉଦ୍ଭବ ଓ ବିକାଶ ମୂଳରେ ପୁରାଣ ତଥା ଗ୍ରହ ନକ୍ଷତ୍ରମାନଙ୍କର ପ୍ରଭାବ ରହିଛି ବୋଲି ମତ ବ୍ୟକ୍ତ କରିଥିଲେ । ସୌରଜଗତ ତଥା ସୂର୍ଯ୍ୟଦେବତାଙ୍କ ସଂପର୍କରେ ବହୁ ଅଲୌକିକ ଘଟଣା ବିଷୟ ଏମାନେ ଉଲ୍ଲେଖ କରିଥିବାରୁ କେତେକ ଏହାକୁ 'ସୋଲାର ମାଇଥୋଲୋଜି' ନାମରେ ଅଭିହିତ କରିଥିଲେ । ଭାରତ ଓ ଇଉରୋପୀୟ ମିଥ୍ର ତୁଳନାତ୍ମକ ଅଧ୍ୟୟନ ସମୟରେ ମାକ୍ସମୁଲର କହିଥିଲେ 'ମିଥ୍ ହେଉଛି ଭାଷାର ରୋଗ' (Malady disease of language) । ତାଙ୍କ ମତାନୁଯାୟୀ ଭାଷାର ମୂଳଅର୍ଥ ବିଲୁପ୍ତ ଯୋଗୁଁ ମିଥ୍ର ସୃଷ୍ଟି ହୋଇଥାଏ । ଭାଷାର ବିକୃତ ବ୍ୟବହାର ଶବ୍ଦର ଅର୍ଥ ବଦଳାଇ ଦେଇଥାଏ ଓ ତାହା ନୂତନ ଅର୍ଥ ଗ୍ରହଣ କରି ବିକଶିତ ହୋଇଥାଏ ।"(୧୩) ଭାଷାର ଏପରି ଏକ ସଂଧିକ୍ଷଣରେ ମିଥ୍ ଜନ୍ମନିଏ ଯେଉଁଠାରେ ଭାଷା ରୋଗଗ୍ରସ୍ତ ହୁଏ ଓ ଆକ୍ରମଣରୁ ରକ୍ଷା ପାଇବା ଲାଗି ଚୁକ୍ତିକରେ ଅଥବା ଅଧିକୃତ (Dominated) ହିସାବରେ ଅଧିକାରୀ (Dominant)ର ଚୁକ୍ତିପତ୍ରରେ ଚୁପଚାପ୍ ଦସ୍ତଖତ କରେ । ଭାଷାକୁ ପରିବର୍ତ୍ତିତ ଅର୍ଥ ନାଁରେ କରଦିଏ । ନୂଆ ଅର୍ଥ ଆସେ । ନୂଆ ଅର୍ଥ ନାଁଆରେ ଉଇଲ୍ କରାଯାଏ । ମିଥ୍ ଆସେ । ଏହିଠାରେ ତୁଳନାତ୍ମକ ଅଧ୍ୟୟନ କଥା ଯେପରି ଆସୁଛି, ଅଭିଯାତ୍ରା ଜନିତ ମିଥ୍ ପରିବର୍ତ୍ତନ ମଧ୍ୟ ସେତିକି ସଂଗତ ଲାଗୁଛି ।

ଜର୍ମାନ୍ ପ୍ରାଚ୍ୟତତ୍ତ୍ୱବିତ୍ ଥିଓଦର୍ ବେନ୍ଫି (Theoder Benfey) ଯଦିଓ ମୁଲର (Muller)ଙ୍କ ଦ୍ୱାରା କିଛିଟା ଅଭିପ୍ରେରିତ ହେଲେ, ତେବେ ତାଂକ ମନରେ କେତେକ ପ୍ରଶ୍ନ ଉଠିଲା ଯାହାର ଉତ୍ତରବାବଦରେ ମାକ୍ସମୁଲରଙ୍କ ସିଦ୍ଧାନ୍ତ ଓ ମତବାଦ ଏକାନ୍ତ ନିରବ ଥିଲା । ଭାରତର ବିଷ୍ଣୁ ଶର୍ମାଙ୍କ ସଂପାଦିତ 'ପଞ୍ଚତନ୍ତ୍ର' କଥାଗ୍ରନ୍ଥର ଅନୁବାଦ ସେ ଲାଟିନ୍ ଭାଷାରେ କରିଥିଲେ । ଏହି ଅନୁବାଦ କାଳରେ ସେ ଭାରତୀୟ ଓ ଜର୍ମାନୀୟ କାହାଣୀ ମଧ୍ୟରେ ସାମ୍ୟ ଦେଖିଥିଲେ । ତାଙ୍କ ଦୃଷ୍ଟିରେ ଆତ୍ମିକ ଓ ଆଂଗିକ କ୍ଷେତ୍ରରେ ଏସବୁ ମଧ୍ୟରେ ସାମଞ୍ଜସ୍ୟ ଥିଲା ପ୍ରବଳ । ଏହାକୁ ସେ ଲକ୍ଷ୍ୟକଲେ ଓ ଏହାର କାରଣ ଜାଣିବାକୁ ଚେଷ୍ଟାକଲେ । "ଏହି ସାମଞ୍ଜସ୍ୟର କାରଣ କେବଳ ମାନବର ଅନୁବଂଶିକ ସଂପର୍କ ହେତୁ ନୁହେଁ, ବରଂ ଐତିହାସିକ ଓ ସାଂସ୍କୃତିକ କ୍ଷେତ୍ରରେ ଗଭୀର ସଂପର୍କ ହେତୁ ଏହା ସମ୍ଭବ ହୋଇଅଛି ବୋଲି ସେ କହିଥିଲେ ।"(୧୪) ସ୍ଥାନାନ୍ତରଣ ଓ ଅଭିଯାତ୍ରା ହେତୁ ଦୁଇଟି ଭିନ୍ନଭିନ୍ନ ଦୂରବର୍ତ୍ତୀ ସ୍ଥାନର ଭାଷାରେ ଦେଖାଯାଉଥିବା କାହାଣୀ ମଧ୍ୟରେ ସାଦୃଶ୍ୟ (Analogy) ବା ସାମଞ୍ଜସ୍ୟ (Similarity) ଦେଖାଯାଏ । ପୁଣି ଏଥିରୁ ଏହା ମଧ୍ୟ ଆଭାସ ମିଳେ ଯେ, ଏହି ସାମଞ୍ଜସ୍ୟ ଅନୁକୃତିକ । ସେଥିପାଇଁ ଏହାକୁ Theory of Borrowing ବା ଉଧାର ଗ୍ରହଣ ସିଦ୍ଧାନ୍ତ ବା ଅଭିଯାତ୍ରା ସିଦ୍ଧାନ୍ତ (Migrational Theory) ବୋଲି କୁହାଯାଏ । "ଯୁଦ୍ଧ ଦିଗ୍‌ବିଜୟ ଯାଯାବର ଭାବେ ସ୍ଥାନାନ୍ତରଣ ଦ୍ୱାରା ସଂସ୍କୃତିର ବିସରଣ ହୋଇଥାଏ । ବେନ୍ଫିଙ୍କ ବିସରଣବାଦୀ ସିଦ୍ଧାନ୍ତ ଏହି ଅବଧାରଣାଦ୍ୱାରା ପରିପୁଷ୍ଟ ।"(୧୫) ଲୋକସଂସ୍କୃତି, ଲୋକପରଂପରା ପ୍ରଭୃତିର ଜୀବନ ହେଉଛି 'ଲୋକ' ସମୂହ, ବ୍ୟକ୍ତି ଓ ଗୋଷ୍ଠୀ ଉଭୟ । ଏହା ଲୋକମାନଙ୍କ ଦ୍ୱାରା ଅର୍ଥାତ୍ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା ସୃଷ୍ଟ । ଏହା ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ । ସେମାନେ ନିଜର ହେପାଜତ୍ ବା ଆନନ୍ଦ ବା ସୁରକ୍ଷା ହେତୁ ଏପରି ସାଂସ୍କୃତିକ ବା ପାରମ୍ପରିକ ବିଧିବ୍ୟବସ୍ଥା କରିଥାଆନ୍ତି । ଏଣୁ ଏହା ଲୋକମାନଙ୍କର ମଧ୍ୟ । ଏହା ଲୋକମାନଙ୍କ ନିମିତ୍ତ, ଲୋକମାନଙ୍କ ଦ୍ୱାରା ସୁଚିନ୍ତିତ, ସୃଷ୍ଟ ଓ ପରିଚାଳିତ । ଲୋକ ବିନା ଏ ସଂସ୍କୃତିର ସ୍ଥିତି କଳନା କରିବା ଅସମ୍ଭବ । ଏଣୁ କୌଣସି ଗୋଷ୍ଠୀ ଗୋଟିଏ ସ୍ଥାନରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତରଣ କଲାପରେ ସେଠାରେ ଦୁଇଟି ଗୋଷ୍ଠୀର ଆପସି ସାମ୍ନା ହୁଏ । ଯୁଦ୍ଧ ହୁଏ, ବୁଝାମଣା ମଧ୍ୟ ହୁଏ, ବୈବାହିକ ଓ ସାଂସ୍କୃତିକ ସଂପର୍କ ପ୍ରତିଷ୍ଠା ହୁଏ । କଳା, କୌଶଳ, ବିଦ୍ୟା,ପରାକ୍ରମ ଓ ଅନ୍ୟାନ୍ୟ ଚର୍ଯ୍ୟାର ଆଦାନପ୍ରଦାନ ହୁଏ । ଏହାଦ୍ୱାରା ସାଂସ୍କୃତିକ ବିନିମୟ ସମ୍ଭବ ହୁଏ । ଶହଶହ ବର୍ଷ ଉତ୍ତାରେ ସଂପୃକ୍ତ ଏହି ଦୁଇ ସ୍ଥାନର ଲୋକସଂସ୍କୃତି ଓ ସାହିତ୍ୟ ମଧ୍ୟରେ ଅଧ୍ୟୟନ ଯେତେବେଳେ ହୁଏ, ସେତେବେଳେ ସାମ୍ୟ ଦେଖାଯାଏ । ବେନ୍ଫି ନିଜର ଅଧ୍ୟୟନ ଓ ଗବେଷଣା ଉତ୍ତାରେ ଏହି ନିଷ୍କର୍ଷରେ ଉପନୀତ ହୋଇଥିଲେ ଯେ, ଭାରତର କାହାଣୀ ଭୂମଧ୍ୟସାଗର ଦେଇ ସୁଦୂର ପଶ୍ଚିମକୁ ସଂଚରିତ ହୋଇଛି । ଏହାର ଅର୍ଥ ଭାରତରୁ କିଛି ମୂଳ ବାସିନ୍ଦା ଭୂମଧ୍ୟସାଗର ଦେଇ ସୁଦୂର ପଶ୍ଚିମକୁ ଯାଇ ଥାଇପାରନ୍ତି । ସ୍ପେନ୍, ଗ୍ରୀସ୍ର ଦୀପପୁଞ୍ଜ ଓ ୟୁରୋପର ବିଭିନ୍ନ ଅଂଚଳକୁ ଏହି ସଂସ୍କୃତି ବିସରିତ ହୋଇଛି । "The basic reservoir from which the European people drew materials for poetic creations was seen to be ancient India." (୧୬) ଏହି ସିଦ୍ଧାନ୍ତ ଆଧାରରେ ଅଧ୍ୟୟନ କାଳରେ ଆମେ ତୁଳନାତ୍ମକ ଦୃଷ୍ଟି ଓ ଦର୍ଶନ ଘେନି ଅଗ୍ରସର ହେବା କଥା । ତୁଳନାତ୍ମକ ପଦ୍ଧତିର ମୌଳିକ

ସିଦ୍ଧାନ୍ତଗୁଡ଼ିକ ଏହି ଅଭିଯାତ୍ରାର ପଥନିର୍ଣ୍ଣୟ ନିମନ୍ତେ ସହାୟକ ହୋଇଥାଏ । ବିଶେଷ କରି ତୁଳନାତ୍ମକ ପଦ୍ଧତିର ପ୍ରଥମ ଆଧାର ବା ନିୟମ ଏଠାରେ ଗୁରୁତ୍ୱପୂର୍ଣ୍ଣ । ଫିନ୍‌ଲାଣ୍ଡର ଗବେଷକ Elias Lonnrot, ଡେନମାର୍କର ଗବେଷକ Axel Otrick ଓ ସ୍ୱିଡ଼େନର W. Vonsydow ପ୍ରମୁଖଙ୍କ ଗବେଷଣା ଲବ୍ଧ ସିଦ୍ଧାନ୍ତ ହେଉଛି ଏହି ତୁଳନାତ୍ମକ ପଦ୍ଧତି ବା ଫିନିଶ୍ ପଦ୍ଧତି । ଏହାର ଅନ୍ୟ ଏକ ନାମ ମଧ୍ୟ ଅଛି । ସେହି ନାମଟି ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି – ଐତିହାସିକ – ପୁନର୍ଗଠନ ପଦ୍ଧତି (Hitorical Reconstruction Method) । ଏଠାରେ ସାମଞ୍ଜସ୍ୟ ଥିବା ଏକାଧିକ କାହାଣୀର ପରିସଂଖ୍ୟାନମୂକ ସାରାଂଶ ବାହାର କରିବା ସହିତ ଏହାର ଯାତ୍ରାପଥ ବା ସଂଚରଣ ପଥ ନିରୂପଣ କରାଯାଇଥାଏ । ପୁଣି ଗଳ୍ପର ଅଂଶକୁ ଆଧାର କରି କେତେକ ବିଶେଷ 'ଆଶୟ' ବା ଟ୍ରେଟ୍‌ରେ ବିଭକ୍ତ କରାଯାଇଥାଏ । ଦର୍କାର ପଡ଼ିଲେ 'ଆଶୟ' ମଧ୍ୟରେ ଏକାଧିକ 'ଉପାଶୟ' ବା ସବ୍‌ଟ୍ରେଟ୍ ମଧ୍ୟ ରହିପାରେ ବା ଏହାର କଳ୍ପନା ମଧ୍ୟ କରାଯାଇପାରେ । ଏସବୁ ଟ୍ରେଟ୍ ଓ ସବ୍‌ଟ୍ରେଟ୍‌କୁ ନେଇ ଭିନ୍ନଭିନ୍ନ ସ୍ଥାନ ବା ଆଂଚଳିକତାକୁ ଆଧାର କରି ଯଥାକ୍ରମରେ ସଜାଇ ପୁଣି ଏକ ସ୍ୱତନ୍ତ୍ର ଅନୁକ୍ରମ ସୃଷ୍ଟି କରାଯାଏ । ଏହାପରେ ଗବେଷକର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଆରମ୍ଭ ହୁଏ । ପ୍ରତିଟି ଆଶୟ ବା ଟ୍ରେଟ୍ ମଧ୍ୟସ୍ଥ ପରିକଳ୍ପିତ ଆଦିରୂପ (Hypothetical Archetype)କୁ ସ୍ଥିର କରାଯାଏ ଏହିଠାରେ । ତା'ପରେ ସମଗ୍ର କାହାଣୀଟିର ମୂଳ ଆର୍କିଟାଇପ୍‌କୁ ମିଶାଇ ଏକ ରୂପାଙ୍କନ ବା ନକ୍‌ସାଙ୍କନ (Degign) କରାଯିବ । ସେହି ଡିଜାଇନ୍‌ରୁ ପୃଥିବୀର ବିଭିନ୍ନ ଲୋକକାହାଣୀ ମଧ୍ୟସ୍ଥ ସାମ୍ୟ ବୈଷମ୍ୟ ନିରୂପଣ କରିପାରିବା ସହିତ ଲୋକକାହାଣୀର ଟାଇପ୍ ବା କଥାରୂପ ଓ ମୋଟିଫ୍ ବା କଥାଭିପ୍ରାୟ ନିର୍ଣ୍ଣୟ କରାଯାଇପାରିବ । ଡାଣ୍ଡୁ ତାଙ୍କ Folklore : An Introduction ପୁସ୍ତକରେ ତୁଳନାତ୍ମକ ପଦ୍ଧତିର ବିଭିନ୍ନ ସ୍ତରଗୁଡ଼ିକ ବାବଦରେ ବେଶ୍ ପ୍ରାମାଣିକ ଓ ବ୍ୟବସ୍ଥିତ ଧାରଣା ପ୍ରଦାନ କରିଛନ୍ତି । ଲୋକକାହାଣୀଗୁଡ଼ିକର Variations ଓ Variants ମାନଙ୍କ ପରିସଂଖ୍ୟନ, ଯାତ୍ରାପଥ ନିରୂପଣ, ସଜ୍ଜୀକରଣ, ଟ୍ରେଟ୍, ସବ୍‌ଟ୍ରେଟ୍ ନିରୂପଣ, ଡିଜାଇନ୍ ବା ମଡ଼େଲ୍ ପ୍ରସ୍ତୁତିକରଣ, ହାଇପୋଥେଟିକାଲ୍ ଆର୍କିଟାଇପ୍ ସ୍ଥିରୀକରଣ ଓ ମୂଳ ସମ୍ଭାବ୍ୟ ଆର୍କିଟାଇପ୍‌ର ଏକତ୍ରୀକରଣ ପର୍ଯ୍ୟନ୍ତ ସବୁକିଛି (୧୭)ର ବର୍ଣ୍ଣନା ଏଠାରେ ରହିଛି । "କିନ୍ତୁ ତୁଳନାତ୍ମକ ପଦ୍ଧତିର ପ୍ରଧାନ ଦୁର୍ବଳତା ହେଉଛି – ଏହା ଗୋଟିଏ ବିନୟର ସୌନ୍ଦର୍ଯ୍ୟତତ୍ତ୍ୱକୁ ଅବହେଳା କରେ । ତା'ଛଡ଼ା ବିଷୟର କଥନଶୈଳୀ, ପଟ୍ଟଭୂମି (Context) ଓ ପ୍ରଦର୍ଶନ (Performance)କୁ ଯେହେତୁ ଗୁରୁତ୍ୱ ଦିଏ ନାହିଁ, ଏହା ଏକଦେଶଦର୍ଶୀ ବୋଲି କୁହାଯାଏ ।" (୧୮) ଆମେରିକାର ଷ୍ଟିଥ୍ ଥମ୍‌ସନ୍ ଓ ମାରିଆ ଲିଚ୍ ଏହି ପଦ୍ଧତିରେ ଯଥେଷ୍ଟ ଗବେଷଣା କରିଛନ୍ତି । ଏହାକୁ ଲୋକପ୍ରିୟ କରିଛନ୍ତି ଓ ଏତଦ୍ୱାରା ଟାଇପ୍ ଓ ମୋଟିଫ୍ ନିରୂପଣ ମଧ୍ୟ କରିଛନ୍ତି । ଏଠାରେ କହି ରଖିବା ଉଚିତ୍ ଯେ, ତୁଳନାତ୍ମକ ପଦ୍ଧତିରେ ଏହି ଟାଇପ୍ ଓ ମୋଟିଫର୍ ଗୁରୁତ୍ୱ ଢେର୍ ଅଧିକ । ପୁଣି ମୋଟିଫ୍ ହେଉଛି ଯେକୌଣସି ଲୋକ ଉପାଦାନର କ୍ଷୁଦ୍ରତମ ଏକକ (Unit) । ୧୯୫୫ରୁ ୫୮ ମଧ୍ୟରେ ଷ୍ଟିଥ୍ ଥମ୍‌ସନ୍ ଏହି ମୋଟିଫ୍‌ଗୁଡ଼ିକର ଏକ ଅନୁକ୍ରମଣିକା ବା ସ୍ଥିରାଙ୍କ ତାଲିକା ପ୍ରସ୍ତୁତ କରିଛନ୍ତି, ଯାହାକି ଛଅ ଖଣ୍ଡରେ ବିଭକ୍ତ । ଏହି ବିରାଟ ଗ୍ରନ୍ଥର ନାମ ହେଉଛି Motif Index of Folk-Literature. ସେହିପରି ଥମ୍‌ସନ୍‌ଙ୍କ ଅନ୍ୟତମ ପ୍ରସିଦ୍ଧ ଗ୍ରନ୍ଥ The Folk - tale ରେ ସେ ନିଜେ ମୋଟିଫର୍ ସଂଜ୍ଞା ନିରୂପଣ କରିବାକୁ ଯାଇ କହନ୍ତି – "A motif is the smallest element in a tale having a power to persist in tradition. In order to have this power it must have something unusual and striking." ତେବେ ବିବିଧ ଲୋକଗଳ୍ପ ଅଧ୍ୟୟନ କଲେ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନଭିନ୍ନ ସମୟରେ ଗଢ଼ି ଉଠିଥିବା ଲୋକଗଳ୍ପସ୍ଥ ମୋଟିଫ୍‌ମାନଙ୍କ ମଧ୍ୟରେ ଢେର୍ ତାଳମେଳ ବା ସାମ୍ୟ ଓ ସାଦୃଶ୍ୟ ଦେଖାଯାଏ । ଓଡ଼ିଆ, ବଂଗଳା ଓ ଅସମୀୟା ଲୋକଗଳ୍ପ ମଧ୍ୟରେ ବା ଇଟାଲୀ ଓ ଜର୍ମାନୀ ଲୋକଗଳ୍ପ ମଧ୍ୟରେ ଅଥବା ସୁମାତ୍ରା ଓ ଓଡ଼ିଆ ଲୋକଗଳ୍ପ, ନାଇଜେରୀୟ ଓ ଓଡ଼ିଆ ଲୋକଗଳ୍ପ, ଏପରିକି ଚୈନିକ, ଆମେରିକୀୟ, ଭାରତୀୟ, ଆଫ୍ରିକୀୟ, ବାଲିଦ୍ୱୀପ, ବର୍ଣ୍ଣିଓ, ଋଷୀୟ, ନାଇଜେରୀୟ, ଇଜିପ୍‌ଟୀୟ ଓ ଫ୍ରାନ୍‌ସ (ଫରାସୀ) ଲୋକଗଳ୍ପଗୁଡ଼ିକ ମଧ୍ୟରେ ଅତ୍ୟନ୍ତ ବିସ୍ମୟକର ଭାବରେ ସାମ୍ୟ ଓ ସାଦୃଶ୍ୟ ଦେଖାଯାଏ । ଲୋକଚିନ୍ତା, ଲୋକଚେତନାରେ ଏପରି ସାମ୍ୟ ଗବେଷକମାନଙ୍କୁ ଖାଲି ଚକିତ କରେନି ବରଂ ବେଳେବେଳେ ବାଟବଣା କରିପକାଏ । କିନ୍ତୁ ଗବେଷକମାନଙ୍କ ନିରନ୍ତର ଅଧ୍ୟୟନ, ମନନ ଓ ଗବେଷଣା ଏସବୁ ମଧ୍ୟରେ ମୁଣ୍ଡଟେକି ଉଠୁଥିବା ପ୍ରଶ୍ନଶତେକର ଉତ୍ତର ଦେଲା । ଗୋଷ୍ଠୀବିଶେଷର ଅଭିଯାତ୍ରା ଓ ସଂସର୍ଗ (ଅନ୍ୟ ସ୍ଥାନରେ ଅନ୍ୟ ଭୂଖଣ୍ଡର ଅନ୍ୟ ସଂସ୍କୃତିର ଲୋକଙ୍କ ସହ) ଏହି ସାଦୃଶ୍ୟ ପାଇଁ ଦାୟୀ । ଶବର ଓ ଅସୁର ସଭ୍ୟତା ମଧ୍ୟରେ ଓ ଉଭୟଙ୍କ ସାଂସ୍କୃତିକ ରୀତିନୀତି ମଧ୍ୟରେ ଦେଣନେଣ ହେଲାପରେ ଏକ ମିଶ୍ର ସଂସ୍କୃତି ଗଢ଼ିଉଠିଛି । ଏହାର ପ୍ରମାଣ ଯଥେଷ୍ଟେ । ପଣ୍ଡିତ ନୀଳକଣ୍ଠ ଦାସ ତାଂକର 'ଓଡ଼ିଆ ସାହିତ୍ୟର କ୍ରମପରିଣାମ' ପୁସ୍ତକର ପ୍ରଥମ ଭାଗ – ଦ୍ୱିତୀୟ ଅଧ୍ୟାୟରେ ଏହାର ସ୍ପଷ୍ଟୀକରଣ ରଖିଛନ୍ତି । ସିଂଧୁ, ଟାଇଗ୍ରସ୍, ଇଉଫ୍ରେଟିସ୍ ପ୍ରଭୃତି ସ୍ଥାନରେ ଗଢ଼ି ଉଠିଥିବା ସଭ୍ୟତାର ଅଧିବାସୀଙ୍କ ସହ 'ତାମିଳ'ଙ୍କ ସଂପର୍କ ଘନିଷ୍ଠ । ସେହିପରି ଏମାନଙ୍କର (ଅସୁର)

ସଂପର୍କ ଶବର ମାନଙ୍କ ସହ ମଧ୍ୟ କାଳକ୍ରମେ ଘନିଷ୍ଠ ହୋଇଛି । ଭାରତଠାରୁ ଆମେରିକାଯାଏଁ ବ୍ୟାପୀଥିବା ବିବିଧ ଛୋଟ ବଡ଼ଦ୍ୱୀପ, ପେରୁ, ମେକ୍ସିକୋ, ମାୟା, ୟୁକାଟାନ୍, ଏପରିକି ବାବିଲୋନ୍, ଇଜିପିଟ୍, ଏସିଆ ମାଇନର୍, ସିରିଆ, ଗ୍ରୀସ୍, ରୋମ୍, ଫ୍ରାନ୍ସ, ଚୀନ, ତିବ୍ବତ ପ୍ରଭୃତି ଜାଗାରେ ଶବର ସଂସ୍କୃତି ଓ ସଭ୍ୟତା ମୂଳତଃ ଥିଲା । କ୍ରମେ ଅଭିଯାତ୍ରା ଦ୍ୱାରା ସଂସ୍କୃତିର ସଂଚରଣ, ସଂକ୍ରମଣ ଓ ପାରସ୍ପରିକ ପ୍ରଭାବ ହେତୁ ବିସରଣ ହୋଇଛି । ପ୍ରାଚୀନ ପ୍ରାଚ୍ୟତତ୍ତ୍ୱବିତ୍ H.R.Hall ସାହେବଙ୍କ ସିଦ୍ଧାନ୍ତ ଓ ଆପେକ୍ଷିକ ଅନୁମାନ ଏ ଦିଗରେ ଖୁବ୍ ଗୁରୁତ୍ୱପୂର୍ଣ୍ଣ ସତ୍ୟତାକୁ ସାମ୍ନାକୁ ଆଣେ । ମାକ୍ସ୍ ମୁଲର, ବେନ୍‌ଫି, ଭନ୍‌ସାଇଦୋ, ଏକ୍‌ସେଲ୍ ଓଟ୍ରିକ୍, ଏଲିଆସ୍ ଲୋନ୍‌ଟ୍, କାର୍ଲକ୍ରୋନ୍, ଜୁଲିଅସ୍ କ୍ରୋନ୍, ଫ୍ରାନ୍‌ଜ୍ ବୋୟାସ୍, ଏଡ଼ୱାର୍ଡ଼ ଟାଇଲର, ମଲିନୋସ୍କି, ଜେମ୍‌ସ ଫ୍ରେଜର, ଆଣ୍ଡ୍ରୁଲାଙ୍ଗ୍, ରାଲଫ୍ ପିଡ଼ିଙ୍ଗ୍‌ଟନ୍, ରାଡ଼କ୍ଲିଫ୍ ବ୍ରାଉନ୍, ଉଇଲିୟମ୍ ଆର.ବାସକମ୍, ଭ୍ଲାଦିମିର ପ୍ରପ୍, ଲେବିଷ୍ଟ୍ରସ୍, ନିକିଫୋର୍ଭ, ଚମସ୍କି, ଡେଲ୍‌ହାଇମସ୍, ଡନ୍‌ବେନ୍ ଆମ୍‌ସ ପ୍ରଭୃତି ଭିନ୍ନଭିନ୍ନ ଦୃଷ୍ଟିରୁ ଲୋକକାହାଣୀଗୁଡ଼ିକୁ ଅଧ୍ୟୟନ କରିଛନ୍ତି ଓ ନୂଆନୂଆ ପଦ୍ଧତିକୁ ଆଲୋକକୁ ଆଣିଛନ୍ତି । ତେବେ ଏଥିରୁ ଲୋକସଂସ୍କୃତିର ସ୍ଥାନ ଭେଦରେ ଥିବା ସାଦୃଶ୍ୟ ଓ ସାମ୍ୟ ପଶ୍ଚାତରେ ଆଲୋଚ୍ୟ କାରଣ ଓ କ୍ରିୟାଗୁଡ଼ିକ ଥିବାର ସ୍ପଷ୍ଟୀକରଣ ମିଳିଥାଏ ।

ଅଭିଯାତ୍ରା ବା ପ୍ରବାସନ (Migration) ହେତୁ ସଂସ୍କୃତି ଓ ପରଂପରା ସଂଚରିତ ବା ସଂକ୍ରମିତ ହୋଇଥାଏ । ଜର୍ମାନ୍ ପ୍ରାଚ୍ୟତତ୍ତ୍ୱବିତ୍ ଥିଓଡ଼ର ବେନ୍‌ଫି ଏନାଧିକ୍ ଭିନ୍ନଭିନ୍ନ ଲୋକଗଳ୍ପ ବିବିଧ ସ୍ଥାନରୁ ସଂଗ୍ରହ କରି ଅଧ୍ୟୟନ କରିଥିଲେ । ବିଶେଷ କରି ସଂସ୍କୃତ ଲୋକଗଳ୍ପ ଓ ୟୁରୋପୀୟ ଲୋକଗଳ୍ପଗୁଡ଼ିକୁ ଅଧ୍ୟୟନ କରି ସେସବୁ ମଧ୍ୟରେ ଭୌଖଣ୍ଡିକ ଭିନ୍ନତା ସତ୍ତ୍ୱେ ଚେତନାସ୍ତରରେ, ଚିନ୍ତାଧାରା ତଥା ସାଂସ୍କୃତିକ ମାନସିକତା ସ୍ତରରେ ବହୁ ସାଦୃଶ୍ୟ ଏପରିକି ସାମ୍ୟ ମଧ୍ୟ ଲକ୍ଷ୍ୟ କରିଥିଲେ । ସେ ମତ ଦେଲେ ଯେ, "ମଣିଷର ବାସଭୂମି ପରିବର୍ତ୍ତନ ହେତୁ ଲୋକଗଳ୍ପ ବିଭିନ୍ନ ଅଞ୍ଚଳକୁ ସଂଚରଣ କରିଥାଏ । ଯୁଦ୍ଧ, ରାଜ୍ୟଜୟ ଓ ଭ୍ରମଣ ମଧ୍ୟରେ ଲୋକଗଳ୍ପର ଆଦାନ ପ୍ରଦାନ ହୋଇଥାଏ । ଇଉରୋପରେ ପ୍ରଚଳିତ ବହୁ ଲୋକଗଳ୍ପ ଭାରତରୁ ଯାଇଛି ବୋଲି ତାଙ୍କର ମତ ।(୧୯) ଭାରତରୁ କେଉଁ କେଉଁ ବାଟଦେଇ ଏହି ଗଳ୍ପ ସବୁ ୟୁରୋପକୁ ଯାଇଛି ତାହା ମଧ୍ୟ ବେନ୍‌ଫି ନିର୍ଦ୍ଦେଶ କରିଛନ୍ତି । ଭୂମଧ୍ୟସାଗର ଅଂଚଳ, ସ୍ପେନ୍, ଗ୍ରୀସ୍ ପ୍ରଭୃତି ଜାଗାଦେଇ ୟୁରୋପୀୟକୁ ସଂଚରିତ ହୋଇଛି ବୋଲି ସେ ନିଜ ଅଧ୍ୟୟନରେ ନିଷ୍କର୍ଷ ପାଇଥିଲେ । ଫିନ୍‌ଲାଣ୍ଡର କେତେକ ବିଶିଷ୍ଟ ଗବେଷକ ବେନ୍‌ଫିଙ୍କ ପଦ୍ଧତିକୁ ଆଧାର କରି ଗବେଷଣାର ସାଂଦ୍ରତା ବଢ଼ାଇ ଦେଲେ । "ଲୋକ ଉପାଦାନ (କାହାଣୀ)ର ମୂଳରୂପ ଆବିଷ୍କାର କରିବା ଓ ତା'ର ସଂରଚଣ ପଥ ନିର୍ଦ୍ଦେଶ କରିବା ଥିଲା ଏମାନଙ୍କ ଲକ୍ଷ୍ୟ ।"(୨୦) କାର୍ଲକ୍ରୋନ୍, ଜୁଲିସ୍ କ୍ରୋନ୍, ଓଲରିକ୍ ପ୍ରମୁଖ ଗବେଷକ ଏଦିଗରେ ବିଶେଷ କରି ଇତିହାସ ଓ ଭୂଗୋଳକୁ ଆଧାର କରି ଗବେଷଣା ଚଳାଇଲେ । ଏହା ପରବର୍ତ୍ତୀ କାଳରେ ଏକ ସ୍ୱତନ୍ତ୍ର ପଦ୍ଧତିର ସ୍ୱୀକୃତି ମଧ୍ୟ ପାଇଲା – ଐତିହାସିକ ଭୌଗୋଳିକ ପଦ୍ଧତି ବା ଫିନିଶ୍ ପଦ୍ଧତି ବା କ୍ରୋନ୍‌ଙ୍କ ପଦ୍ଧତି । ଏଠାରେ ଗବେଷକ ଗୋଟିଏ ନିର୍ଦ୍ଦିଷ୍ଟ ଗଳ୍ପର ଯେତେ ପ୍ରତିରୂପ (Version) ଯେତେଯେତେ ଜାଗାରେ ପାଇଲା ସେ ସବୁକୁ ସଂଗ୍ରହ କରି, ସେଗୁଡ଼ିକୁ ଭାଂଗି ତା'ର ଅଂଶଗୁଡ଼ିକୁ ଅଲଗା କରି ସଜାଇ ରଖିଲା । ପୁଣି ସେସବୁକୁ ଯୋଡ଼ି ପୁନର୍ନିର୍ମାଣ କଲା । ଏହିଥିରୁ ପରିବର୍ତ୍ତନ ଓ ସ୍ଥାନୀୟ ବିଶେଷତା ଆଧାରରେ ଗଳ୍ପଟିର ଗତିପଥ ମଧ୍ୟ ନିରୂପଣ ହୋଇପାରେ । ସେହିପରି ଏହି ଲୋକସାହିତ୍ୟ ଅଧ୍ୟୟନରେ ନୃତତ୍ତ୍ୱ (Anthropology)ର ଅବଦାନ କିଛି କମ୍ ନୁହେଁ । ମଣିଷର ପ୍ରକୃତି ଓ ମାନସିକତାକୁ ଆଧାର କରି ନୃତତ୍ତ୍ୱ ଆଧାରରେ ମୋଟାମୋଟି ଭାବରେ ଲୋକଗଳ୍ପର ମୂଳ ଅନ୍ୱେଷଣ ଓ ଅନ୍ୟାନ୍ୟ ବିଶେଷତ୍ୱ ନିରୂପଣ କରାଗଲା । ଏଡ଼ୱାର୍ଡ଼ ଟାଇଲର୍ ଓ ଆଣ୍ଡ୍ରୁ ଲାଙ୍ଗ୍ ଏ ଦିଗରେ ବିଶେଷ ଗବେଷଣାତ୍ମକ କାମ କରିଛନ୍ତି । ସେହିପରି ଭ୍ଲାଦିମିର୍ ପ୍ରପ୍‌ଙ୍କ ସିଣ୍ଟାଗ୍‌ମେଟିକ୍ ଅଧ୍ୟୟନ ପଦ୍ଧତି ଓ ଲେବିଷ୍ଟ୍ରସ୍‌ଙ୍କ ପାରାଡ଼ିଗମାଟିକ୍ ଅଧ୍ୟୟନ ପଦ୍ଧତି ଲୋକଗଳ୍ପକୁ ବିବିଧ ଦୃଷ୍ଟିରେ ଦେଖେ ଓ ବିବିଧ ବିଶେଷତ୍ୱ ନିର୍ଣ୍ଣୟ କରିଥାଏ । ପ୍ରପ୍‌ଙ୍କ ଯୁଗାନ୍ତକାରୀ ପୁସ୍ତକ Morphologia skazki (1982) ଓ ଷ୍ଟ୍ରସ୍‌ଙ୍କ Structural **Anthro - pology** (1964) ପୁସ୍ତକ ଦ୍ୱୟ ଏଦିଗରେ ଅଗ୍ରଣୀଭୂମିକା ନିର୍ବାହ କରିବା ସହିତ ଯଥେଷ୍ଟ ଦୃଢ଼ ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ । ବର୍ତ୍ତମାନ ଭାରତୀୟ ପ୍ରେକ୍ଷାପଟ୍ଟରେ କିଛି ସାଂସ୍କୃତିକ ସାମ୍ୟ-ବୈଷମ୍ୟ କଥା ଏଠାରେ ଆଲୋଚନାଭୁକ୍ତ କରାଯାଉ ।

ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଂଗ, ଆସାମ ପ୍ରଭୃତି ରାଜ୍ୟର ଲୋକସଂସ୍କୃତି ମଧ୍ୟରେ ଅଭୂତପୂର୍ବ ସାମ୍ୟ ଦେଖିବାକୁ ମିଳେ । ଏହାର ଐତିହାସିକ ପ୍ରମାଣ ମଧ୍ୟ ଅନେକ ଯେ, ଅନେକଥର ଗୋଷ୍ଠୀ, ଜାତି ଓ ସମଷ୍ଟି ସ୍ଥାନାନ୍ତରିତ ହୋଇଛନ୍ତି । ରାଜ୍ୟଜୟ ହେଉ କି ଭ୍ରମଣ ହେଉ ଅଥବା ଅନ୍ୟ ଯେକୌଣସି କାରଣରୁ ହେଉ ପଛକେ ସଭ୍ୟତା ବା ଗୋଷ୍ଠୀର ସ୍ଥାନାନ୍ତରଣ ଓ ସଂଚରଣ ଫଳରେ ସଂସ୍କୃତି ସଂଚରିତ ଓ ସଂକ୍ରମିତ ହୋଇପାରିଛି । ସେହିପରି ଭାରତରୁ ଲୋକ ଭାରତ ବାହାର ଭୂଖଣ୍ଡକୁ ଯାଇଛନ୍ତି ଓ ଏହାର ଠିକ୍ ଓଲଟା କଥା ମଧ୍ୟ ଇତିହାସରେ ଘଟିଛି । ଇତିହାସ

ପୂର୍ବରୁ ମଧ୍ୟ ଏହା ଘଟିଥିବାର ନୃତତ୍ତ୍ୱ ସ୍ତରରେ ପ୍ରମାଣିତ ହୋଇଛି । ଆଫ୍ରିକା, ବର୍ଣ୍ଣିଓ, ଆମେରିକା, ଗ୍ରୀସ୍, ଶ୍ରୀଲଂକା ପ୍ରଭୃତି ଅଞ୍ଚଳ ସହ ଭାରତର ସଂପର୍କ ରହିଛି । ଏହି ସାଂସ୍କୃତିକ ସଂପର୍କ କଥା ଆଗରୁ ମଧ୍ୟ କୁହାଯାଇଛି ।

ମୋଟିଫ୍ ହେଉ ବା ସଂପୂର୍ଣ୍ଣ ଘଟଣାପ୍ରବାହ ହେଉ ବେଳେବେଳେ ଏକାଧିକ ସ୍ଥାନର ଭିନ୍ନଭିନ୍ନ ଲୋକକାହାଣୀ ମଧ୍ୟରେ ଏହି ସାମ୍ୟ ଦେଖାଯାଇଥାଏ । ଇଜିପଟ୍‌ର ମରଶରୀରକୁ କବର ଦେବା ଓ ତା'ର ପସନ୍ଦର ଜିନିଷକୁ ସାଂଗରେ ପୋତିବା ପ୍ରଥା ଭାରତ ଓ ଓଡ଼ିଶାରେ ଦେଖାଯାଏ । ଆତ୍ମା ଥିବା ଧାରଣା, ଆତ୍ମାର ପୁନର୍ଜନ୍ମ ଧାରଣା, ଆତ୍ମାର ଉନ୍ନତି, ପରଜନ୍ମ ସଂପର୍କିତ କଳ୍ପନାଜଳ୍ପନା, ବଂଧୁବାଂଧବ, ସାଂଗ-ସାଥୀ, ଭାଇ-ଭଉଣୀ, ବାପା-ମାଆ ପ୍ରଭୃତି ସଂପର୍କ ପୂର୍ବ ନିର୍ଦ୍ଦିଷ୍ଟ ଓ ସ୍ୱଚୟନ ମୂଳକ, ସ୍ୱେଚ୍ଛାମୂଳକ ପ୍ରଭୃତି ଭାବନା କେବଳ ଇଜିପଟ୍, ଆଫ୍ରିକା ବା ସ୍ପେନ୍ ପ୍ରଭୃତି ସ୍ଥାନରେ ନାହିଁ ଭାରତବର୍ଷରେ ଓ ଏପରିକି ଓଡ଼ିଶାରେ ମଧ୍ୟ ଦେଖାଯାଏ । ସେଇଭଳି 'ଜୀବନନାଟି' ସଂପର୍କରେ ଆଶ୍ଚର୍ଯ୍ୟଜନକ ଭାବରେ ଭିନ୍ନଭିନ୍ନ ଦୂରଦୂରାନ୍ତର ସ୍ଥାନମାନଙ୍କର ଅଧିବାସୀମାନଙ୍କ ମଧ୍ୟରେ ସାଦୃଶ୍ୟମୂଳକ ବା ସମାନଧାରଣା ଥାଏ । ଗଳ୍ପଟିର କୌଣସି ଏକ ଚରିତ୍ରର ଜୀବନ ତା' ନିଜ ଭିତରେ ନଥାଏ । ତାହା ଅନ୍ୟ କେଉଁ ଜୀବ-ଜନ୍ତୁ, ବୃକ୍ଷ-ଲତା ବା ଜଡ଼ ବସ୍ତୁ ମଧ୍ୟରେ ଥାଏ । ବୁଢ଼ୀ ଅସୁରୁଣୀର ଜୀବନ ନିର୍ଦ୍ଦିଷ୍ଟ କେଶବିଶେଷରେ ଥିବା କଥା ଓ ତାହା ଉପୁଡ଼ିଗଲେ ତା'ର ପ୍ରାଣବାୟୁ ଉଡ଼ିଯିବା କଥା ଅଥବା ଅସୁରର ଜୀବନ, ସାତତାଳ ପାଣି ତଳର ସାତତାଳ ପଙ୍କ ଓ ତା' ଭିତରେ ସିନ୍ଦୁକରେ ସାଇତା ହୋଇ ରହିଥିବା ଫରୁଆ ଭିତରର କଳାଭଅଁରରେ ରହିବା କଥା ଓ ଭଅଁର ମଲେ ଅସୁର ଆପେ ଆପେ ମରିଯିବା କଥା ଆମ ଓଡ଼ିଆ ଲୋକ ଗଳ୍ପରେ ସାଧାରଣ ଓ ଜଣାଶୁଣା । ଅନୁରୂପ ପରଂପରା ଆଫିକା, ନାଇଜେରିଆ, ଇଜିପଟ୍ ଓ ଭାରତ ଭିତରେ ପଶ୍ଚିମବଂଗ, ଅସମୀୟା, ଝାଡ଼ଖଣ୍ଡ ପ୍ରଭୃତି ସ୍ଥାନରେ ଦେଖାଯାଏ ।ନାଇଜେରିଆ, ଆଫ୍ରିକା ପ୍ରମୁଖ ଅଞ୍ଚଳର ଅଧିବାସୀମାନେ ଭାବନ୍ତି ଯେ, ମଣିଷର ଆତ୍ମା ତା'ଠାରେ ନଥାଏ । କୌଣସି ମଣିଷର, ମୃତ୍ୟୁ ହେଲେ ତା'ର କାରଣସ୍ୱରୂପ ସେମାନେ ଭାବନ୍ତି ଯେ, ସେହି ମଣିଷର ଆତ୍ମା ବାରହା, ହରିଣ ବା ସିଂହ ଦେହ ଭିତରେ ଥିଲା । ସେମାନଙ୍କର ମୃତ୍ୟୁ ହେତୁ ଏଠାରେ ଉକ୍ତ ବ୍ୟକ୍ତିର ମୃତ୍ୟୁ ହୋଇଥାଏ । ସେମାନଙ୍କର ଗଭୀର ବିଶ୍ୱାସ ଯେ, "ମନୁଷ୍ୟର ସ୍ୱାସ୍ଥ୍ୟ, ସଂପଦ ଓ ବିପଦ ଏହି ପଶୁର ଭାଗ୍ୟ ସହିତ ଜଡ଼ିତ । ଆଫ୍ରିକାର ସୁବର୍ଣ୍ଣ ଉପକୂଳରେ ଲୋକେ ବିଶ୍ୱାସ କରନ୍ତି, ଶିଶୁଟିଏ ଜନ୍ମ ହେବା ସଂଗେ ସଂଗେ କୁମ୍ଭୀରଟିଏ ଜନ୍ମହୁଏ; କୁମ୍ଭୀର ଗୋଟିକର ମୃତ୍ୟୁହେବା ସଂଗେ ସଂଗେ ଜଣେ ମଣିଷ ମୃତ୍ୟୁ ମୁଖରେ ପଡ଼େ । କାରଣ ଏହି କୁମ୍ଭୀର ଭିତରେ ମଣିଷର ଆତ୍ମା ଥାଏ । ଜୁଲୁମାନଙ୍କର ବିଶ୍ୱାସ, ମୃତ ବ୍ୟକ୍ତିର ଆତ୍ମା ଶାର୍ଦ୍ଦୂଳ, ସର୍ପ ଅଥବା ହିପୋପଟାମାସ୍ ରୂପରେ ଭାବୀ ବଂଶଧରଙ୍କୁ ରକ୍ଷାକରେ । ଏହି ସବୁ ପଶୁମାନଙ୍କୁ ବଧକରିବା ସେ ଅଞ୍ଚଳରେ ନିଶିଦ୍ଧ । ଏହି ପଶୁବଧକୁ ନରହତ୍ୟା ସଂଗେ ସମାନ ବୋଲି ବିଚାର କରାଯାଏ । କାମେରୁନ୍‌ର ଲୋକେ ବିଶ୍ୱାସ କରନ୍ତି । ପ୍ରତି ବ୍ୟକ୍ତିର ଏକାଧିକ ଆତ୍ମା ବିଦ୍ୟମାନ । ଅପରିଣତ ବୟସରେ କେହି ମୃତ୍ୟୁ ମୁଖରେ ପଡ଼ିଲେ ଏମାନେ ମନେ କରନ୍ତି, ବାଘ, ବାରହା ବା ସିଂହ ଆଦି ପ୍ରାଣୀର ମୃତ୍ୟୁରେ ଏହି ଅପମୃତ୍ୟୁ ଘଟିଥାଏ, କାରଣ ଏହି ପ୍ରାଣୀଦେହରେ ହିଁ ସେହି ମଣିଷର ଆତ୍ମା ଥାଏ । ନାଇଜେରିଆର ମତ୍ସ୍ୟଜୀବୀ ମାନେ ମନେକରନ୍ତି ଯେ, ସେମାନଙ୍କ ଆତ୍ମା କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ମତ୍ସ୍ୟ ଦେହରେ ଥାଏ ।"(୨୧) ଭିନ୍ନ ଭିନ୍ନ ଦେଶରେ ଭିନ୍ନଭିନ୍ନ ଭୂଖଣ୍ଡରେ ବଡ଼ ଆଶ୍ଚର୍ଯ୍ୟଜନକ ଭାବରେ ମୋଟିଫ୍‌ଗୁଡ଼ିକର ହାବଭାବ ସମାନଥାଏ । "ଇଉରୋପୀୟ କାହାଣୀରେ ଅଣ୍ଡା ଭିତରେ ନାୟକର ଜୀବନଥାଏ । ଋଷିଆ ଗଳ୍ପର ନାୟକ କୋଶି (Koschi) କହିଥିଲା - ଗଭୀର ସମୁଦ୍ର ଭିତରେ ଗୋଟିଏ ଦ୍ୱୀପ, ଦ୍ୱୀପରେ ଗୋଟିଏ ଓକ୍ ଗଛ, ଏହି ଗଛର ଚେର ତଳେ ଗୋଟିଏ ଲୁହାସିନ୍ଦୁକ, ସିନ୍ଦୁକ ଭିତରେ ଗୋଟିଏ ଝୁଡ଼ି, ଏହି ଝୁଡ଼ି ଭିତରେ ଗୋଟିଏ ଠେକୁଆ, ଠେକୁଆ ଭିତରେ ଗୋଟିଏ ହଂସ,ହଂସ ପେଟରେ ଗୋଟିଏ ଅଣ୍ଡା - କେହି ଦୁଃସାହସିକ ବ୍ୟକ୍ତି ଯଦି ସେହି ଅଣ୍ଡାଟିକୁ ଭାଙ୍ଗି ଦେଇପାରେ, ତା'ହେଲେ କୋଶିମରିବ ।" (୨୨) ଏଠାରେ ପୂର୍ବୋକ୍ତ ଓଡ଼ିଆ ଲୋକକାହାଣୀଗୁଡ଼ିକୁ ତୁଳନାର୍ଥେ ସ୍ମରଣ କରାଯାଇପାରେ । ପୁଣି କଥାସରିତ ସାଗରରେ ସ୍ଥାନିତ ଏକ ଗଳ୍ପରେ ଭୟଂକର ଯାଦୁକରର ଜୀବନନାଟିକା ଠିକ୍ ଏହିପରି ରହିଛି ଅନ୍ୟସ୍ଥଳରେ, ଏକ ଦୁର୍ଗମ-ଅଗମ୍ୟ ସ୍ଥାନରେ । ଭୟଂକର ଅସୁରଟିଏ ଜଗିଥିଲା ଏକ ପୋଖରୀକୁ । ସେ ପୋଖରୀର ଚାରିପାଖରେ ଅଗମ୍ୟ ଅରଣ୍ୟବେଷ୍ଟିତ । ଦୁର୍ଭେଦ୍ୟ ତାଳଗଛ ଓ ଅନ୍ୟାନ୍ୟ ଗଛ ଭର୍ତ୍ତି ବଣଘେରା ସେ ପୋଖରୀ । ସେ ପୋଖରୀ ଭିତରେ ପଂଜୁରୀ । ପଞ୍ଜୁରୀ ଭିତରେ ଶୁଆ । ସେଇ ଶୁଆ ଭିତରେ ଥିଲା ଯାଦୁକରର ଜୀବନ । ସେ ଭୟଂକର ଅସୁର ଓ ଦୁର୍ଗମ ଲକ୍ଷ୍ୟ ଭେଦପରେ ହିଁ ଯାଦୁକରର ଜୀବନ ଯିବ । ଏସବୁ ସାଦୃଶ୍ୟମୂଳକ ଭିନ୍ନ ଭିନ୍ନ ସ୍ଥାନର ଲୋକକାହାଣୀ ଗୁଡ଼ିକୁ ନେଇ ଅଧ୍ୟୟନ କରାଯାଇପାରେ ।

ବଂଗଦେଶର ଲୋକକାହାଣୀରେ ଏହି ଜୀବନ ନାଟିକୁ ନେଇ ଅନେକ ପ୍ରକାରର ବିଧତା ଦେଖାଯାଏ । ଅସୁରଟିର ଜୀବନ ଏକ ଖମ୍ବ ମଧ୍ୟରେ ଲୁକ୍କାୟିତ ମହୁମାଛି ମଧ୍ୟରେ ଥିବା କଥା

ଓଡ଼ିଆ ବା ନାଇଜେରିୟ ଗଳ୍ପ ସଂଗେ ସମାନତା ରକ୍ଷା କରିଥାଏ । କିନ୍ତୁ ବିନା ରକ୍ତପାତରେ ଉକ୍ତ ମାଛିକୁ ମାରିବାକୁ ପଡ଼ିଥାଏ । କାରଣ ଉକ୍ତ ମାଛିର ଏକ ବୁନ୍ଦା ରକ୍ତରୁ ହଜାର ହଜାର ଅସୁର ଜାତ ହୋଇ ଆକ୍ରମଣକାରୀକୁ ହତ୍ୟା କରନ୍ତି । ଏଣୁ ଏପରି ସାବଧାନତା ସହିତ ଉକ୍ତ ରାକ୍ଷସକୁ ମାରିବାକୁ ହୁଏ । ଏଠାରେ ରକ୍ତବୀର୍ଯ୍ୟ ରାକ୍ଷସବଧ ପୌରାଣିକ ଆଖ୍ୟାନ ଓ ମାତା ଶ୍ମଶାନକାଳୀଙ୍କ ଆବିର୍ଭାବ ଓ ଅସୁର ନିପାତନ କଥା ମନେପଡ଼େ । ସେଇପରି ଭୟଙ୍କର ଅସୁରୁଣୀର ଜୀବନ ଏକ ନିର୍ଦ୍ଦିଷ୍ଟ କେଶ ବା ନିର୍ଦ୍ଦିଷ୍ଟ ସ୍ଥାନ, ଅଗମ୍ୟ କଷ୍ଟଲଭ୍ୟ ବସ୍ତୁ ବା ଜୀବଠାରେ ରହିବା କଥା ଓଡ଼ିଆ ଗଳ୍ପରେ ସୁଲଭ । "ଓଡ଼ିଆ ଗଳ୍ପରେ ସାଧାରଣତଃ ଅସୁରର ଜୀବନନାଟି ଥିବା କଥା ବର୍ଣ୍ଣିତ । ମଣିଷ ଜୀବନନାଟିରୁ ଗୋଟିଏ ମାତ୍ର ଦୃଷ୍ଟାନ୍ତ ଡାଳିମ୍ବକୁମର ଗଳ୍ପରୁ ମିଳେ । ଏହା ସଂସ୍କୃତରୁ ଆହୃତ । ସମୁଦ୍ର ମଧ୍ୟରେ ରାଘବ, ତା' ପେଟରେ ଫରୁଆ, ଫରୁଆ ଭିତରେ ଡାଳିମ୍ବହାର ରହିଥାଏ । ତାକୁ ଆଣି ରାଣୀ ପିନ୍ଧିବାମାତ୍ରେ ସେ ମରିଯାଏ ଓ ଘରେ ରଖିଦେଲେ ସେ ଜୀଇଁ ଉଠେ । ଏହି ହାର ହିଁ ହେଉଛି ଡାଳିମ୍ବକୁମରର ଜୀବନନାଟି ।"(୨୩) କୃଷ୍ଣାଙ୍କୁର ଋଷିଙ୍କ ଭୟରେ ଇନ୍ଦ୍ର ନିଜ ପଞ୍ଚଆତ୍ମାକୁ ସ୍ଥାପନା କରିବା ଓ ପଞ୍ଚଆତ୍ମା ପାଣ୍ଡବ (ପାଞ୍ଚଜଣ) ରୂପେ ଶରୀର ଧାରଣ କରିବା କଥା ସାରଳା ମଧ୍ୟ ମହାଭାରତରେ କହିଛନ୍ତି । ଏଣୁ ଏ ଲୋକବିଶ୍ୱାସ ସେ କାଳରେ ଓଡ଼ିଶାରେ ଥିଲାବୋଲି ଏଥିରୁ ସ୍ପଷ୍ଟ ସୂଚନା ମିଳିଥାଏ । ଏହା ସହ ଅନ୍ୟ ଏକ କଥା ଅବଶ୍ୟ ସ୍ପଷ୍ଟ ହେଲା ଯେ, ମାଛିର ରକ୍ତରୁ ଅସୁର ସୃଷ୍ଟି ହେବା ଓ ଇନ୍ଦ୍ରଙ୍କ ପଞ୍ଚଆତ୍ମା ସ୍ଥାପନ ପ୍ରଭୃତି କଥାରୁ ପୁରାଣ (ଲିଖିତ) ସୃଷ୍ଟି ହୋଇ ଥାଇପାରେ । ଅର୍ଥାତ୍ ମୌଖିକ ମିଥ୍‌ରୁ ଲିଖିତ ମିଥ୍ ସୃଷ୍ଟି ହୋଇଥାଇ ପାରେ ।

ଏହାଛଡ଼ା ଭାରତରେ ବସବାସ କରୁଥିବା ତଥା ଓଡ଼ିଶାରେ ବସବାସ କରୁଥିବା ବିଭିନ୍ନ ଜନଜାତି ଶବର, କୋହ୍ଲ, ପରଜା, ସଉରା, ସାନ୍ତାଳ ଓ ଅନ୍ୟାନ୍ୟ ଜନଜାତି ଗୋଷ୍ଠୀ ବା ସମାଜର ଏକ ଏକ ପାରଂପାରିକ ବିଶ୍ୱାସ ରହିଛି । ସେମାନେ ସେହି ବିଶ୍ୱାସରେ ବଦ୍ଧମୂଳ । ଆଣ୍ଡମାନ୍ ଓ ନିକୋବର ଦ୍ୱୀପରେ ରହୁଥିବା ଜାରୱା, ସେଣ୍ଟିନେଲି ଓ ଅନ୍ୟାନ୍ୟ ଜନଜାତିର ଲୋକେ ନିଜର, ସ୍ୱତନ୍ତ୍ର ପରଂପରା ଓ ଲୋକସଂସ୍କୃତିରେ ବଂଚନ୍ତି । ଭାରତର ମୂଳଭୂଖଣ୍ଡଗତ ବିବିଧ ସ୍ଥାନର ଜନଜାତି ହେଉ ଅଥବା ମୂଳଭୂଖଣ୍ଡଠାରୁ ବିଚ୍ଛିନ୍ନ ଭୂଖଣ୍ଡର ସଂସ୍କୃତି ଓ ଲୋକପରଂପରା ହେଉ - ଏସବୁ ମଧ୍ୟରେ ଏକ ଗଭୀର ସାମ୍ୟ ଓ ସାଦୃଶ୍ୟ ପରିଲକ୍ଷିତ ହୋଇଥାଏ । ମଣିଷର ଆତ୍ମା ବାଘ ହେବା, ଖରାପ ଆତ୍ମା ଡୁମା ହେବା ଓ ଭଲ ଆତ୍ମା ଦେବତା ହେବା, ଆତ୍ମାମାନେ (ପୂର୍ବପୁରୁଷ) ଆମକୁ ନିରନ୍ତର ଲକ୍ଷ୍ୟ କରିବା, ବଳିଦେବା ଦ୍ୱାରା ପୂର୍ବପୁରୁଷ ତୃପ୍ତ ହେବା, ଦେହକୁ କାଟି ଚିତାକୁଟାଇବା ଦ୍ୱାରା ଈଶ୍ୱର, ପୂର୍ବପୁରୁଷ ପ୍ରସନ୍ନ ହେବା, ପୁରୁଷମାନେ ନାରୀମାନଙ୍କୁ ଓ ନାରୀମାନେ ପୁରୁଷମାନଙ୍କୁ ଅଧିକ ପସନ୍ଦ କରିବା ପ୍ରଭୃତି ଅନେକ ଧାରଣା ଭିନ୍ନଭିନ୍ନ ସ୍ଥାନରେ ଦେଖାଯାଏ । ପୁଣି ସେସବୁ ଭିନ୍ନଭିନ୍ନ ସ୍ଥାନରେ ହୋଇ ମଧ୍ୟ ତା' ମଧ୍ୟରେ ଅଭୂତପୂର୍ବ ଓ ଆଶ୍ଚର୍ଯ୍ୟଜନକ ମେଳ ରହିବା ନିହାତି ବିସ୍ମୟକର ଓ କୌତୁହଳପ୍ରଦ । ଏହି କୌତୁହଳ ହିଁ ଆମର ଆଲୋଚ୍ୟ ପ୍ରସଂଗରେ ଉତ୍‌ଥିତ ଅନେକ ପ୍ରଶ୍ନର ସିଧାସଳଖ ସରଳ ସମାଧାନମୂଳକ ଉତ୍ତର ପ୍ରଦାନ କରିଥାଏ ଓ ସଂଚରଣ ମତବାଦକୁ ସ୍ୱୀକୃତି ଦିଏ ।

ଲୋକଗୋଷ୍ଠୀର ଅଭିଯାତ୍ରା ଓ ସାଂସ୍କୃତିକ ବିସରଣ ବାବଦରେ ପୃଥିବୀର ବିବିଧ କୋଣରେ ପ୍ରଚଳିତ ଏକପ୍ରକାରର ଲୋକବିଶ୍ୱାସକୁ ଏଠାରେ ଉଦ୍ଧାର କରାଯାଇପାରେ । "ପିଲାଟିଏ ଜନ୍ମହେବା ସଂଗେ ସଂଗେ ବୃକ୍ଷଟିଏ ଲଗାଯାଏ । ଗଛଟିର ବୃଦ୍ଧି ଉପରେ ଶିଶୁଟିର ମଂଗଳ ଜଡ଼ିତ । ଗଛଟି ଯଦି ଭଲ ଭାବରେ ବଢ଼େ, ତେବେ ଶିଶୁ ବଡ଼ ହେବ ବୋଲି ଆଶା କରାଯାଏ । ଗଛଟି ଯଦି ଭଲ ନବଢ଼େ ବା କେହି ତାକୁ ଯଦି ନଷ୍ଟକରେ, ତେବେ ଶିଶୁର ପୀଡ଼ା ଓ ମୃତ୍ୟୁ ନିଶ୍ଚିତ ବୋଲି ମନେକରାଯାଏ । ଏହିପରି ଜନ୍ମବୃକ୍ଷ ରୋପଣର ବୃଦ୍ଧି ଇଉରୋପରେ ବିଶେଷତଃ ଜର୍ମାନୀରେ ବିଶେଷ ଭାବେ ପ୍ରଚଳିତ । ସୁଇଜରଲାଣ୍ଡରେ ପୁତ୍ର ଜନ୍ମ ହେଲେ ଆପେଲ୍ ଗଛ ଓ କନ୍ୟା ଜନ୍ମହେଲେ ପିଅର ଗଛ ଲଗାଯାଏ । ଫିନ୍‌ଲାଣ୍ଡରେ କନ୍ୟା-ପୁତ୍ର ନିର୍ବିଶେଷରେ ଫିର୍ ଗଛ ଲଗାଯାଏ । ଯଦି ଦୈବାତ୍ ଏହି ଗଛର ଡାଳ ଭାଂଗିପଡ଼େ ତେବେ ଶିଶୁଟିର ଦୁର୍ଭାଗ୍ୟ ବା ମୃତ୍ୟୁର ଶଂକା କରାଯାଏ । ବାଲିଦ୍ୱୀପରେ ନଡ଼ିଆ ଓ ବର୍ଣ୍ଣିଓ ଦ୍ୱୀପରେ ତାଳ ଶିଶୁର ଜନ୍ମ ସମୟରେ ଲଗାଯାଏ । ଏହି ଗଛର କୌଣସି କ୍ଷତି ସାଧିତ ହେଲେ ଶିଶୁର କ୍ଷତି ହୁଏ ବୋଲି ସେମାନଙ୍କର ବିଶ୍ୱାସ । ପଶ୍ଚିମ ଓ ପୂର୍ବ ଆଫ୍ରିକାରେ ପ୍ରତ୍ୟେକ ଉପଜାତିଙ୍କର ସ୍ୱତନ୍ତ୍ର ଜନ୍ମବୃକ୍ଷ ରହିଥାଏ ।" (୨୪) ଯୋଡ଼ାଏ ଗଛମୂଳେ ପାଣିଦେଇ ସଯତ୍ନେ ତାକୁ ବଢ଼ାଯାଏ । ଏହାର ସ୍ୱାସ୍ଥ୍ୟ ଅସ୍ତିତ୍ୱରେ ବ୍ୟକ୍ତିର (ସଂପୃକ୍ତ) ସ୍ଥିତି ଓ ସ୍ୱାସ୍ଥ୍ୟ ଅବସ୍ଥା ରହିଥାଏ । ମାଓରିମାନେ ନୂଆକରି ଜନ୍ମଥିବା ଶିଶୁର ନାଭିକାଟି ମାଟିରେ ଯେଉଁ ସ୍ଥାନରେ ପୋତନ୍ତି, ସେଠାରେ ସେ ଗଛଟିଏ ଲଗାନ୍ତି । କଲମ୍ବିଆର ଏକ ଗଳ୍ପରେ ଅସୁରୁଣୀର ଜୀବନନାଟି ଗଜେଇ ଗଛରେ ରହିଛି । ଓଡ଼ିଆ ଗଳ୍ପରେ ଅସୁରୁଣୀ ଆତ୍ମା ଲାଉରେ ଓ ବଂଗଳା ଗଳ୍ପରେ ଅସୁରୁଣୀର ଆତ୍ମା ଲେମ୍ବୁରେ ଥିବା କଥା ବର୍ଣ୍ଣିତ । ରାଜା-ରାଣୀ ଗଳ୍ପ ହେଉ କି ଅସୁର-ଅସୁରୁଣୀ ଗଳ୍ପ ହେଉ, ସବୁଥିରେ ଆତ୍ମା ଓ ପୁନର୍ଜନ୍ମକୁ ନେଇ ଯେଉଁପରି ଚିନ୍ତାଧାରା ରହିଆସିଛି, ବାସ୍ତବରେ

ତାହା ଏ ମର୍ମରେ ଅନୁଶୀଳନୀୟ । ଉପରୋକ୍ତ କ୍ରମେ ଆମେ ସର୍ବଭାରତୀୟ ପରିପ୍ରେକ୍ଷାରେ ସଂଚରଣ ସିଦ୍ଧାନ୍ତର ସ୍ଥିତି-ବ୍ୟାପ୍ତି, ତତ୍ତ୍ୱ-ପ୍ରୟୋଗ ତଥା ଲୋକତାତ୍ତ୍ୱିକ ଅନ୍ୟାନ୍ୟ ସିଦ୍ଧାନ୍ତ ସହ ସଂପର୍କ ନିରୂପଣାଦି ବାବଦରେ ସ୍ପଷ୍ଟ ହୋଇପାରୁ ।

ଲୋକ ସାହିତ୍ୟକୁ ଅଧ୍ୟୟନ କରିବାଲାଗି ବିବିଧ ତାତ୍ତ୍ୱିକ ଦିଗ ରହିଛି । ବିବିଧ ଆଲୋଚକ, ଗବେଷକ ଓ ବିଶେଷଜ୍ଞମାନଙ୍କ ଦ୍ୱାରା ଏହି ଅଧ୍ୟୟନ ଲାଗି ଏକାଧିକ ପଦ୍ଧତି ନିର୍ଣ୍ଣୟ କରାଯାଇଛି । ସମୟକ୍ରମେ ଅଧ୍ୟୟନର ସୁବିଧା, ଅସୁବିଧା, ଆବଶ୍ୟକତା ଓ ଔଚିତ୍ୟକୁ ଲକ୍ଷ୍ୟ କରି ଧୀରେ ଧୀରେ, ଅନେକ ପଦ୍ଧତି ଆସିଛି । ଯଥା : ୧) ସୌର ପୁରାତାତ୍ତ୍ୱିକ ପଦ୍ଧତି, ୨) ତୁଳନାତ୍ମକ ପଦ୍ଧତି, ୩) ସଂଚରଣ ବା ଅଭିଯାତ୍ରା ପଦ୍ଧତି, ୪) ନୃତାତ୍ତ୍ୱିକ ପଦ୍ଧତି, ୫) ମନସ୍ତାତ୍ତ୍ୱିକ ପଦ୍ଧତି, ୬) ଐତିହାସିକ ଭୌଗୋଳିକ ପଦ୍ଧତି ବା ଫିନିଶ୍ ପଦ୍ଧତି, ୭) ପ୍ରକାର୍ଯ୍ୟ ପଦ୍ଧତି (Functional Method), ୮) ଆଦର୍ଶବାଦୀ ପଦ୍ଧତି (Ideological Method), ୯) ଐତିହାସିକ ପୁନର୍ଗଠନ ପଦ୍ଧତି (Historical Reconstruction), ୧୦) ବାଚିକ ସୂତ୍ର ପଦ୍ଧତି (Oral Formulaic Method), ୧୧) ଆନ୍ତଃସାଂସ୍କୃତିକ ପଦ୍ଧତି (Cross Cultural Method), ୧୨) ଅର୍ଦ୍ଧଗୋଲକ ପଦ୍ଧତି (Hemispheric Method) ୧୩) ପ୍ରସଂଗଭିତ୍ତିକ ଅଧ୍ୟୟନ (Contexual Method), ୧୪) ଲୋକ ସାଂସ୍କୃତିକ ପଦ୍ଧତି (Folkcultural Method), ୧୫) ସାମୂହିକ ସାଂସ୍କୃତିକ ପଦ୍ଧତି (Mass Cultural Method), ୧୬) ସଂରଚନାତ୍ମକ ପଦ୍ଧତି (Structural Method), ୧୭) ନନ୍ଦନତାତ୍ତ୍ୱିକ ପଦ୍ଧତି (Aesthetic Method) ପ୍ରଭୃତି ଅନ୍ୟାନ୍ୟ ଅନେକ ପଦ୍ଧତି । ଲେଭିଷ୍ଟ୍ରସ୍, ଭ୍ଲାଦିମିର୍ ପ୍ରପ୍‌ଙ୍କ ଯଥାକ୍ରମେ ପାରାଡ଼ିଗ୍‌ମାଟିକ୍ ଓ ସିଣ୍ଟାଗ୍‌ମେଟିକ୍ ପଦ୍ଧତି ଏ ଦିଗରେ ଯଥେଷ୍ଟ ସହାୟକ । କିନ୍ତୁ ବିଶେଷ କରି ଏସବୁ ସତ୍ତ୍ୱେ ଯେଉଁ କେତୋଟି ମୂଳ ଆଧାରକୁ ପରିଶେଷରେ ଧରାଯାଏ, ତାହା ହେଉଛି – ୧) ନୃତତ୍ତ୍ୱ ୨)ତୁଳନା ଓ ୩) ଅଭିଯାତ୍ରା / ପ୍ରବାସନ ।

ଲୋକକାହାଣୀ ବା କୌଣସି ଲୋକ ଉପାଦନାକୁ ସଂଗ୍ରହ କରିବାବେଳେ ଯେଉଁସବୁ ତାତ୍ତ୍ୱିକ ଦିଗ ଉପରେ ଗବେଷକକୁ ଧ୍ୟାନ ଦେବାକୁ ହୋଇଥାଏ, ତାହା ଏଠାରେ ସଂକ୍ଷେପରେ କୁହାଯାଉଛି । ପ୍ରଥମତଃ ଲୋକସାହିତ୍ୟର (ଲୋକକାହାଣୀ, ଲୋକଗୀତ, ଲୋକ ନାଟ୍ୟ, ପ୍ରବାଦ-ପ୍ରବଚନ) କୌଣସି ପ୍ରାମାଣିକ ବା ବିଧିବଦ୍ଧ ଲିଖିତ ରୂପ ନାହିଁ । ଏହା ମୁଖରୁ ମୁଖକୁ ସଂଚରିତ ହୋଇଚାଲେ । ଏହି ସଂଚରଣର ସୀମାନାହିଁ । କିନ୍ତୁ ଏଠାରେ ଏକ ଲକ୍ଷ୍ୟ କରିବାର କଥା ଯେ, ଠିକ୍ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ପରିବେଶ, ପରିସ୍ଥିତି ବା ସୀମା ଲଂଘି ଲୋକକାହାଣୀ ବା ନିର୍ଦ୍ଦିଷ୍ଟ ଉପାଦାନଟି ବାହାରକୁ ଅର୍ଥାତ୍ ନୂତନ ଏକ ପରିବେଶକୁ ଚାଲିଯାଏ, ସେଠାରେ ଏହା ମୂଳରୂପକୁ ଶତପ୍ରତିଶତ ବିଶୁଦ୍ଧ ଭାବରେ ଧାରଣ କରିପାରେ ନାହିଁ । ଉକ୍ତ ଭୂଖଣ୍ଡର ଭାଷା-ସଂସ୍କୃତି-ପରିବେଶ, ତାପମାତ୍ରା, ଜଳବାୟୁ ଓ ପରିସ୍ଥିତି ଆଧାରରେ ମୂଳ ଲୋକ ଉପାଦାନଟି ମଧ୍ୟରେ କିଛିଟା ପରିବର୍ତ୍ତନ ଆସେ । ଏହା କାଳକ୍ରମିକ ଓ ସ୍ଥାନାନୁସାରୀ ପରିମାର୍ଜନ ମାତ୍ର ଅଟେ । ଏଣୁ ଲୋକକାହାଣୀ ବା ଗୀତ ବା ଲୋକ ଉପାଦାନ ସଂଗ୍ରହ କରିବା ପୂର୍ବରୁ ବ୍ୟକ୍ତିକୁ ବା ଗବେଷକକୁ ସତତ ସତର୍କ ରହିବାକୁ ପଡ଼ିଥାଏ । ତଥ୍ୟ ପ୍ରକୃଷ୍ଟ ହେଲେ ହିଁ ଉତ୍ତର କାଳରେ ହୋଇଥିବା ଅଧ୍ୟୟନ ଯୁକ୍ତିଯୁକ୍ତ, ସତ୍ୟାଶ୍ରିତ ଓ ବଳିଷ୍ଠ ହୋଇଥାଏ । ପ୍ରକୃତରେ ଲୋକଗଳ୍ପ ବା ଲୋକଗୀତ ସଂଗ୍ରହ କରିବାବେଳେ ସଂଗ୍ରାହକ ଏକାବେଳେ ହଠାତ୍ ସଂଗ୍ରହ କରିବା ଉଚିତ୍ ନୁହେଁ । ବରଂ ସଂଗ୍ରାହକ ବା ଗବେଷକ ଭିନ୍ନ ଭିନ୍ନ ସମୟରେ ଗୋଟିଏ ସ୍ଥାନରୁ, ଗୋଟିଏ ଗୋଷ୍ଠୀ ବା ଅଞ୍ଚଳର ଭିନ୍ନ ଭିନ୍ନ ସୂତ୍ରରୁ, ଭିନ୍ନ ଭିନ୍ନ ବ୍ୟକ୍ତିଙ୍କଠାରୁ, ବିଶେଷ କରି ଅଭିଜ୍ଞ ବ୍ୟକ୍ତିଙ୍କଠାରୁ ତଥ୍ୟ ଗ୍ରହଣ କରିବା ଉଚିତ୍ । ପୁଣି ଏହି ଲୋକଗଳ୍ପଗୁଡ଼ିକ ମଧ୍ୟରେ ପାଠାନ୍ତରକୁ ଲକ୍ଷ୍ୟରଖି ଉକ୍ତ ଅଂଚଳର ସଂସ୍କୃତି, ପରଂପରା, ଚଳଣି-ରୀତିନୀତିକୁ ଆଖି ଆଗରେ ରଖି ଉଚିତ୍ ପାଠଟିକୁ ଗ୍ରହଣ କରିବା ଉଚିତ୍ । ଲୋକ ଉପାଦାନ ସଂଗ୍ରହ କଥାବେଳେ କଂଚାମାଲ୍ (ମୂଳ, ଅପରିବର୍ତ୍ତିତ, ଅକ୍ଷତ ଲୋକଗଳ୍ପ)କୁ ଅକ୍ଷତ ଭାବରେ ଉଦ୍ଧାର କରିବାକୁ ପ୍ରଯତ୍ନଶୀଳ ହେବା ଉଚିତ୍ । ଏହା ପୂର୍ବରୁ ଗବେଷକକୁ ସଂପୃକ୍ତ ଅଂଚଳର ସାଂସ୍କୃତିକ, ଧାର୍ମିକ, ପାରଂପାରିକ ଜ୍ଞାନରେ ସିଦ୍ଧିଲାଭ କରିବାକୁ ହୁଏ । ଲୋକଗଳ୍ପ ସଂଗ୍ରହ କଲାବେଳେ ଉକ୍ତ ଗଳ୍ପର ଗୁଣ, ସଂଗ୍ରହ ପଦ୍ଧତି ଓ ବିବିଧ ତତ୍ତ୍ୱକୁ ଆଖିଆଗରେ ରଖି ଅଗ୍ରସର ହେବା କଥା । ତେବେ ଏଥିରୁ କେଉଁଟିକୁ ଗୁରୁତ୍ୱ ଦିଆଯିବ, ତାହା ନିର୍ଣ୍ଣୟ କରିବା କାର୍ଯ୍ୟ ଗବେଷକର । ବିଭାଗୀକରଣ କଲାବେଳେ ଆମ ଅଧ୍ୟୟନ ଓ ସଂଗ୍ରହ ବ୍ୟବସ୍ଥାକୁ ଆନ୍ତର୍ଜାତୀୟ ସ୍ତରୀୟ କରିବା ଉଚିତ୍ । ଗଳ୍ପ ସଂଗ୍ରହ କଲାପରେ ତା'ର କଥାରୂପ (ଟାଇପ୍) ନିର୍ଣ୍ଣୟ କରିବା ଉଚିତ୍ । ଆର୍ଣ୍ଣିଆନେ, ଏଚ୍.ଜେ.ଉଥର ଓ ଷ୍ଟିଥ୍ ଥମ୍‌ସନ୍‌କୃତ 'The Types of the Folktale' ଗ୍ରନ୍ଥାନୁସାରେ ଦିଆଯାଇଥିବା ବିଭାଗ ଓ ଉପବିଭାଗ ଅନୁସାରେ ସଂଗୃହୀତ ଗଳ୍ପଟିର ଟାଇପ୍, ସବ୍‌ଟାଇପ୍ ନିର୍ଣ୍ଣୟ କରିବା ଉଚିତ୍ । ATU-Index ଅନୁସାରେ ଯେଉଁ ପାଞ୍ଚ ପ୍ରକାରର ଗଳ୍ପର ନିର୍ଦ୍ଦେଶ ରହିଛି, ତାହା ହେଉଛି – ୧) Animal Tales (ଜୀବଜନ୍ତୁ ଗଳ୍ପ) (୧-୨୯୯) ୨) Ordinary Tales (ସାଧାରଣ କଥା)(୩୦୦-

୧୧୯୯) ୩) Jokes and Arecdtes (ହାସ୍ୟମୂଳକ ଓ ବାସ୍ତବ ଘଟଣାକୈନ୍ଦ୍ରିକ ଉପାଖ୍ୟାନ / ରଂଗକଥା (୧୨୦୦-୧୯୯୯) ୪) Formula Tales (ସୂତ୍ର ଗଳ୍ପ) (୨୦୦୦-୨୩୯୯) ୫) Unclassified Tales (ଅବିଭକ୍ତ ବା ଅବର୍ଗୀକୃତ ଗଳ୍ପ) (୨୪୦୦-୨୪୯୯) । ଏହି AT Index ରେ ପ୍ରତିଟି ଗଳ୍ପ ଲାଗି କଥାରୂପ / ଭେଦାନୁସାରେ ଏକ ଏକ ସ୍ୱତନ୍ତ୍ର ସଂଖ୍ୟା ପ୍ରଦତ୍ତ । ବିଭାଗ ଓ ଉପବିଭାଗ ଅନୁସାରେ ଦଶମିକ ଚିହ୍ନ ଦେଇ ଏକ ସ୍ୱତନ୍ତ୍ରାତିସ୍ୱତନ୍ତ୍ର ସଂଖ୍ୟା ନିର୍ଦ୍ଦେଶ କରାଯାଇଛି । ସେହିପରି ଏହି ବିଭାଗ-ଉପବିଭାଗ ଅନୁସାରେ ଉଦ୍ଧୃତ ଗଳ୍ପଟିର ଟାଇପ୍ ସବ୍‌ଟାଇପ୍ ଓ ଅନ୍ୟାନ୍ୟ ଅନେକ ସବିଶେଷ ତଥ୍ୟ ମିଳିଥାଏ । ଏଣୁ ଗଳ୍ପ ସଂଗ୍ରହବେଳେ ଗବେଷକ ଏହି କୋଡ୍ ନିର୍ଦ୍ଦେଶ କରିବା ଉଚିତ୍ ।

ସେହିପରି ଗବେଷଣାକୁ ଆନ୍ତର୍ଜାତୀୟ ସ୍ତରର କରିବା ଲାଗି ମୋଟିଫ୍ ଇଣ୍ଡେକ୍‌ସର କୋଡ଼ୟକୁ ଅନୁସରଣ କରିବା ଉଚିତ୍ । ଏଣୁ ପ୍ରତିଟି ସଂଗୃହୀତ ଗଳ୍ପର ମୋଟିଫ୍‌କୁ ନେଇ ମୋଟିଫ୍ ଇଣ୍ଡେକ୍‌ସ ଅନୁସାରେ ସଜାଇବାକୁ ହେବ ଓ encode କରିବାକୁ ହେବ । ତୁଳନାତ୍ମକ ଅଧ୍ୟୟନ ଦ୍ୱାରା ବିବିଧ ମୋଟିଫ୍‌ର ସଂପ୍ରସାରଣକୁ ଆଖିଆଗରେ ରଖିଲାପରେ ଗଳ୍ପଟିର ସଂଚରଣ ମାର୍ଗ, ଦିଗ ଓ ମୂଳସ୍ଥଳ ଜଣାପଡ଼ିଥାଏ । କିନ୍ତୁ ଏପରି ଅଧ୍ୟୟନରେ ଗଳ୍ପଟିର ସୌନ୍ଦର୍ଯ୍ୟ, ସୌକର୍ଯ୍ୟ, ଭାସ୍କର୍ଯ୍ୟ, ସଂରଚନା ଶୈଳୀ, ସାଂସ୍କୃତିକ ପରିଚୟ, ସାମାଜିକ ପରିବେଶ, କଥକର ପ୍ରତିଭା, ଅଭିଜ୍ଞତା, ଲୋକପ୍ରିୟତା, ଜାତୀୟ ସଂସ୍କୃତି ପ୍ରଭାବ ପ୍ରଭୃତିକୁ ଦର୍ଶାଇ ଦିଆଯାଇପାରେ ନାହିଁ । ଏହା ହିଁ ଏ ପଦ୍ଧତିର ଏକ ଦୋଷ ଓ ଦୁର୍ବଳତା ।

ସେହିପରି ରାଷ୍ଟ୍ରୀୟ ଲୋକସାହିତ୍ୟତତ୍ତ୍ୱ ବା ପଦ୍ଧତି ଅନୁସାରେ କୌଣସି ରାଷ୍ଟ୍ରର ଜୀବନୀ ଶକ୍ତି ପରୀକ୍ଷା କରାଯାଇପାରେ । ରାଷ୍ଟ୍ରୀୟ ଲୋକ ପରଂପରା, ବୈଶିଷ୍ଟ୍ୟ ପ୍ରଭୃତି ସଂପୃକ୍ତ ଲୋକଗଳ୍ପରେ କିପରି ପ୍ରତିଫଳିତ ହୋଇଥାଏ, ତାହା ଏଠାରେ ବ୍ୟକ୍ତ । ରାଷ୍ଟ୍ରୀୟତା ବା ଜାତୀୟତାକୁ ଅବବୋଧ କରିବା ଲାଗି ଗଳ୍ପର ପ୍ରାଣଶକ୍ତିରେ ସେ ଉପାଦାନକୁ ଖୋଜିବା ଦର୍କାର । ଗବେଷକ ବା ସଂଗ୍ରାହକ ଏପରି ପଦ୍ଧତି ଆଧାରରେ ଅଧ୍ୟୟନ କରିବା ଜରୁରୀ । ଲୋକ ଉପାଦାନ ସଂଗ୍ରହ ଓ ଅଧ୍ୟୟନର ଆଉ ଏକ ବିଶେଷ ମାର୍ଗ ହେଉଛି ମାନବ ବିଜ୍ଞାନ ତତ୍ତ୍ୱମାର୍ଗ । ଏଥିରେ ଗବେଷକ ସଂପୃକ୍ତ ଗଳ୍ପର ପରିବେଶ ଓ ପରିସ୍ଥିତି, ବିଶେଷ କରି ସାଂସ୍କୃତିକ ଓ ସାମାଜିକ ସ୍ଥିତିର ବିଶ୍ଳେଷଣ ପୂର୍ବକ ପାରିବେଶିକ ଚିତ୍ର ପ୍ରଦାନ କରିଥାଆନ୍ତି । ଏକ ସାମାଜିକ ପରିପ୍ରେକ୍ଷାରେ ଗବେଷକ ଉକ୍ତ ଗଳ୍ପକୁ ଏ ପଦ୍ଧତିରେ ଅଧ୍ୟୟନ ଓ ଅନୁଶୀଳନ କରିଥାଏ । ଏଠାରେ ଗବେଷକଙ୍କୁ ସଂପୃକ୍ତ ସମାଜର ଇତିହାସ ବାବଦରେ କିଛିକିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବାର ସମ୍ଭାବନା ମଧ୍ୟଥାଏ । କିନ୍ତୁ ଏଠାରେ ମଧ୍ୟ ଲୋକଗଳ୍ପଟିର ବା ଗୀତଟିର ନାନ୍ଦନିକ ବୈଶିଷ୍ଟ୍ୟ ବା ସୌନ୍ଦର୍ଯ୍ୟତତ୍ତ୍ୱ ବିଶେଷ ଉଖୁରାଯାଇ ନଥାଏ । ଲୋକୋକ୍ତି ହେଉ ବା ହେଉ ଲୋକକାହାଣୀ ବା ଲୋକଗୀତଟିଏ, ଏଥିରୁ କୌଣସିଟି ଦେଶ-କାଳ-ପାତ୍ର ଉର୍ଦ୍ଧ୍ୱରେ ନୁହେଁ । ଏଠାରେ ଗବେଷକଙ୍କୁ ଲୋକ ଉପାଦାନର ପ୍ରଚ୍ଛନ୍ନ ଇଂଗିତକୁ (ଯଦି କିଛି ଥାଏ) ମଧ୍ୟ ବୁଝିବାକୁ ହୁଏ ।

ଲୋକ ସାହିତ୍ୟ ଅଧ୍ୟୟନ କାଳରେ ଗବେଷକ ନିଶ୍ଚିତରୂପେ ନିର୍ଦ୍ଦିଷ୍ଟ ସ୍ଥାନର ସଂସ୍କୃତି ଓ ପରଂପରା-ପରିବେଶ ସହ ପରିଚିତ ହୋଇ ସାରିଥାଏ । ତେଣୁ ତାକୁ ସଂପୃକ୍ତ ଲୋକମାନସର ସାଂସ୍କୃତିକ ମନସ୍ତତ୍ତ୍ୱ ବା ସାମୂହିକ ମନସ୍ତତ୍ତ୍ୱକୁ ଗ୍ରହଣ କରିବାକୁ ହୁଏ । ମନୋବିଜ୍ଞାନର ତତ୍ତ୍ୱ ଓ ମୌଳିକ ଧାରଣା ଅନୁସାରେ ସଂସ୍କୃତିକୁ ବୁଝିବାକୁ ହୁଏ । ଗଳ୍ପର ମୋଟିଫ୍ ଓ ମନସ୍ତତ୍ତ୍ୱ ସମାନ୍ତରାଳ ଭାବରେ ଗବେଷକ ଆଗରେ ଚାଲନ୍ତି । ଗବେଷକ ସେମାନଙ୍କ ନୈକଟ୍ୟ (Closeness) ନିର୍ଣ୍ଣୟ କରିଥାଏ । ଏଣୁ ମନସ୍ତାତ୍ତ୍ୱିକ ପଦ୍ଧତିରେ ଲୋକସାହିତ୍ୟ ଅଧ୍ୟୟନ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । କାରଣ ଗୋଟିଏ ଲୋକକଥା ବା ଲୋକଗୀତ ଅଥବା କ୍ଷୁଦ୍ର ଏକ ଲୋକୋକ୍ତିରେ ମଧ୍ୟ ଗୋଟିଏ ଜାତିର, ଗୋଟିଏ ରାଷ୍ଟ୍ରର ବା ଗୋଷ୍ଠୀର ତଥା ସମୂହର ଆଶା-ଆକାଂକ୍ଷା-ଇଚ୍ଛା-ପ୍ରକୃତି-ପ୍ରବୃତ୍ତି ପ୍ରଭୃତି ପ୍ରତିଫଳିତ ହୋଇଥାଏ । ୟୁଂଗ୍ ଯେଉଁପରି ମନସ୍ତାତ୍ତ୍ୱିକ ଅଧ୍ୟୟନର ମାର୍ଗ ନିର୍ଦ୍ଦେଶ କରିଛନ୍ତି, ଲୋକ ସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଅବିକଳ ମୌଳିକ ମନୋବିଜ୍ଞାନ ପରି ନହେଲେ ମଧ୍ୟ ଅଳ୍ପାଧିକେ ସେହିପରି ପଦ୍ଧତି ଗୃହୀତ ହୋଇଛି । ବସ୍ତୁତଃ ଲୋକ ତତ୍ତ୍ୱବିଦ୍‌ମାନେ ବା ଗବେଷକମାନେ ମିଥ୍ ବା ଲୋକ କାହାଣୀ ବା ଲୋକୋକ୍ତି ମଧ୍ୟରେ ସାମାଜିକ / ସାମୂହିକ ଅବଚେତନ ମନର ସଂଧାନ କରନ୍ତି ।

ସେହିପରି ପ୍ରସଂଗଭିତ୍ତିକ ଅଧ୍ୟୟନର ଗୁରୁତ୍ୱ ଏ କ୍ଷେତ୍ରରେ ଯଥେଷ୍ଟ । ମିଲ୍‌ମାନ୍ ପ୍ୟାରୀ, ଆଲବର୍ଟ, ବି.ଲର୍ଡ଼, ଡନ୍‌ବେନ୍ ଆମ୍‌ସ୍, ଡେଲ୍‌ହାଇମସ୍ ପ୍ରଭୃତି ଏହି ପଦ୍ଧତିର ଗୁରୁତ୍ୱକୁ ସ୍ୱୀକାର କରିଛନ୍ତି । ଏଠାରେ Text ଅପେକ୍ଷା Context ଗୁରୁତ୍ୱପୂର୍ଣ୍ଣ । ଏହି Contextual Study ଦ୍ୱାରା ତା'ର ପରିବେଶ, ପରିସ୍ଥିତି, ସଂସ୍କୃତି, ପୃଷ୍ଠଭୂମି ପ୍ରଭୃତି ସବୁକିଛି ଜାଣିହେବ । ବସ୍ତୁତଃ ଲୋକସାହିତ୍ୟ ଅଧ୍ୟୟନ କାଳରେ ଆଲାନ୍ ଡାଣ୍ଡିସ୍‌ଙ୍କ ଉକ୍ତି ସ୍ମରଣୀୟ । କେବଳ ପାଠ/ ବିଷୟ (Text)କୁ ନୁହେଁ, ବରଂ ଏହାର ଭାଷାଗତ ଦିଗ ବା Texture ଓ ପ୍ରସଂଗ (Context)କୁ ମଧ୍ୟ ଅଧ୍ୟୟନ କରିବା ଜରୁରୀ

ଅଟେ । ଫାଳେ ଭାଷାବିଜ୍ଞାନୀଙ୍କ ହାତରେ ଫାଳେ ମାନବବିଜ୍ଞାନୀଙ୍କ ହାତରେ ଛାଡ଼ିଦେଇ କେବଳ Text analysis କରିଦେଲେ ଚଳିବ ନାହିଁ । ଏହି ତିନିଗୋଟି ଦିଗପ୍ରତି ସମାନ ଭାବରେ ଦୃଷ୍ଟି ଦେବା ଜରୁରୀ । ତେବେ ଯାଇ ଅଧ୍ୟୟନଟି ସୁସ୍ଥ ହୋଇପାରିବ । ଏହାଛଡ଼ା ଦ୍ୱନ୍ଦ୍ୱାତ୍ମକ ବସ୍ତୁବାଦ (Dialectical Materialism), ମାର୍କ୍ସବାଦ, ବାସ୍ତବବାଦ ପ୍ରଭୃତି ଅନୁକୋଣରୁ ବିଚାର କରିବା ଲୋକ ସାହିତ୍ୟତତ୍ତ୍ୱବିଦ୍‌ମାନଙ୍କର ଏକ ଏକ ସ୍ୱତନ୍ତ୍ର ଆବେଦନ ହେଲାଣି । କିନ୍ତୁ ଏସବୁ ସତ୍ତ୍ୱେ ଆମକୁ ଅଭିଯାତ୍ରା ସିଦ୍ଧାନ୍ତକୁ ମଧ୍ୟ ସ୍ୱୀକାର କରିବାକୁ ହେବ । ଲୋକଗଳ୍ପକୁ କିପରି କେଉଁ ଆଧାରରେ ବିଚାର ବିଶ୍ଳେଷଣ କରାଯିବ, ତାହା ନିମ୍ନରେ ଦେଖାଯାଇପାରେ । ଲୋକଗଳ୍ପଟିର ସଂରଚନା କିପରି ହୋଇଛି ଜାଣିଲେ ହିଁ ତା'ର ପ୍ରକୃଷ୍ଟ ଅଧ୍ୟୟନ କରାଯାଇପାରେ । ବିଶେଷକରି ଗଳ୍ପଟିର ଟାଇପ୍, ମୋଟିଫ୍ (କଥାଭିପ୍ରାୟ) ଓ ଫଙ୍କସନ୍‌କୁ ଜାଣିଲେ ହିଁ ସେସବୁର ମୌଳିକ ଧାରଣାପୂର୍ବକ ଅଧ୍ୟୟନ ସମ୍ଭବ ହେବ । କୌଣସି ଏକ ଲୋକକାହାଣୀ ଟାଇପ୍, ମୋଟିଫ୍ ଓ ଫଙ୍କସନ୍‌କୁ ଛାଡ଼ି ନିଜର ଅସ୍ତିତ୍ୱ ଜାହିର କରିପାରେ ନାହିଁ । ଏଇ ତିନିଗୋଟି ଉପାଦାନ ବା ନିୟମଦ୍ୱାରା ବସ୍ତୁତଃ ସମସ୍ତ ଲୋକଗଳ୍ପ ନିୟନ୍ତ୍ରିତ ହୋଇଥାଏ । ଏଣୁ ଗଳ୍ପର ଏକ ସାଧାରଣ ମଡ଼େଲ୍ ପ୍ରସ୍ତୁତ କରାଯାଇ ପାରେ । ସେହି ଆଦର୍ଶମଡ଼େଲ ଏହିପରି -



ଏଠାରେ ସୂଚନା ଥାଉକି ଏସବୁ ପ୍ରକ୍ରିୟା ଦ୍ୱାରା ଓ ଉପାଦାନ ଦ୍ୱାରା ଲୋକଗଳ୍ପଟି ଗଠିତ ହୋଇଥାଏ । ଏଣୁ ଏହିସବୁ ଉପାଦାନକୁ ଅଧ୍ୟୟନ କଲେ ହିଁ ଲୋକଗଳ୍ପଟିର ଜାତକ ବାବଦରେ ପୁଙ୍ଖାନୁପୁଙ୍ଖ ତଥ୍ୟ ମିଳିପାରିବ ।

ସଂସ୍କୃତି, ପରଂପରା, ଧାରଣା ଓ ଲୋକବିଶ୍ୱାସ କେଉଁଠାରୁ କିପରି କେତେବେଳେ କେଉଁଠାକୁ ଯାଇଛି ଜାଣିବାଲାଗି ଏସବୁ ଉପାଦାନ ପର୍ଯ୍ୟବେସିତ ଅଧ୍ୟୟନ ଜରୁରୀ । ଅଭିଯାତ୍ରା ଦ୍ୱାରା ବା ପ୍ରବାସନ ଦ୍ୱାରା ହିଁ ସଂସ୍କୃତି ବିସରିତ ହୋଇଥାଏ । ଅତଏବ ତୁଳନା ହେଉ ବା ସଂରଚନା ହେଉ ବା ପ୍ରସଂଗଭିତ୍ତିକ ଅଧ୍ୟୟନ ହେଉ ଏହା ଦ୍ୱାରା କେବଳ ଲୋକକାହାଣୀର ପ୍ରକୃତି, ପ୍ରବୃତ୍ତି, ଗତି, ସ୍ଥିତି, ବ୍ୟାପ୍ତି, ଦୀପ୍ତି-ଦ୍ୟୁତି, ସ୍ୱର ଓ ସ୍ୱରୂପ ନିର୍ଣ୍ଣୟ କରାଯାଇପାରେ ।

ଭାରତୀୟ ପ୍ରେକ୍ଷାପଟ୍ଟରେ ଦକ୍ଷିଣ ଭାରତୀୟ, ଉତ୍ତର ଭାରତୀୟ, ପୂର୍ବଭାରତୀୟ, ମଧ୍ୟଭାରତୀୟ ଓ ପଶ୍ଚିମଭାରତୀୟ ସ୍ଥାନଗୁଡ଼ିକର ଲୋକ ସଂସ୍କୃତି ଓ ପରଂପରା ମଧ୍ୟରେ ଆଶ୍ଚର୍ଯ୍ୟଜନକ ସାମ୍ୟ ଯେପରି ଦେଖାଯାଏ, ସେହିପରି ଚକିତ କଲାପରି ତଥ୍ୟ ଆନ୍ତଃରାଷ୍ଟ୍ରୀୟ ଲୋକସଂସ୍କୃତି ଅଧ୍ୟୟନ କାଳରେ ଦେଖାଯାଏ । ଏପରିକି ଉତ୍ତର ଓ ଦକ୍ଷିଣ ଗୋଲାର୍ଦ୍ଧର ସଂସ୍କୃତି ମଧ୍ୟରେ ସାଦୃଶ୍ୟ ଓ ବେଳେବେଳେ ସାମ୍ୟ ମଧ୍ୟ ଦେଖାଯାଏ । ଏହାର ଏକ ବଳିଷ୍ଠ ଓ ଯୁକ୍ତିଯୁକ୍ତ କାରଣ ହେଉଛି ଅଭିଯାତ୍ରା । ମୂଳଭୂଖଣ୍ଡର ବାସିନ୍ଦା-ମାନଙ୍କ ଅଭିଯାତ୍ରା ହେତୁ ହିଁ ଏହି ସାଂସ୍କୃତିକ ସାମ୍ୟ ପରିଲକ୍ଷିତ ହୁଏ । ଅତଏବ ବେନ୍‌ଫିଙ୍କ ଏହି ସାଂସ୍କୃତିକ ବିସରଣବାଦୀ ପଦ୍ଧତିର ଯୌକ୍ତିକତା ଓ ଯଥାର୍ଥତାର ତୁଳନା ନାହିଁ । ଲୋକସାହିତ୍ୟ ଅଧ୍ୟୟନ କ୍ଷେତ୍ରରେ ଏହି ପଦ୍ଧତି ଯଥାର୍ଥରେ ଏକ ବଳିଷ୍ଠ ସିଦ୍ଧାନ୍ତ ଅଟେ ଓ ଅନେକ ନୂତନ ତଥ୍ୟ ସଂଧାନ କରି ପାରିବାର ଦକ୍ଷତା ତଥା ଲୋକଗଳ୍ପଟିର ଆମୂଳାନ୍ତ ସ୍ୱରୂପ ପ୍ରଦାନ କରିବାର ସାମର୍ଥ୍ୟ ଏହି ସିଦ୍ଧାନ୍ତର ରହିଛି । ଦେଖିବାକୁ ଗଲେ ଏହା ଲୋକଗଳ୍ପର ଯାତ୍ରାପଥ, ଉନ୍ମେଷ ପ୍ରଭୃତି ଉପରେ ଗୁରୁତ୍ୱ ଦେଲାବେଳେ ଅନ୍ୟାନ୍ୟ ସିଦ୍ଧାନ୍ତ ଲୋକଗଳ୍ପର ଅନ୍ୟାନ୍ୟ ବିଦିଗ ଉପରେ ଧ୍ୟାନ ଦିଅନ୍ତି । ଏଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ତାତ୍ତ୍ୱିକ ସିଦ୍ଧାନ୍ତର ସ୍ଥାନ ଅଧିକାର କରିପାରିଛି ଓ ଭବିଷ୍ୟତରେ ମଧ୍ୟ ଏହା ହିଁ ସର୍ବଗୁରୁତ୍ୱ ସ୍ଥାନାଧିକାର କରିବ ଏହା ନିର୍ଦ୍ୱନ୍ଦ୍ୱରେ କୁହାଯାଇପାରେ ।

ପୃଷ୍ଠଟୀକା :

୧) ସାହୁ, ଡକ୍ଟର ବାସୁଦେବ (୨୦୦୧) ପୃଥିବୀର ଭାଷା ପରିବାର ପରିଚୟ ଓ ପରିସର , ବାଲୁବଜାର, କଟକ : ବିଦ୍ୟାପ୍ରକାଶନ, ପୃ.୪୨ ।

୨) ତତ୍ରୈବ - ପୃ. ୩୧ ଦ୍ରଷ୍ଟବ୍ୟ ।

୩) Kar, P.K. (2000), Indian Society, Ludhiana :

Kalyani Publishers. Pg - 01
୪) Ibid - Pg,02
୫) Ibid - Pg,02
୬) Ibid - Pg,02
୭) Ibid - Pg,02
୮) Ibid - Pg,03
୯) Ibid - Pg,03
୧୦) Handoo, J. (1978), Current Trends in Folklore, My sore : CIIL, Pg.5
୧୧) ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର, (୨୦୧୧), ଲୋକସାହିତ୍ୟ : ତତ୍ତ୍ୱରୂପ ଓ କଳାରୂପ, କଟକ, ଓଡ଼ିଶା : ବିଦ୍ୟାପୁରୀ, ପୃଷ୍ଠା - ୬୯ ।
୧୨) ସାହୁ, ଡକ୍ଟର ବାସୁଦେବ, (୨୦୦୫), ଭାଷା ବିଜ୍ଞାନର ରୂପରେଖ, କଟକ, ଓଡ଼ିଶା : ଫ୍ରେଣ୍ଡସ୍ ପବ୍ଲିଶର୍ସ, ପୃ- ୨୧୧-୨୫ ।
୧୩) ପ୍ରଧାନ, ଡକ୍ଟର କୃଷ୍ଣଚନ୍ଦ୍ର : (୨୦୧୧) ପୂର୍ବୋକ୍ତ ଗ୍ରନ୍ଥ - ପୃ.୬୮ ।
୧୪) ମିଶ୍ର, ଡକ୍ଟର ମହେନ୍ଦ୍ର କୁମାର : (୧୯୯୬), ଲୋକସଂସ୍କୃତି ପରିକ୍ରମା, କଟକ, ଓଡ଼ିଶା : ଗ୍ରନ୍ଥମନ୍ଦିର, ପୃ.୪୦ ।
୧୫) ତତ୍ରୈବ - ପୃ. ୪୦-୪୧ ।
୧୬) Sokolov, Y.M. : (1950), Russian folklore, New york - Pg.79.
୧୭) Handoo, J. (1989), Folklore : An Introduction, Mysore : CIIL - Pg 46.
୧୮) ମିଶ୍ର, ଡକ୍ଟର ମହେନ୍ଦ୍ର : (୧୯୯୬), ପୂର୍ବୋକ୍ତ ଗ୍ରନ୍ଥ - ପୃ. ୪୩ ।
୧୯) ମହାପାତ୍ର, ଡକ୍ଟର ଶ୍ୟାମସୁନ୍ଦର : (୨୦୧୧), ଲୋକସାହିତ୍ୟ ତତ୍ତ୍ୱ, କଟକ : ଓଡ଼ିଶା ବୁକ୍‌ଷ୍ଟୋର, ପୃ- ୨୫ ।
୨୦) ତତ୍ରୈବ - ପୃ. ୨୫ ।
୨୧) ଦାଶ, ପ୍ରଫେସର କୁଂଜବିହାରୀ - 'ଓଡ଼ିଆ ଲୋକଗଳ୍ପରେ ପ୍ରଚଳିତ ମୋଟିଫ୍ : ଜୀବନନାଟି', ଓଡ଼ିଆ ଲୋକସାହିତ୍ୟ (୨୦୧୪) (ସଂପା). - ଡକ୍ଟର ଶ୍ୟାମସୁନ୍ଦର ମହାପାତ୍ର - କଟକ : ଗ୍ରନ୍ଥମନ୍ଦିର, ପୃ. ୨୯ ।
୨୨) ତତ୍ରୈବ - ପୃ. ୩୦ ।
୨୩) ତତ୍ରୈବ - ପୃ.୩୧ ।
୨୪) ତତ୍ରୈବ - ପୃ.୩୧-୩୨ ।

ସହକାରୀ ପ୍ରଫେସର ଓ ବିଭାଗମୁଖ୍ୟ, ଓ. ଶି. ସେ-୧
ଅଧିସ୍ନାତକ ଓଡ଼ିଆ ବିଭାଗ
ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ
ବାଲେଶ୍ୱର-୭୫୬୦୦୧, ଓଡ଼ିଶା
ଭ୍ରାମ୍ୟଭାଷ- ୮୩୨୮୯୦୯୧୫୭
il : santoshonly123@gmail.com

ISSN -2583-147X(P), **Vol.- 8, Issue No. VI, September 2022**
Bastabatara Pariprakash Prachee
Peer Reviewed and Referred Research Journal

ମହାଭାରତୀୟ ପୃଷ୍ଠଭୂମିରେ ରଚିତ କବି ଶତ୍ରୁଘ୍ନ ପାଣ୍ଡବଙ୍କ ଓଡ଼ିଆ କବିତା : ଏକ ଅଧ୍ୟୟନ

ବିଷ୍ଣୁ ପ୍ରସାଦ ସାହୁ

ଉତ୍ତର-ଅଶୀ ଓଡ଼ିଆ କବିତା ବହୁ ଦୃଷ୍ଟିକୋଣରୁ ଗୁରୁତ୍ୱ ଦାବିକରେ । ପ୍ରୟୋଗବାଦୀ କବିତାର ଜଟିଳ ବର୍ଗବନ୍ଧନୀ ମଧ୍ୟରୁ ମୁକୁଳି, ଏହି ସମୟର କବିତା ସମାଜ ଓ ବ୍ୟକ୍ତି ଜୀବନର ବହୁବିଧ କ୍ଷେତ୍ରକୁ ମୁକ୍ତଭାବେ ପ୍ରବାହିତ ହେଲା । ଉତର ଅଶୀ କାଳରେ ବ୍ୟକ୍ତି ଓ ପାଠକମାନଙ୍କୁ କବିତା କ୍ଷେତ୍ରରେ ଯୋଡ଼ିବା ପର୍ବଟି ଆରମ୍ଭ ହୋଇଛି । ଏହି ସୂତ୍ରରେ କବିମାନେ ସମକାଳୀନତା ପ୍ରସଙ୍ଗରେ ପ୍ରୟୋଗ କ୍ରମରେ ପ୍ରଚଳିତ ସାଂପ୍ରତିକ ସମାଜର ସାମାଜିକ ସମସ୍ୟା, ପ୍ରେମ, ଦ୍ୱନ୍ଦ ଆଦି ଭାବାବେଗ ସମ୍ବଳିତ ପ୍ରସଙ୍ଗଗୁଡ଼ିକୁ ଅଧିକ ଭାବ ଉଦ୍ଦୀପକ ଓ ସଂପ୍ରସାରଣଶୀଳ କରିବା ପାଇଁ କବିତାରେ ମିଥ୍ (ପୁରାଣ, ଇତିହାସ, କିମ୍ବଦନ୍ତୀ, ଲୋକକଥା)ର ପ୍ରୟୋଗ ଆରମ୍ଭ କରିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ କବିତାରେ ସମକାଳର ଜୀବନବୋଧକୁ ଦର୍ଶାଇବା ପାଇଁ କେତୋଟି ପୌରାଣିକ ଚରିତ୍ର (ଅକ୍ରୁର, ଦୁର୍ଯ୍ୟୋଧନ, କର୍ଣ୍ଣ, ଦ୍ରୌପଦୀ, ଜାରାଶବର, ପୂତନା, କୁବୁଜା) ଓ ପୌରାଣିକ ସ୍ଥାନ (ଗୋପ, ବୃନ୍ଦାବନ, ମଥୁରା, ହସ୍ତିନାପୁର, ଦ୍ୱାରକାପୁରୀ) ଏବଂ ପୌରାଣିକ ଘଟଣା (କୁରୁକ୍ଷେତ୍ର, ରକ୍ତନଦୀ, ବ୍ୟାସ ସରୋବର) ଆଦିକୁ କବିତାରେ ପ୍ରୟୋଗ କରାଯାଇଛି ।

ପୌରାଣିକ ଘଟଣାଟିଏ, ଯାହା ପ୍ରାକ୍-ଐତିହାସିକ କାଳରୁ ସାଂସ୍କୃତିକ ଓ ପାରମ୍ପରିକ ଜୀବନଧାରାକୁ ଆପ୍ଲୁତ କରି ଶହଶହ ଜନସାଧାରଣଙ୍କର ଅସ୍ଥି ମଜ୍ଜାଗତ, ସେହି କାହାଣୀକୁ ମାଧ୍ୟମ କରି ନବଚେତନାର ଧାରାଟିଏ ପ୍ଲାବିତ କରିବାର ପ୍ରୟାସ ଯେତିକି ସମ୍ବେଦନଶୀଳ, ସେତିକି ସ୍ୱର୍ଣ୍ଣକାତର ଓ ସୂକ୍ଷ୍ମ ଅନୁଶୀଳନ ସାଧ୍ୟ । ଲେଖକୀୟ ବକ୍ତବ୍ୟଟି ପୁରାକଳ୍ପକୁ ଆଧାର କରି ଯେତେବେଳେ ଯଥାଯଥ ଭାବରେ ପ୍ରକାଶଲାଭ କରେ ଓ ସେହି ପୌରାଣିକ କାହାଣୀଟି ପାଠକୀୟ ମାନସରେ ନବ ଆଲୋଡ଼ନ ସୃଷ୍ଟିକରେ ସେତେବେଳେ କବିତାଟି ପୂର୍ଣ୍ଣତା ଲାଭ କରିଥାଏ । ଏହି ପୁରାକଳ୍ପକୁ ଆଧାର କରି କବିତା ରଚନାରେ ସାମର୍ଥ୍ୟ ଓ ସିଦ୍ଧହସ୍ତତା ପ୍ରତିପାଦିତ କରିପାରିଥିବା କବିମାନଙ୍କ ମଧ୍ୟରେ କବି ଶତ୍ରୁଘ୍ନ ପାଣ୍ଡବ ଅନ୍ୟତମ । ୧୯୭୬ ମସିହା ଡିସେମ୍ବର ମାସରେ 'ଝଙ୍କାର' ପତ୍ରିକାରେ ତାଙ୍କର ପ୍ରଥମ କବିତା 'ବିନ୍ଦୁଏ ଲୁହର ପୃଥିବୀ' ବୋଲି ଆତ୍ମପ୍ରକାଶ କରେ । ଫଳରେ ତାଙ୍କ କବିତାର ଭୂମିଟିଏ, ଏକୁଡ଼ିଟିଏ ହେଲା ୧୯୭୦ – ୮୦ ଦଶକ ମାତ୍ର ସେ ଲଟେଇ ଗଲେ ୯୦ ଦଶକକୁ । ଏହି କ୍ରମରେ ତାଙ୍କର ପ୍ରଥମ କବିତା ସଂକଳନ 'ନିଶ୍ୱାସର ତାଳପତ୍ର' (୧୯୮୩) ମସିହାରେ ପ୍ରକାଶପାଏ । ପରବର୍ତ୍ତୀ ସମୟରେ 'ପଦ୍ମପାଳିଙ୍କି' (୧୯୯୬), 'ସାବରମତୀ' (୨୦୦୦), 'ଦୃଶ୍ୟବୋଧ' (୨୦୦୪),'ଶ୍ରାବସ୍ତୀ ରୁ ଶ୍ରାବସ୍ତୀ' (୨୦୦୮), 'ପାଣି ଓ ଅନ୍ୟାନ୍ୟ କବିତା' (୨୦୧୧), ଓ 'ମିଶ୍ରଧ୍ରୁପଦ' (୨୦୧୬) କ୍ରମାନ୍ୱୟରେ ତାଙ୍କ ପ୍ରତିଭାର ସ୍ୱାକ୍ଷର ବହନ କରି ପ୍ରକାଶ ପାଏ ।

କବି ଶତ୍ରୁଘ୍ନ ପାଣ୍ଡବଙ୍କର ପୁରାକଳ୍ପଧର୍ମୀ କବିତାଗୁଡ଼ିକୁ ସୂକ୍ଷ୍ମ ଅନୁଶୀଳନ କଲେ ଆମେ ଦେଖିବାକୁ ପାଉ ବିକ୍ଷିପ୍ତ ଭାବରେ ନାନା ପୌରାଣିକ ଘଟଣାବଳୀକୁ ଆଧାର କରି ନୁହେଁ ବରଂ 'ମହାଭାରତ' ମହାକାବ୍ୟର ଭାବ ଭୂମିରୁ କଥାବସ୍ତୁକୁ ସାଉଁଟି କ୍ରମିକତା ରକ୍ଷାକରି ନିଜର ଭିନ୍ନ ଭିନ୍ନ କବିତା ସଂକଳନରେ କବିତା ସଂଯୋଜନା କରିଛନ୍ତି । ଏହି ମହାଭାରତୀୟ ଭାବ ଭୂମିରେ ଲେଖାଯାଇଥିବା କବି ପାଣ୍ଡବଙ୍କ କବିତା ସବୁ କିପରି ବ୍ୟକ୍ତିରୁ ବିଶ୍ୱମୁଖୀ, ପୌରାଣିକତାରୁ ସାଂପ୍ରତିକ ଆଧୁନିକ ଜୀବନଧାରଣରେ ପ୍ରାସଂଗିକ ତାହା ବିଚାର୍ଯ୍ୟ ।

କବିଙ୍କର ପ୍ରଥମ କବିତା ସଂକଳନ 'ନିଶ୍ୱାସର ତାଳପତ୍ର'ରେ ପୁରାଣକଳ୍ପର ସୂଚନାଧର୍ମୀ ପ୍ରୟୋଗ ରହିଛି । କବିଙ୍କ

'ଜହ୍ନରାତି : ୩' କବିତାରେ ଜରତା ଓ ଋଷ୍ୟଶୃଙ୍ଗ,ଦୁର୍ବାସା ଋଷି ଓ କୁନ୍ତୀଙ୍କ ପ୍ରସଙ୍ଗର ଉଲ୍ଲେଖ ରହିଛି । କବି ପ୍ରଥମଟିରେ ଦେହବୋଧର କଥା କହିଲା ବେଳେ, ଦ୍ୱିତୀୟରେ କୁନ୍ତୀଙ୍କର ମନ୍ତ୍ରମାଳାକୁ ଜପି ସନ୍ତାନ କାମନା କରିବା କଥା କହିଛନ୍ତି । ଜହ୍ନରାତି ରୂପଜ ମୋହ ବା ଦେହଜ କାମନାର ଉତ୍ପ୍ରେରକ ବୋଲି କବିତାରେ ସୂଚିତ ହୋଇଛି ।

ପରବର୍ତ୍ତୀ ସମୟରେ କବିଙ୍କର ଦ୍ୱିତୀୟ କବିତା ସଂକଳନ 'ପଦ୍ମପାଲିଙ୍କ'ରେ ମହାଭାରତର ପୃଷ୍ଠଭୂମିରେ ଆମେ ଚାରିଗୋଟି କବିତା ଲକ୍ଷ୍ୟକରୁ । ତାହା ହେଉଛି 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ', 'ବ୍ୟାସ ସରୋବର-୧', 'ରକ୍ତନଦୀ' ଓ 'ବସ୍ତ୍ର' । ପ୍ରଥମ ତିନୋଟି କବିତାର ମୂଳଉତ୍ସ ସାରଳା ଦାସଙ୍କ 'ମହାଭାରତ'। ଏଠାରେ 'ବ୍ୟାସ ସରୋବର' କବିତାରେ ବ୍ୟାସ ସରୋବରକୁ ଶତ୍ରୁଘ୍ନ ମୌଳିକ ଭାବେ ଏକ ପ୍ରତୀକ ବୋଲି ଗ୍ରହଣ କରିଛନ୍ତି । 'ବସ୍ତ୍ର' କବିତାରେ ତିନୋଟି ଭିନ୍ନ ପ୍ରସଙ୍ଗ ରହିଛି । ଏଥିରେ ଭାଗବତର ଗୋପୀମାନଙ୍କ ବସ୍ତ୍ରହରଣ କଥା, ଚଣ୍ଡୀ ପୁରାଣର ମା'ଦୁର୍ଗାଙ୍କ ବସ୍ତ୍ର ତ୍ୟାଗ ଓ ମହାଭାରତରେ ଦ୍ରୌପଦୀଙ୍କ ବସ୍ତ୍ର ହରଣ କଥାକୁ ଗ୍ରହଣ କରାଯାଇଛି ।

'ରକ୍ତ ନଦୀ' ଓ 'ଦୁର୍ଯ୍ୟୋଧନଙ୍କ ରକ୍ତ ନଦୀ ସନ୍ତରଣ' ର ପ୍ରଥମ ସ୍ତବକ ସହିତ ଭିନ୍ନ ସମୟରେ ଅନ୍ୟାନ୍ୟ ସଂକଳନ ଗୁଡ଼ିକରେ ପ୍ରକାଶ ପାଇଥିବା ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣର ଆଉ ପାଞ୍ଚଗୋଟି ସ୍ତବକ ସହ ମିଶାଇ ଚର୍ଚ୍ଚା କରାଯାଇପାରେ । ସାରଳାଙ୍କ ରଚିତ ମହାଭାରତରେ ରକ୍ତନଦୀ ସନ୍ତରଣ ପ୍ରସଙ୍ଗ ତାଙ୍କର ଏକ ମୌଳିକ ପରିକଳ୍ପନା । ଏହାକୁ ରାଧାନାଥ ରାୟ ପୁନଃର୍ଲିଖନ କଲାବେଳେ କବି ସୀତାକାନ୍ତ ଓ ସୌରୀନ୍ଦ୍ର ଏହାକୁ ନେଇ କବିତା ଲେଖନ୍ତି । ଶତ୍ରୁଘ୍ନଙ୍କ କବିତାରେ ରକ୍ତନଦୀ ଏକ ପ୍ରତୀକ । ଏହା ଜୀବନ ମୃତ୍ୟୁ ସଂପର୍କରେ ଏକ ଆତ୍ମିୟତା ବୋଧର ପ୍ରତୀକ । ଏହା ମଧ୍ୟ ଏକ ଫାଣ୍ଟାସି ବା ଅତି କଳ୍ପନା । ଦୁର୍ଯ୍ୟୋଧନର ଅସହାୟତା ଓ ଜୀବନ ବିଡ଼ମ୍ବନାକୁ ଦର୍ଶାଇବା ସାରଳା ଦାସଙ୍କ ଲକ୍ଷ୍ୟ ହୋଇଥିବା ସ୍ଥଳେ, ଶତ୍ରୁଘ୍ନ ରକ୍ତନଦୀକୁ ଜୀବନର ପ୍ରତୀକ ଭାବରେ ଗ୍ରହଣ କରିଛନ୍ତି । ଏବଂ ଏହି ପ୍ରତୀକର ଅର୍ଥମୟତାକୁ ନିଜ ଢ଼ଙ୍ଗରେ ସଂପ୍ରସାରିତ କରିଛନ୍ତି ।

"ରକ୍ତରେ କାହିଁକି ବହିବ ନଦୀ
ଯାହାକୁ ବା କୁହାଯିବ ରକ୍ତନଦୀ
ରକ୍ତରେ ହୁଏତ ପାଣି ଦିଶୁଥିବ ଲାଲ୍
ପାଣି କହ କେଉଁ କାଳେ ଗୋଳିଆ ନୁହଁ ଯେ"

(ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ, ପଦ୍ମ ପାଲିଙ୍କି, ପୃଷ୍ଠା-୫୧)

ଉତ୍ତର ଅଶୀ ସମୟଖଣ୍ଡର ସାମାଜିକ, ରାଜନୀତିକ ପାଣିପାଗ ସହ ଯୋଡ଼ି ପୁରାକଳ୍ପର ଏହି ବିତର୍କିତ ନାୟକକୁ କବି ଭିନ୍ନ ଭିନ୍ନ ଅବସ୍ଥାରେ ମଧ୍ୟ ଭେଟିଛନ୍ତି । ଏହିସବୁ ଗୁଚ୍ଛ କବିତାଗୁଡ଼ିକ ଗୋଟିଏ ଗୋଟିଏ ସ୍ପର୍ଶକାତର ସଙ୍କଟ ସୃଷ୍ଟି କରନ୍ତି କବିତାରେ । କବି ଶତ୍ରୁଘ୍ନ ପାଣ୍ଡବ ପରମ୍ପରା ମାନ୍ୟତା କ୍ରମରେ ପ୍ରବାହିତ କାବ୍ୟ ପରମ୍ପରାକୁ ଭାଙ୍ଗି ନବ ନିର୍ମାଣର ନକ୍ସା ତାଙ୍କ କବିତାରେ ତିଆରି କରନ୍ତି । ଭାରତୀୟ ପରମ୍ପରାରେ ନଈ ହିଁ ନିରଞ୍ଜନା, ସେ ଗଙ୍ଗା, ଗୋଦାବରୀ, ନର୍ମଦା, ଚିତ୍ରୋତ୍ପଳା । ନଈ ଦର୍ଶନରେ ହିଁ ଭାବାନ୍ତର ସୃଷ୍ଟି ହୁଏ । ନଈ ପବିତ୍ର, ପାଣି ତାର ପାଦୁକା । ସାରଳା ଦାସଙ୍କ ରକ୍ତନଦୀ ନିର୍ମାଣ ପ୍ରସଙ୍ଗ ମୂଳରେ ଆଧାତ୍ମିକ ଭୂମିଟି ଏସବୁ ଉପରେ ଆଧାରିତ । ଶତ୍ରୁଘ୍ନ ପାଣ୍ଡବ ତାଙ୍କ ଏଇତକ ମୂଳ ଅନୁଭବକୁ ନେଇ ପାଣି-ପ୍ଲାବନ ସୃଷ୍ଟି କରିଛନ୍ତି । ଶତ୍ରୁଘ୍ନଙ୍କ କବିତାର ନକ୍ସାରେ ଯେତିକି ନଈ, ସେତିକି ଦୁର୍ଯ୍ୟୋଧନ । କବି ଦୁର୍ଯ୍ୟୋଧନ ଚରିତ୍ରର ବିବର୍ତ୍ତନ-ବିକାଶ ଓ ବିଭୁବୋଧକୁ ନଈର ଲାବଣ୍ୟ ଭିତରେ ଫୁଟାଇଛନ୍ତି । ଏହି କାବ୍ୟକଳା ଓ ଶିଳ୍ପକଳା ଅତି ଅଭିଜାତ ଓ ସୂକ୍ଷ୍ମ, ଶିଳାକୁ ଶାଳଗ୍ରାମ କରିବାର ସଂଗୁପ୍ତ ଯୋଜନା ।

ଶତ୍ରୁଘ୍ନ 'ରକ୍ତନଦୀ ସନ୍ତରଣ'ର ପ୍ରଥମ ସ୍ତବକ ଲେଖିବା ପରେ ଏହାର ପରବର୍ତ୍ତୀ ସ୍ତବକ ତାଙ୍କର 'ଦୃଶ୍ୟବୋଧ' ସଂକଳନରେ ସ୍ଥାନ ଦେଇଛନ୍ତି । ଏହା ପରେ ଆହୁରି ଚାରିଗୋଟି ସ୍ତବକ ଲେଖିଛନ୍ତି ଯାହା 'ଶ୍ରାବସ୍ତୀରୁ ଶ୍ରାବସ୍ତୀରେ' ରେ ସ୍ଥାନିତ । ଏ ସବୁକୁ ସ୍ୱତନ୍ତ୍ର ଏକକ କବିତା ଭାବରେ ବିଚାର କରାଯାଇପାରେ । ଏଥିରେ କାବ୍ୟ କଳନାର ଏକ ବିକାଶ ମଧ୍ୟ ରହିଛି । 'ରକ୍ତନଦୀ ସନ୍ତରଣର-୨' କବିତାଟିକୁ ତିନୋଟି ଉପ-ପରିଚ୍ଛେଦରେ ବିଭକ୍ତ କରାଯାଇଛି, ଯଥା- ରକ୍ତନଦୀ, ରକ୍ତନଦୀ ପାରିହେବା ପରେ, ବ୍ୟାସ ସରୋବର । କବି ଏ କବିତାର ଯୁଦ୍ଧ ଭୂମିକୁ କୁରୁକ୍ଷେତ୍ରର ଯୁଦ୍ଧ ଭୂମି ବୋଲି କେବଳ ନୁହେଁ ବରଂ ପୃଥିବୀର ସବୁ ଯୁଦ୍ଧ ଭୂମି ସହିତ ବିବେଚନା କରିଛନ୍ତି । ସବୁ ଯୁଦ୍ଧ ଭୂମିରେ ଥାଏ ଗୋଟିଏ ଗୋଟିଏ ରକ୍ତନଦୀ । ସେ ପ୍ରଶ୍ନ କରିଛନ୍ତି-

''ଯୁଦ୍ଧଭୂମିର କେଉଁ ସୀମାନ୍ତରେ
କେଉଁ ଦିଗରେ ରକ୍ତନଦୀ ଥାଏ
ରକ୍ତନଦୀର କୂଳ ନଥାଏ
ଅଥଚ ତା କୂଳରେ ଘର ଓ ଶିବିର ଥାଏ ।"

କବି ସାରଳା ଦାସଙ୍କ ରକ୍ତନଦୀକୁ ସେ ଆହୁରି ବ୍ୟାପ୍ତି ଓ ରହସ୍ୟମୟତା ଦେଇଛନ୍ତି । ସ୍ତବକ-୩ ରେ କବି ଦୁର୍ଯ୍ୟୋଧନଙ୍କୁ ବୈୟକ୍ତିକ ସ୍ତରରୁ ଏକ ସାଧାରଣ ସ୍ତରକୁ ନେଇ ଯାଇଛନ୍ତି । ସେଠି ସବୁକାଳର ଅହଂ ପ୍ରବଣ ସତ୍ତା, ସବୁକାଳର ପୁତ୍ରହରା ପିତା ମଧ୍ୟରେ ଗୋଟେ ଗୋଟେ ଦୁର୍ଯ୍ୟୋଧନ ଥାଏ ବୋଲି ଆମେ ଦେଖୁ । ସମସ୍ତେ ଯେଝାଯେଝା ରକ୍ତନଦୀ କୂଳେ ବସିଥାନ୍ତି । ସେ ରକ୍ତନଦୀ କୂଳରେ ଜ୍ଞାତି, ପରିଜନ, ଶତ୍ରୁମିତ୍ର କେହି ନାହାନ୍ତି । ଏହା ବାସ୍ତବରେ ଏକ ଆତ୍ମଚିନ୍ତନ, ଆତ୍ମସାକ୍ଷାତକାରର ସ୍ଥିତି । ସ୍ତବକ:୪ ରେ ଶୋଷରେ ଆଉଟୁ ପାଉଟୁ ଦୁର୍ଯ୍ୟୋଧନଙ୍କୁ ପାଣିର ସମାବେଶ ହିଁ ରକ୍ତନଦୀ ଭଳି ଦିଶିଯାଇଥିବ ବୋଲି କବି କହିଛନ୍ତି । ସ୍ତବକ : ୫ ରେ ଦୁର୍ଯ୍ୟୋଧନ ଚରିତ୍ର ଭିତରେ ସୃଷ୍ଟି ହୋଇଛି ଏକ ଶୂନ୍ୟତା ବୋଧ । ତା' ହୃଦୟରେ ଦେଖାଦେଇଛି ଏକ ଉତ୍ତୀର୍ଣ୍ଣତାବୋଧ, ହସ୍ତିନାପୁରକୁ ଜଡ଼ାଇ ଧରିବାର ଓ ତା'ର ମାଟିକୁ ଆଲିଙ୍ଗନ କରିବାର ଏକ ଆତ୍ମୟତାବୋଧ । ନିରବତାର ଓଁ କାର ପାଲଟି ଯିବାକୁ ତା' ମଧ୍ୟରେ ସୃଷ୍ଟି ହୋଇଛି ଏକ ପରମ ଆସ୍ପୃହା । ଏହା ଏକ ମୁକ୍ତି ବା ପରିତ୍ରାଣର ଭାଷା ବୋଲି ମନେହୁଏ । ଦୁର୍ଯ୍ୟୋଧନ ସତ୍ତାର ଏକ ଉତ୍ତରିତ ମାନସିକତା ଏଠାରେ ଲକ୍ଷଣୀୟ । ତା'ର ସ୍ୱଗତୋକ୍ତି ଏହିପରି-

"ଯେ ରକ୍ତନଦୀ ପରେ ଆଉ କ'ଣ ?
ନିଜ କାନ୍ଦକୁ ଗୀତ କରି
ଭସାଇ ଦେବାକୁ ହେବ ପାଣି ସୁଅରେ
ବହି ଯିବାକୁ ହେବ
ଶୀର୍ଣ୍ଣ ନଦୀର ଗାଲ
ମରୁଭୂମିର ନୁଖୁରା କପାଳ
ଏ ବିଧ୍ୱସ୍ତ ରକ୍ତଭୂମିର ରକ୍ତ ଚହଚହ କ୍ଷତ ଦେଇ ।"

(ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ-୫,
ଶ୍ରାବସ୍ତୀରୁ ଶ୍ରାବସ୍ତୀ, ପୃ-୪୮)

'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' ର ଷଷ୍ଠ ସ୍ତବକ ଏହି ଉତ୍ତରିତ ମାନସିକତାର ଆଉ ଏକ ପର୍ଯ୍ୟାୟ । ତା'ର ଆତ୍ମ ସାକ୍ଷାତକାରର ଭାଷା ବେଶ୍ କୋମଳ ଓ ସମ୍ବେଦନଶୀଳ । ଦୁର୍ଯ୍ୟୋଧନ ହୃଦୟ ବିସ୍ତାରଣର ଏକ ନୂତନ ଫର୍ଦ୍ଦ କବି ଉନ୍ମୋଚନ କରିଛନ୍ତି । ଏହି ସ୍ଥିତି ଏକ ଆଲୋକିତ ସ୍ଥିତି । ଏହା ହୃଦୟ ବିସ୍ତାରର ବିଗଳନ । ଏହି କବିତାଟି ଯୁଦ୍ଧ ବିଷୟକ ଓ ଦୁର୍ଯ୍ୟୋଧନ ବିଷୟକ । ଦୁର୍ଯ୍ୟୋଧନର ଚୈତନିକ ଉତ୍ତରଣ ସଂପର୍କରେ କବି ଏ ସ୍ତବକଟିରେ ଗୁରୁତ୍ୱାରୋପ କରିଛନ୍ତି ।

ଏହି ଧାରାରେ କବି ଶତ୍ରୁଘ୍ନ 'ବ୍ୟାସ ସରୋବର'କୁ ନେଇ ଚାରିଗୋଟି ସ୍ତବକ ରଚନା କରିଛନ୍ତି । ପ୍ରଥମ ସ୍ତବକଟି 'ପଦ୍ମପାଲିଙ୍କି'ରେ , ଦ୍ୱିତୀୟ ସ୍ତବକଟି 'ଦୃଶ୍ୟବୋଧ'ରେ ରହିଥିବା ସ୍ଥଳେ, ଶେଷ ସ୍ତବକ ଦ୍ୱୟ 'ଶ୍ରାବସ୍ତୀରୁ ଶ୍ରାବସ୍ତୀ'ରେ ସ୍ଥାନିତ ହୋଇଛି । ବ୍ୟାସ ଓ ସାରଳାଙ୍କ ମହାଭାରତରେ ବ୍ୟାସ ସରୋବର ନାମିତ ହ୍ରଦରେ ଲୁଚିବାକୁ ଦୁର୍ଯ୍ୟୋଧନ ପଳାୟନ କରିଛି । ଏହା କିନ୍ତୁ ସାରଳାଙ୍କ କବିତାରେ ରକ୍ତନଦୀ ସନ୍ତରଣର ପରବର୍ତ୍ତୀ ପର୍ଯ୍ୟାୟ । କବି ଶତ୍ରୁଘ୍ନ ପାଣ୍ଡବ ସାରଳାଙ୍କୁ ଅନୁସରଣ କରିଛନ୍ତି । କବିଙ୍କ ଦୃଷ୍ଟିରେ ବ୍ୟାସ ସରୋବର ଏକ ସାଧାରଣ ସରୋବର ନୁହେଁ, ଏହା ଉତ୍ତୀର୍ଣ୍ଣତାର ଏକ ପର୍ଯ୍ୟାୟ ବା ପାହାଚ । ଦୁର୍ଯ୍ୟୋଧନ ଚେତନାର ବିସ୍ତାର ହିଁ ଏଠାରେ ମୁଖ୍ୟ ପ୍ରତିପାଦ୍ୟ ବୋଲି ମନେ ହୋଇଥାଏ । କବି କୁହନ୍ତି-

"ରକ୍ତନଦୀ ଲଂଘିଥିବା ଲୋକଙ୍କୁ ହିଁ
ଦୃଶ୍ୟ ହୁଏ ବ୍ୟାସ ସରୋବର
ରକ୍ତନଦୀର ସିଏ ଏକ ଭିନ୍ନ ପ୍ରତିରୂପ
ଭିନ୍ନ ଏକ ନିରବତାର ଅନୁଚାରିତ ଓଁକାର ।"

(ବ୍ୟାସ ସରୋବର, 'ପଦ୍ମପାଲିଙ୍କି', ୧୯୯୬)

ଏଥିରେ ମଧ୍ୟ ଦୁର୍ଯ୍ୟୋଧନର ଆତ୍ମଚିନ୍ତନ ଓ ଆତ୍ମସାକ୍ଷାତକାର ପର୍ବକୁ ଉପସ୍ଥାପନ କରୁଛନ୍ତି । ଏଠି ସେ ନିଜେ ଦ୍ୱାର, ନିଜେ ଯାତ୍ରୀ, ନିଜେ ଶତ୍ରୁ, ନିଜେ ମିତ୍ର ବୋଲି କବି କହିଛନ୍ତି ।

ବ୍ୟାସ ସରୋବର ଓ ରକ୍ତନଦୀ ପ୍ରସଙ୍ଗକୁ ସାର୍ବଜନୀନ ବା ସାର୍ବକାଳିକ ବୋଲି କହିବାକୁ ଯାଇ କବି ଶତ୍ରୁଘ୍ନ ସଂସାରର ପ୍ରତିଟି ଯୁଦ୍ଧ ବା ପ୍ରତିଟି କୁରୁକ୍ଷେତ୍ର ଗୋଟିଏ ଗୋଟିଏ ରକ୍ତନଦୀ ବା ବ୍ୟାସ ସରୋବର ବୋଲି ଅଭିମତ ରଖିଛନ୍ତି । ଏହାକୁ ନେଇ କବି "ଶ୍ରାବସ୍ତୀରୁ ଶ୍ରାବସ୍ତୀ" ସଂଯୋଜିତ କବିତାରେ ସ୍ୱକୀୟ ବକ୍ତବ୍ୟ ବାଢ଼ିଛନ୍ତି । ଯାହା ଦାର୍ଶନୀକ ଭାବାପନ୍ନ ବୋଲି ମନେ ହୋଇଥାଏ । ପଚାରିବାର ପ୍ରଶ୍ନ ଭିତରେ କବି ଉତ୍ତର ରଖି ଦେଇଛନ୍ତି । ତାଙ୍କ ପ୍ରଶ୍ନ ହେଉଛି-

"ବ୍ୟାସ ସରୋବର ତେବେ ଶେଷ ଶର୍ଯ୍ୟା
ଯେଉଁଠି ଅସ୍ଥି ମାଂସର ସୁଡ଼ଙ୍ଗ ଭିତରେ
ନୀଳ ଏକ ନିର୍ଜନତା ଧକ୍ ଧକ୍ କରୁଥାଏ ।"

(ବ୍ୟାସ ସରୋବର-୨, 'ଶ୍ରାବସ୍ତୀରୁ ଶ୍ରାବସ୍ତୀ')

ଏହି ଉତ୍ତରିତ ଚିନ୍ତନ ଦୁର୍ଯ୍ୟୋଧନ ପ୍ରତି ପାଠକର ଚେତନାକୁ ସମ୍ବେଦନାରେ ଆର୍ଦ୍ର କରିଦିଏ । ଏଠି ଉନ୍ମୋଚିତ ହୋଇଛି ଉତ୍ତୀର୍ଣ୍ଣତାବୋଧର ଏକ ନୂଆ ଅଧ୍ୟାୟ । ଶେଷ ସ୍ତବକର ଉଦ୍ଧୃତିଟିଏ ଉଲ୍ଲେଖ କରାଯାଇପାରେ । ଦୁର୍ଯ୍ୟୋଧନ ମୁହଁରେ ଭାଷା ଦେଇ କବି କୁହନ୍ତି–

"କହ ଏ ନର୍କଠୁ ଉଜ୍ଜ୍ୱଳ ଆଉ କେଉଁ ସ୍ୱର୍ଗ ?
ଏ ଅନ୍ଧାରଠୁ ମନୋହର ଆଉ କେଉଁ ଆଲୁଅ ?"
(ବ୍ୟାସ ସରୋବର–୩, 'ଶ୍ରାବସ୍ତୀରୁ ଶ୍ରାବସ୍ତୀ,ପୃ–୫୫)

ଅତଏବ 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ'ର ଛ'ଗୋଟି ସ୍ତବକ ଓ 'ବ୍ୟାସ ସରୋବର'ର ତିନିଗୋଟି ସ୍ତବକରେ ଦୁର୍ଯ୍ୟୋଧନ ସତ୍ତାର ରୂପାନ୍ତର ଘଟାଇବା ସହ ତା'ର ଆତ୍ମିକ ବିବର୍ତ୍ତନ ଓ ଉତ୍ତରଣକୁ ତ୍ୱରାନ୍ୱିତ କରିଛନ୍ତି ।

ମହାଭାରତର ପୃଷ୍ଠଭୂମି ଓ ଆଧାରକୁ ସୂଚାଇବା ପାଇଁ ଶତ୍ରୁଘ୍ନଙ୍କର 'ହସ୍ତିନାପୁର' ଶୀର୍ଷକରେ ତିନି ଗୋଟି, 'କୁରୁକ୍ଷେତ୍ର' ଶୀର୍ଷକରେ ଦୁଇଗୋଟି କବିତା ରହିଛି । ଏହାକୁ 'ଶ୍ରାବସ୍ତୀରୁ ଶ୍ରାବସ୍ତୀ'ର ଚର୍ଚ୍ଚା ବୋଲି ଆଲୋଚନା କରାଯିବ ।

କବିଙ୍କ 'ସାବରମତି' (୨୦୦୦) ଏକ ସାମାଜିକ ଅଙ୍ଗୀକାରବୋଧ ସଂପନ୍ନ କାବ୍ୟଗ୍ରନ୍ଥ । ଏଥିରେ ପୁରାଣ କଳ୍ପର ସୂଚନାଧର୍ମୀ ପ୍ରୟୋଗ ଘଟିଛି । ସଂକଳନରେ 'ଯୁଦ୍ଧ', 'ବାଲିଆପାଳ', 'ଭୋପାଳ–(୧), (୨)', 'ନଇଁ ପଡ଼ିଥିବା ଲୋକ' କବିତାରେ ଆମେ ଏହି ପ୍ରୟୋଗକୁ ଦେଖୁ । ନବେ ଦଶକରେ ସଂଗଠିତ ହୋଇଥିବା ଇରାକ୍ ଯୁଦ୍ଧ ପ୍ରସଙ୍ଗରେ ପୁରାଣକଳ୍ପକୁ ସଂଯୋଜିତ କରି କବିତାର ଆବେଦନକୁ ସମୃଦ୍ଧ କରିଛନ୍ତି । ଏଥିରେ କୁରୁକ୍ଷେତ୍ର, ଧୃତରାଷ୍ଟ୍ର, ପରୀକ୍ଷିତ, ଅଶ୍ୱତ୍ଥାମା ପ୍ରସଙ୍ଗ ସହିତ ଅକାତକାତ ରକ୍ତନଦୀର ଉଲ୍ଲେଖ ରହିଛି । ସାଂପ୍ରତିକ କାଳ ସହିତ ଅତୀତକୁ କବି ଯୋଡ଼ି ପାରିଛନ୍ତି । 'ଯୁଦ୍ଧ'ର ଆରମ୍ଭ ସ୍ତବକରେ ବିଭିନ୍ନ ଛତ୍ରରେ ଏହି ସୂଚନାଧର୍ମୀ ପ୍ରୟୋଗ ଥିଲା ବେଳେ ବିଂଶ ଶତାବ୍ଦୀର ବିଶ୍ୱ ଆଲୋକିତ ହୋଇଛି । ଏହି ଯୁଦ୍ଧ ସେତେବେଳେ ଇରାନ୍ ଓ ଆମେରିକା ଭୂମିରେ ଚାଲିଲା ବେଳେ ମହାଭାରତ ସହିତ ଏହାକୁ ଏକାତ୍ମ କରିଦିଆଯାଇଛି । ପଂକ୍ତିଟିଏ ଏହିପରି–

"ଅକାତକାତ ରକ୍ତନଦୀ କୂଳରେ
କେହି ନଥାନ୍ତି ଭୂମିଷ୍ଠ ହେବାକୁ ଥିବା
ପରୀକ୍ଷମାନଙ୍କ ସକାଶେ ମହଜୁଦ୍ ଥାଏ
ଅଶ୍ୱଥାମାର ନାରାଚ"

ଯୁଦ୍ଧର ଆଠଗୋଟି ସ୍ତବକ ମଧ୍ୟରେ କବି ଶତ୍ରୁଘ୍ନ 'ସୁଚ୍ୟଗ୍ର ମେଦିନୀ', 'ଭସ୍ମାସୁର', 'ସମ୍ଭାବନା', 'କୁରୁକ୍ଷେତ୍ର', 'ହସ୍ତିନା', 'କପଟପାଶର ମଧୁର ବିଭ୍ରମ', 'ବ୍ୟୂହ ରଚନା' ଆଦି ପ୍ରସଙ୍ଗକୁ ଉଲ୍ଲେଖ କରି ସାଂପ୍ରତିକ କାଳର ଯୁଦ୍ଧ ସହିତ ଏହାକୁ ସମନ୍ୱିତ କରି ଦେଇଛନ୍ତି । ଫଳରେ କବିତାର ପଂକ୍ତିମାନଙ୍କ ସହ କବିତା ଅର୍ଥପୂର୍ଣ୍ଣ ହୋଇପାରିଛି । କବି କୁରୁକ୍ଷେତ୍ରରୁ ଧଉଳି ବା ହିରୋସୀମା (ଜାପାନ) ସହିତ ଯୋଡ଼ି ଇତିହାସର ସମୟ ଓ ବିଶଂ ଶତାବ୍ଦୀର ସମୟକୁ ଉପସ୍ଥାପିତ କରିଛନ୍ତି ।

'ଶ୍ରାବସ୍ତୀରୁ ଶ୍ରାବସ୍ତୀ'(୨୦୦୮) କବିଙ୍କ ପୁରାଣକଳ୍ପ ତଥା ଇତିହାସ ଚେତନା ଆଶ୍ରିତ କବିତାଗ୍ରନ୍ଥ ବୋଲି ପୂର୍ବରୁ କୁହାଯାଇଛି । ଏଥିରେ ସଂଯୋଜିତ 'ଦୁର୍ଯ୍ୟୋଧନଙ୍କ ରକ୍ତନଦୀ ସନ୍ତରଣ' ଓ 'ବ୍ୟାସ ସରୋବର' କବିତା ଚର୍ଚ୍ଚିତ ହୋଇଛି । ଏହି ସଂକଳନରେ 'ହସ୍ତିନାପୁର' ଶୀର୍ଷକରେ ତିନୋଟି ଏବଂ 'କୁରୁକ୍ଷେତ୍ର' ଶୀର୍ଷକରେ ଦୁଇଟି ଗୁଚ୍ଛ କବିତା ରହିଛି । କବିଙ୍କ ମତରେ ହସ୍ତିନାପୁରକୁ ବର୍ତ୍ତମାନର ପୃଥିବୀ, ଭାରତବର୍ଷ ଏବଂ ଯେ କୌଣସି ଜନସାଧାରଣଙ୍କ ଭୂଖଣ୍ଡ ବୋଲି ଗ୍ରହଣ କରାଯାଇପାରିବ । ହସ୍ତିନାପୁର ଆଗରୁ ଥିଲା, ଏବେ ମଧ୍ୟ ଅଛି ଓ ଆଗକୁ ରହିବ ଏଥିରେ ଅତ୍ୟୁକ୍ତି ନାହିଁ । ମହାଭାରତ କାଳର ହସ୍ତିନାପୁରଠାରୁ ଏବର ହସ୍ତିନାପୁର ଆଦୌ ଭିନ୍ନ ନୁହେଁ । ସେଠି ମନ୍ତ୍ରଣ, ସନ୍ଧି, ଯୁଦ୍ଧ, ରକ୍ତପାତ ଇତ୍ୟାଦି ସବୁକଥା ସଂଘଟିତ ହୁଏ । କିନ୍ତୁ କବି ଯୁଦ୍ଧଧ୍ୱାନ୍ତ ହସ୍ତିନାପୁର ଚାହିଁ ନାହାନ୍ତି ବରଂ ଚାହିଁଛନ୍ତି ଏକ ମଙ୍ଗଳମୟ ହସ୍ତିନାପୁରକୁ । ପୁଣି କୁରୁକ୍ଷେତ୍ର କବିତାରେ କୁରୁକ୍ଷେତ୍ରକୁ ସବୁ କାଳର ଭୂମି ବୋଲି ଗ୍ରହଣ କରିଛନ୍ତି । ଏଠାରେ ମିଥ୍ର ସ୍ଥାନ (କୁରୁକ୍ଷେତ୍ର ଓ ହସ୍ତିନାପୁର) ପ୍ରତୀକରେ ପରିଣତ ହୋଇଛନ୍ତି । 'ହସ୍ତିନାପୁର–୩' ସ୍ତବକରୁ ପଂକ୍ତିଟିଏ ଉଦ୍ଧାର କରାଯାଇପାରେ–

"ଗୋଟିଏ କୁରୁକ୍ଷେତ୍ର କାହିଁକି
ହସ୍ତିନାପୁର ଭୋଗିଛି ବର୍ଷ ବର୍ଷ ଧରି
ବହୁ ଅନିଭୋଗ ଅମିନି ତା'ର ରକ୍ତସ୍ରାବ ।"
(ହସ୍ତିନାପୁର; ସ୍ତବକ–୩, 'ଶ୍ରାବସ୍ତୀରୁ ଶ୍ରାବସ୍ତୀ,ପୃ–୩୩)

ବର୍ତ୍ତମାନ ହସ୍ତିନାପୁରରେ ପଶାପାଲିର ସ୍ୱରୂପ ଭିନ୍ନ । ଏହା ପରିବାର ପରିସରରୁ ସାରା ବିଶ୍ୱକୁ ସଂପ୍ରସାରିତ ହୋଇଛି । ଦେଶଦେଶ ପ୍ରଦେଶ ପ୍ରଦେଶ ମଧ୍ୟରେ ପଶାପାଲି ଖେଳ ଚାଲିଛି ।

ସେହିପରି କବିଙ୍କ 'ପାଣି ଓ ଅନ୍ୟାନ୍ୟ କବିତା' (୨୦୧୧)ରେ ପୁରାଣକଳ୍ପର ଉଲ୍ଲେଖ କିଛି କବିତାରେ ଦେଖିବାକୁ

ମିଳେ । ଏହି ସଂକଳନର 'ପିଠି' କବିତାଟି କୁବୁଜା ପ୍ରସଙ୍ଗକୁ ନେଇ ଗଢ଼ି ଉଠିଛି ।

ଏହି ଧାରାରେ ଶେଷ ସଂକଳନ 'ମିଶ୍ରଧ୍ରୁପଦ'ରେ (୨୦୧୬) ଦେଖାଯାଏ ମହାଭାରତୀୟ ପ୍ରେକ୍ଷାପଟ୍ଟରେ 'କର୍ଣ୍ଣକଥା' ଓ 'ବ୍ୟୁହକଥା' ଶୀର୍ଷକ ଦୁଇଟି କବିତା । 'ବ୍ୟୁହକଥା' ଅଭିମନ୍ୟୁ ପ୍ରସଙ୍ଗରେ ପରୋକ୍ଷରେ ସୂଚିତ ହୋଇଛି । ସବୁକାଳରେ ବୀରପଣର ସ୍ୱରୂପ ଅଭିମନ୍ୟୁ ଚରିତ୍ର ମାଧ୍ୟମରେ ଏହି କବିତାଟି ପ୍ରକାଶ ପାଏ ।

କର୍ଣ୍ଣ ଚରିତ୍ରର ଏକ ନିର୍ଯ୍ୟାତିତ ଜୀବନବୋଧକୁ କବି କବିତା ମାଧ୍ୟମରେ ଫୁଟାଇଛନ୍ତି । କର୍ଣ୍ଣ ଯୁଗେ ଯୁଗେ ଏକ କର୍କଶ ପାହାଡ଼ । କର୍କଶ ପାହାଡ଼ ମଧ୍ୟରେ ବାସ କରିଥିବା ଝରଣାର ସୁଶୀତଳତା ଯେମିତି ବାହାରକୁ ଜଣାପଡ଼େ ନାହିଁ, କର୍ଣ୍ଣଙ୍କ ମହାନତା ମଧ୍ୟ ମହାଭାରତର ପୃଷ୍ଠଭୂମିରେ ଦେଖାଯାଏ ନାହିଁ କବିଙ୍କ ମତରେ କର୍ଣ୍ଣ ସବୁ କାଳରେ ଅସହାୟ ମଣିଷମାନଙ୍କର ପ୍ରତିନିଧି, ଯିଏ ବେଳେ ବେଳେ ତା' ଭାଗ୍ୟକୁ ବିଦ୍ରୋହ କରେ । ଯେତେ ଯୁଦ୍ଧ ଗଲାଣି ଆଉ ଯେତେ ଯୁଦ୍ଧ ହେବ ଯୁଗେ ଯୁଗେ ଏହି କର୍ଣ୍ଣମାନଙ୍କର କଥା ଶୁଭୁଥିବ । ପୃଥିବୀରେ ଯୁଦ୍ଧ କେମିତି ନିଜନିଜ ମଧ୍ୟରେ ହୁଏ ସେ କଥା ପ୍ରକାଶ କରିବା ସଙ୍ଗେ ସଙ୍ଗେ କର୍ଣ୍ଣକୁ କବି ସବୁକାଳରେ ଅସହାୟତା ଭୋଗୁଥିବା ମଣିଷର ବ୍ୟକ୍ତିସତ୍ତା ବୋଲି ପ୍ରକାଶ କରିଛନ୍ତି ।

"ମହାଭାରତୀୟ ପୃଷ୍ଠଭୂମିରେ ରଚିତ କବି ଶତ୍ରୁଘ୍ନ ପାଣ୍ଡବଙ୍କ ଓଡ଼ିଆ କବିତା" ବିଶ୍ଳେଷଣ ଦ୍ୱାରା ଯେଉଁ ସତ୍ୟର ଉପଲବ୍ଧି ଘଟିଛି ତାହା ଓଡ଼ିଆ କବିତାର ବିପୁଳ ଐଶ୍ୱର୍ଯ୍ୟକୁ ଅବତାରଣା କରିବାରେ ସକ୍ଷମ ହୋଇଛି । ମହାଭାରତୀୟ ପରମ୍ପରା ଓ ଏହାର ମୂଲ୍ୟବୋଧ, ସାଂପ୍ରତିକ କାଳରେ ଏହାର ପ୍ରାସଙ୍ଗିକତା ଓ ଆଧୁନିକ ମଣିଷର ମନସ୍ଥିତି ସହିତ ପୌରାଣିକ ଚରିତ୍ରଗୁଡ଼ିକର ଅନ୍ତରଙ୍ଗତାକୁ ନିଖୁଣ ଭାବରେ ଚିତ୍ରିତ କରିଛନ୍ତି କବି । ଐତିହ୍ୟ ଓ ପୁରାଣ ସହିତ ଆଧୁନିକତା ଯେ ଅନ୍ତରଙ୍ଗ ଭାବେ ଜଡ଼ିତ ଏହା ଶତ୍ରୁଘ୍ନ ପାଣ୍ଡବଙ୍କ କବିତା ଆକଳନରୁ ସ୍ପଷ୍ଟ ହୋଇପାରିଛି । ପୁରାଣ ଗୋଟିଏ ଜାତିର ଆତ୍ମା ଓ ଇତିହାସ ଗୋଟିଏ ଜାତିର ହସ୍ତାକ୍ଷର । ପୁରାଣକୁ ସମକାଳ ସହିତ ଯୋଡ଼ି ଭବିଷ୍ୟତ ଜୀବନ ପାଇଁ ମାର୍ଗ ନିରୂପଣ କରିବା ଏହି ସବୁ କବିତାର ଲକ୍ଷ୍ୟ । ଏହି ସବୁ କବିତାରେ ପୁରାଣର ଚରିତ୍ର, ସ୍ଥାନ ଘଟଣା ଓ ପରିବେଶକୁ ସମକାଳୀନ ମଣିଷର ପୀଡ଼ା, ଐଶ୍ୱର୍ଯ୍ୟ ଓ ଅବକ୍ଷୟରେ ସମ୍ବନ୍ଧ ଏକ ପ୍ରଲମ୍ବିତ ପୃଷ୍ଠଭୂମି କବି ଆଙ୍କିଛନ୍ତି । ଶ୍ରାବସ୍ତୀ, ହସ୍ତିନା, ରକ୍ତନଦୀ, କୁରୁକ୍ଷେତ୍ର, ସାବରମତୀ, ଦୁର୍ଯ୍ୟୋଧନ, ଶ୍ରୀକୃଷ୍ଣ ଏମାନେ ସମସ୍ତେ ନୂଆ ନୂଆ ରୂପରେ ସମକାଳର ସ୍ଥାନ ଓ ମଣିଷମାନଙ୍କ ସହ ମିଶି ଯାଆନ୍ତି । ଏସବୁ କବିତା ପୁରାଣର ପୁର୍ନଲିଖନ ନୁହେଁ ପରନ୍ତୁ ପୁର୍ନଜନ୍ମ । ଏହି ବିଚାରରେ କବି ଶତ୍ରୁଘ୍ନ ପାଣ୍ଡବଙ୍କ କବିତାରେ ପୁରାଣର ପ୍ରୟୋଗ କବିଙ୍କ କାବ୍ୟ ଚେତନାକୁ ବଳିଷ୍ଠ କରିବା ସହିତ ଓଡ଼ିଆ କବିତାକୁ ସମୃଦ୍ଧ କରିପାରିଛି ।

ଗବେଷକ, ବିଶ୍ୱଭାରତୀ, ଶାନ୍ତିନିକେତନ
ଦୂରଭାଷ - ୯୯୩୮୬୭୨୭୭୬

ISSN -2583-147X(P), Vol.- 8, Issue No. VI, September 2022
Bastabatara Pariprakash Prachee
Peer Reviewed and Referred Research Journal

ଚଉଦାଳୀର ଚଂଦ୍ରମୌଳି 'ନୀଳନିର୍ବାଣ' ପରିଚ୍ଛେଦର ଅଂଶବିଶେଷ

ନୟନ ପଂଚକ

ଡକ୍ଟର ସଂଜିତା ମିଶ୍ର

'ସୁନୟନା' ସମନୟନ କହ ।
ରମ୍ୟ ଈକ୍ଷଣ ମନ ଭରମ ଦହ ।
ବର୍ଣ୍ଣନ କରର ନଜର ଘର ।
ମଦନମଦ ହରଣକର ।

ଏମନ୍ତ ଏ ଅମ୍ବକ । ଅନନ୍ତ ରସଘନ ନୟନ ପଂଚକ ॥

କବି ସମ୍ରାଟ ଉପେନ୍ଦ୍ର ଭଂଜ 'ପ୍ରେମ ସୁଧାନିଧି' କାବ୍ୟର ଦ୍ୱିତୀୟ ଛାନ୍ଦଟିକୁ ଅବନା ନିୟମରେ ରଚନା କରିବା ସଂଗେ ସଂଗେ ନାରୀ ନୟନର ଯେଉଁ ଅନୁପମ ରୂପଦ୍ୟୁତି ବର୍ଣ୍ଣନା କରିଛନ୍ତି ତାହା କାବ୍ୟମୋଦୀ ମଧୁପମାନଙ୍କ ନିମନ୍ତେ ଚିରନ୍ତନ ଚକ୍ଷୁଚଷକରେ ରୂପାନ୍ତରିତ ହୋଇ ନିରବଧି ବିମଳ କାବ୍ୟରସ ପ୍ରଦାନ କରିବାରେ ସମର୍ଥ ହୋଇପାରିଛି । କାବ୍ୟ କବିତାର ଛ'ମାଣ ଆଠଗୁଣ୍ଠ ହେଉ କି ଛ'ଶହ ମାଣ ଆଠଶହ ଗୁଣ୍ଠ ପରିମିତ ବିଶାଳ ଭୂମି ହେଉ ତନ୍ମଧ୍ୟରେ ନୟନ ରୂପୀ ସୁରମ୍ୟଦୀଘିର ବର୍ଣ୍ଣନା ତ ଅବଶ୍ୟ ସ୍ଥାନ ପାଇବ । ପୁଣି କୁରଙ୍ଗ ନୟନାର ରକ୍ତରଂଗା ନୟନକୁ ଭାରି ଭୟ ଆମ କବିକୁଳଙ୍କର । ତେଣୁ କେତେ ଅନୁନୟଭରା କଣ୍ଠରେ କବିସମ୍ରାଟ କହିଥିଲେ,

"ନୟନ କୁରଙ୍ଗ ତୋର ସର୍ବ ସମତରେ ।
ନ କରିବୁଟି କୁରଙ୍ଗ କହୁଅଛି ବାରେ ଗୋ ।"
(ପ୍ରେମ ସୁଧାନିଧି - ପଂଚମ ଛାନ୍ଦ)

କୁରଙ୍ଗନୟନା, ଏଣୀନୟନା, ବାରିଜାକ୍ଷୀ, ବିଶାଳାକ୍ଷୀ, ଆୟତାକ୍ଷୀ, ଖଂଜନାକ୍ଷୀ ମଦିରାକ୍ଷୀ ଏମାନଙ୍କ ଖେଳାଲୋଳା ବିନା କ'ଣ କବି କର୍ମ କେବେ ସଂପୂର୍ଣ୍ଣ ହୁଏ ? ଚଉଦାଳୀର ଚଂଦ୍ରମୌଳି ଆଲୋଚ୍ୟ 'ନୀଳନିର୍ବାଣ' ମହାକାବ୍ୟରେ ସ୍ୱକୀୟ ଧର୍ମପତ୍ନୀଙ୍କ ନୟନକୁ ପୃଷ୍ଠଭୂମି କରି ପାଂଚଗୋଟି ଚଉଦାଳୀ ରଚନା କରିଛନ୍ତି । ଯେଉଁ ପଂଚ ଚଉଦାଳୀକୁ ଆମେ ନୟନ ପଂଚକ ରୂପେ ଗ୍ରହଣ କରିପାରିବା । କବି ଗିରିଜାଙ୍କ ନୟନ ପଂଚକ କବିସମ୍ରାଟଙ୍କ ଅବନାନିୟମରେ ରଚିତ ନେତ୍ର ବର୍ଣ୍ଣନା ପ୍ରସଙ୍ଗ ସ୍ମରଣ କରାଇ ଦେଲା । ସଖୀଏ କୋଶଳ ଦେଶର ରାଜକୁମାରଙ୍କ ନିକଟରେ ପ୍ରେମସୁଧାନିଧିଙ୍କର ନୟନ ବର୍ଣ୍ଣନା କରିଛନ୍ତି । ଆଷାଢ଼ ଶୁକ୍ଳବାଣୀରେ ରଚିତ ବିଂଶଗୋଟି ପଦ ବାସ୍ତବରେ ବର୍ଣ୍ଣନକର କବିସମ୍ରାଟଙ୍କର ଉଜ୍ଜ୍ୱଳ କବିତ୍ୱର ଦୀପ୍ତି ପ୍ରକଟିତ କରିବା ନିମନ୍ତେ ସମର୍ଥ । କବିଧୀର ଗିରିଜାକୁମାରଙ୍କ 'ଶୁଣ ସୁନୟନା', 'ସତରେ ସୁନୟନା', 'ଆଜି ମଧ୍ୟ ସୁନୟନା', 'ସୁନୟନା, ସୁନୟନା' ଏବଂ 'ଶେଷରେ ସୁନୟନା' ଶୀର୍ଷକରେ ରଚିତ ନୟନ ପଂଚକ କବି ପତ୍ନୀଙ୍କର ନୟନର ଅନ୍ତର୍ବର୍ଣ୍ଣ ବୈଭବର ବିଚ୍ଛୁରିତ ଜ୍ୟୋତିରାଶି ପ୍ରକାଶରେ ଯେପରି ଅନ୍ତରଙ୍ଗ ଆଳାପରେ ପରିପୂର୍ଣ୍ଣ, ତାହା ଯେ ଉତ୍ତର ଆଧୁନିକ ଓଡ଼ିଆ କବିତାକାଶରେ ଦେଦୀପ୍ୟମାନ ପାଂଚଗୋଟି ଉଜ୍ଜ୍ୱଳ ତାରକା ଏପରି କହିବା ଆଦୌ ସତ୍ୟର ଅପଳାପ ହେବ ନାହିଁ । ଏହି ସୌଭାଗ୍ୟବତୀ ସୁନୟନା ଯେ କବିପତ୍ନୀ ଏହି ସ୍ୱୀକାରୋକ୍ତି ପ୍ରକାଶ କରି କବି କୁହନ୍ତି, "ନୟନପଥଗାମିନୀ ସେ ସୁନୟନା । ଏମିତି କି ନୟନ ମୁଦିଲେ ବି ମନଅୟନରେ ଶୁଭୁଥାଏ ତାର ପାଉଁଜିପିଂଧା ଯୋଡ଼ିଏ ଲକ୍ଷ୍ମୀପାଦଶବ୍ଦ - ଯା' ଦିକାନର ଦୁଆରୁ ଯେ ଏକଇ ମନର ଅଳିଂଦନିଳୟକୁ କରିଥାଏ ରସାଳଂକୃତ । 'ନୀଳନିର୍ବଣ'ର ୧୦୮ ନାରୀଙ୍କ ମେଳର ମାଳରେ ଯେ ନିଜସ୍ୱ ସୁକଂଠିନାରୀ - ଏଇ ସଲଜ୍ଜ ସ୍ୱୀକାରୋକ୍ତି ଏଠୁ ।" ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ଯେ ଶ୍ରୀମାନ୍ ସାଇ ସଂତୋଷ ନାମରେ ଜଣେ ପ୍ରତିଭାବାନ କଣ୍ଠଶିଳ୍ପୀ 'ଶେଷରେ ସୁନୟନା' ଚଉଦାଳୀଟିର ସଂଗୀତ ରୂପ ପ୍ରସ୍ତୁତ କରି ସାମାଜିକ ଗଣମାଧ୍ୟମ ଜରିଆରେ ଲୋକାର୍ପଣ କରିବା ଅବସରରେ କବି ଉପରୋକ୍ତ ସ୍ୱୀକାରୋକ୍ତି ପ୍ରଦାନ କରିଥିଲେ ।

ପ୍ରେମସୁଧାନିଧି ମଧ୍ୟ ଥିଲେ କୋଶଳାଧିପତିଙ୍କର ସୁକଂଠୀନାରୀ । ଅତଏବ ଜାୟାଙ୍କ ଉଦ୍ଦେଶ୍ୟରେ ରଚିତ ଏହି ନୟନପଂଚକ ଦାମ୍ପତ୍ୟ ପ୍ରେମର ଦିବ୍ୟାଲୋକ ପ୍ରଦାନ କରିବାରେ ସମର୍ଥ । କବି ଗିରିଜାକୁମାର ହେଉଛନ୍ତି ଅପାର୍ଥିବ ପ୍ରେମଚେତନାର କବି । କାବ୍ୟପୁରୁଷ ବିଶେଷତଃ ପୁରୁଷ ଏବଂ ପ୍ରକୃତିଙ୍କର ଆକର୍ଷଣ-

ବିକର୍ଷଣ, ମିଳନ-ବିରହ, ଆଶା-ନୈରାଶ୍ୟର ରୂପାୟନ କରିଥାଆନ୍ତି । ଅବଶ୍ୟ କବିଙ୍କର ସ୍ୱୀୟ ପାର୍ଥିବ ଜୀବନଟି ସମୟେ ସମୟେ ତନ୍ମଧ୍ୟରେ ପ୍ରତିଫଳିତ ହୋଇଥାଏ । ଏପରିକି କେତେକାଂଶରେ ଏହି ଦୁଇଟି ଚେତନା ଓତପ୍ରୋତ ମିଶ୍ରିତ ହୋଇ ଉତ୍ତୀର୍ଣ୍ଣ ଭାବାନୁଭୂତି ପ୍ରଦାନ କରିଥାଆନ୍ତି ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ପର୍ଯ୍ୟନ୍ତ ଆମ ଉତ୍କଳୀୟ କବିବର୍ଗ ସ୍ୱପ୍ରେମ ଏପରିକି ଦାମ୍ପତ୍ୟ ପ୍ରେମ ପ୍ରସଙ୍ଗ ରୂପାୟିତ କରିବା ନିମନ୍ତେ କୁଣ୍ଠାବୋଧ କରୁଥିଲେ । କେବେ ପୌରାଣିକ ଚରିତ୍ରମାନଙ୍କ ଆଢୁଆଳର ରହି ତ କେବେ କାଳ୍ପନିକ ନାୟକ-ନାୟିକାମାନଙ୍କ ନିର୍ମୋକ ମାଧ୍ୟମରେ ସ୍ୱ ସ୍ୱ ପ୍ରେମ-ଦଗ୍‌ଧ, ବିରହ ମଂଥିତ ହୃଦୟର ବାଣୀ ପ୍ରକାଶ କରୁଥିଲେ । ସର୍ବପ୍ରଥମେ ବ୍ୟାସକବି ଫକୀରମୋହନ ସେନାପତି ପତ୍ନୀ କୃଷ୍ଣାକୁମାରୀଙ୍କ ମୃତ୍ୟୁ ପରବର୍ତ୍ତୀ ଶୋକାକୁଳ ମନୋବେଦନାର ବିଧୁର ପ୍ରତିଲିପି ପ୍ରଦାନ କରି ସ୍ୱକୀୟାଙ୍କୁ ସମ୍ମାନଜନକ ଆସନ ପ୍ରଦାନ କରିଥିଲେ । ଭକ୍ତିମୟୀ କୃଷ୍ଣାକୁମାରୀଙ୍କ ନେତ୍ରରୁ ନିର୍ଗତ ଭକ୍ତିପୂତ ଅଶ୍ରୁବାରିର ସ୍ମରଣ ପୂର୍ବକ 'ଉପହାର' କବିତାରେ କବି ଲେଖନ୍ତି,

"ଦେଖୁଛି ସର୍ବଦା ନୀଳ ଆକାଶରେ ଇନ୍ଦୁ
ଫୁଟିଲା ଗୋଲାପ ଫୁଲେ ଶିଶିରର ବିନ୍ଦୁ
କମନୀୟ ଏ ସମସ୍ତ ନୁହେଁ ସେ ପ୍ରକାର
ଯେମନ୍ତ ସୁନ୍ଦର ଦିଶେ ତୁମ୍ଭ ନେତ୍ର ନୀର ।
ସେ ପ୍ରଶାନ୍ତ ମୂର୍ତ୍ତି ସେହି ମୁଦ୍ରିତ ନୟନ
ଜଣାଯାଏ ମୋତେ ବ୍ୟାପି ରହିଛି ଗଗନ ।"

(ସାହିତ୍ୟ ସାଧକ ଫକୀରମୋହନ - ଶ୍ରୀ ଚିନ୍ତାମଣି ଦାଶ)

ଓଡ଼ିଆ କବିମାନଙ୍କର କୃତିରେ ନାରୀ ନୟନର ନୀରାଜନା ସ୍ୱତନ୍ତ୍ର ଅଧ୍ୟୟନର ଅପେକ୍ଷା ରଖେ । ତେବେ କବି ଗିରିଜାଙ୍କ 'ନୟନ ପଂଚକ'ରେ ସ୍ଥାନିତ ପଂଚ ଚୌଦାଳିକାର ବିଶ୍ଳେଷଣ ପୂର୍ବରୁ ପଲ୍ଲୀକବି ନନ୍ଦକିଶୋର ବଳଙ୍କ ରଚିତ 'ନୟନର ଭାଷା' ସନେଟ୍ ସଂପର୍କରେ ସାମାନ୍ୟତମ ସୂଚନା ପ୍ରଦାନ କରିବା ଆବଶ୍ୟକ ମନେ ହୁଏ । କାରଣ ଓଡ଼ିଆ ସନେଟ୍‌ର କ୍ରମ ବିକାଶ ଦୃଷ୍ଟିରୁ ବିଚାର କଲେ ପଲ୍ଲୀକବିଙ୍କର ଭୂମିକା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ସନେଟ୍‌ର ଭାବଧର୍ମ ଏବଂ ରୂପତତ୍ତ୍ୱ ଉଭୟର ସୁରକ୍ଷା ନିମନ୍ତେ କବି ବଳ ସଯତ୍ନ ପଦକ୍ଷେପ ଗ୍ରହଣ କରିଥିଲେ । 'ବସନ୍ତ କୋକିଳ' ସଂକଳନସ୍ଥ 'ନୟନର ଭାଷା' ସନେଟ୍‌ରେ କବି କହନ୍ତି ଯେ ନିତାନ୍ତ କୋମଳ ତଥା ତରଳ ଅନୁଭବ ରାଜି ପ୍ରେମମୟ ହୃଦୟରୁ ସ୍ଫୁରିତ ହୋଇଥାଏ ଏବଂ ସେହି ଅନ୍ତଃସ୍ଥଳର ଭାଷାକୁ ମାନବ ସୃଷ୍ଟ ଶବ୍ଦରାଜି ପ୍ରକାଶ କରିବା ନିମନ୍ତେ ଅକ୍ଷମ ହୋଇଥାଆନ୍ତି । ତେଣୁ ନୟନର ଭାଷା ମାଧ୍ୟମରେ ତାହା ପ୍ରକାଶିତ ହୋଇଥାଏ । କବିଙ୍କ ଭାଷାରେ-

"ଅତି ସୂକ୍ଷ୍ମ, ପ୍ରେମ ତାହା ନ ସହଇ ଭାଷା
ବାକ୍ୟ ପ୍ରକାଶିତ ପ୍ରେମେ ନ ମେଣ୍ଟଇ ଆଶା
ମେଣ୍ଟାଇବା ଲାଗି ପ୍ରାଣ-ପ୍ରଣୟ ପିଆସୀ
କ୍ଷଣ ମାତ୍ର ପ୍ରଣୟିନୀ - ନୟନର ଭାଷା ।"

(ନନ୍ଦକିଶୋର ଗ୍ରନ୍ଥାବଳୀ - ପୃ. ୧୮୫)

ପ୍ରଣୟିନୀଙ୍କର ନୟନାଭିସାରରେ ନିୟୋଜିତ ରହିଛନ୍ତି ପ୍ରେମ ଓ ପ୍ରଣୟର କବି ମାୟାଧର ମାନସିଂହ । ତାଙ୍କର ରଚିତ ଦୁଇଗୋଟି କବିତା 'ପ୍ରିୟଚକ୍ଷୁ' ଓ 'ଧରାବତରଣ'ରେ ଉଭୟ ନୟନର ଏବଂ ପ୍ରେମର ଯେଉଁ ପରିଭାଷା ପ୍ରଦତ୍ତ ତା'ର ସମ୍ୟକ ସୂଚନା ପ୍ରଦାନ ଆବଶ୍ୟକ ମନେହୁଏ । ଅସୀମ ଆକାଶକୁ ସେହି ପ୍ରିୟ - ଚକ୍ଷୁ ମଧ୍ୟରେ ସସୀମ କରିଛନ୍ତି କବି । 'ପ୍ରିୟ-ଚକ୍ଷୁ' ସନେଟ୍‌ର ପ୍ରଥମ ପଦରେ କବି ମାନସିଂ କୁହନ୍ତି,

"ନେତ୍ର ଟେକ, ଟେକ ନେତ୍ର - ଅସୀମ ଆକାଶ
ସସୀମ ହୋଇଛି ତହିଁ, ମନ୍ଦ-ମୁଗ୍ଧ ହାସ
ଚିରନ୍ତନ ଜ୍ୟୋସ୍ନା ସମ ଖେଳୁଥାଏ ତହିଁ
କା ଲାଗି ହେ ମୁଗ୍‌ଧ ବଧୂ ପାରିବ କି କହି ।"

(ହେମଶସ୍ୟ - ପୃ. ୧୫୬)

କବି ଅନନ୍ତ ଆକାଶର ବ୍ୟାପ୍ତି ଓ ବୈଚିତ୍ର୍ୟ ପ୍ରଣୟିନୀଙ୍କର ନୟନ ଯୁଗଳ ମଧ୍ୟରେ ଅବଲୋକନ କରି ତନ୍ମଧ୍ୟରେ ଜ୍ୟୋସ୍ନା ବିଧୌତ ରଜତ ରାତ୍ରିର ମୁଗ୍ଧ କିରଣ ଅନୁଭବ କରିବା ସମୟରେ କବି ଗିରିଜାକୁମାର ପତ୍ନୀଙ୍କର ଦୁଇଗୋଟି ଦୁଃଖୀ ନୟନ ମଧ୍ୟରେ ଆଶ୍ୱିନର ଓଦାଓଦା ଆକାଶକୁ ଭେଟିଛନ୍ତି । ସନେଟ୍‌ସମ୍ରାଟଙ୍କର କାବ୍ୟିକ କାରୁଲିପିକୁ ଅନେକ ସମୟରେ ମାୟାଧର ମାନସିଂହଙ୍କ କୃତି ସହ ତୁଳନା କରାଯାଇଛି ଏବଂ ଗଭୀର ଅଧ୍ୟୟନ ନ କରି ଉଭୟଙ୍କ ମଧ୍ୟରେ ଚିଂତା ଚେତନାଗତ ସାମ୍ୟ ରହିଛି ଏପରି ମଧ୍ୟ କୁହାଯାଇଛି । ହେଲେ କବି ଗିରିଜା କୌଣସି ପୂର୍ବସୂରୀଙ୍କର ପ୍ରତିଛବି ନୁହଁନ୍ତି । ଉତ୍କଳୀୟ କାବ୍ୟ ପରଂପରାର ସାଂସ୍କୃତିକ ସତ୍ତ୍ୱ ଅବଶ୍ୟ ତାଙ୍କ ସୃଜନ ସଂପଦର ନିଃସର୍ତ୍ତ ସତ୍ୱ କିନ୍ତୁ କୌଣସି ଦେଶୀ ବା ବିଦେଶୀ କବିଙ୍କ ଛାୟା କିମ୍ବା ପ୍ରଭାବର ପ୍ରେରଣା ତାଙ୍କୁ ପରିଚାଳିତ କରିନାହିଁ ।

ତେଣୁ କବି ମାନସିଂହ ପ୍ରଣୟିନୀଙ୍କର ସ୍ଥିର ନେତ୍ର ମଧ୍ୟରେ ଅନନ୍ତ ସୁଷମା ଅବଲୋକନ କରି ଅଙ୍ଗୁଳିର ଚାଳନା ମଧ୍ୟରେ ଏବଂ ଓଷ୍ଠ ଧାରରେ ସେ ରୂପକୁ ଶଙ୍ଖୁଳି ଆଣିବା ବେଳେ, କବି

ବଳୀୟାରସିଂହ ଦୀର୍ଘବର୍ଷ ବାସ ବିତାଇଥିବା ସେହି ଦୁଇ ନୟନ ନିକଟରୁ ନୀଳ ନୀଳ ନିଦର ନିର୍ବାଣ କାମନା କରିଛନ୍ତି ।

ଓଡ଼ିଆ କବିତାର ଉଦ୍ଦାମ ଯାତ୍ରାପଥରେ ନୟନକୁ ନେଇ ଲେଖାଯାଇଥିବା କବିତାବଳୀ ମଧ୍ୟରେ ମାନସିଂହଙ୍କର 'ଧରାବତରଣ'ର ସ୍ଥାନ ସ୍ୱତନ୍ତ୍ର । କବି ମାନସିଂ କିଶୋରୀନୟନର ପ୍ରଥମଚାହାଣିକୁ ସ୍ମରଣ କରି ସାତଗୋଟି ସ୍ତବକ ରଚନା କରନ୍ତି । ତନ୍ମଧ୍ୟରୁ ଶେଷ ଦୁଇ ସ୍ତବକର ଉପସ୍ଥାପନା ଏଠାରେ ଏକାନ୍ତ ଆବଶ୍ୟକ ମନେହୁଏ ।

"ଧନ, ମାନ, ପରିବାର, ଜୀବନର – ଆହବେ ବିଜୟ
ସବୁ ଆଜି ସ୍ମୃତି ତଳେ ହୋଇଯାଏ ଧୀରେ ଧୀରେ ଲୟ,
ସବୁ ଯାଇ ରହିଯାଏ କେବଳ ସେ କେମନ୍ତ କେଜାଣି
ମୁଗଧା ଏକ କିଶୋରୀର ଲାଜ-ପ୍ରେମ-ମଧୁର ଚାହାଣି ॥୬॥
ନିଷ୍ପାପ ସେ ସ୍ୱପ୍ନମୟ, ରସମୟ ବିମଳ ଦି ଆଖି
ପ୍ରାଣର ଦି ବାତାୟନ, ଅନ୍ତରର ସତ୍ୟବାହୀ ସାକ୍ଷୀ
ପାଇବାକୁ ସେ ଦୁଇର ପରିପୂର୍ଣ୍ଣ ଆତ୍ମ ସମର୍ପଣ
ହେ ସଖୀ, କରୁଛି ମୁଁ କି ଜନ୍ମେ ଜନ୍ମେ ଧରାବତରଣ ॥"

(ହେମଶସ୍ୟ – ପୃ. ୧୬୬)

ଯେଉଁ ଦୁଇଟି ଆଖିର ପରିପୂର୍ଣ୍ଣ ଆତ୍ମ ସମର୍ପଣ ଲାଭ କରିବା ନିମନ୍ତେ କବି ମାନସିଂ ଜନ୍ମ ଜନ୍ମାନ୍ତରରେ ଧରାବତରଣ କାମନା କରିଥିଲେ କବିଧୀର ଗିରିଜାକୁମାର ସ୍ୱର୍ନାରୀ ସୁନୟନାଙ୍କ ନୟନ ମଧ୍ୟରେ ସତେ ଅବା ସେହି ପରିପୂର୍ଣ ଆତ୍ମସମର୍ପଣ ଅନୁଭବ କରିପାରିଛନ୍ତି । ତେଣୁ ନୟନ ପଂଚକର ଅନ୍ତିମ ସ୍ତବକ 'ଶେଷରେ ସୁନୟନା'ରେ କବି କହିଛିନ୍ତି–

"ଓଠରେ ଓହ୍ଲାଏ ପୁଷ । ଫିକା ଆଜି ଗାଲର ଗୋଧୂଳି
ବୟସର ବେଳବୁଡ଼େ ଆଜି ଏଠି ଛାଇ ଲେଉଟାଣି
ଆଜି ମଧ୍ୟ ଅନେଇଚ ବାଟ ମୋର ଦୁଃଖତକ ଭୁଲି...
ଅଥଚ ଆକ୍ଷିରେ ତୁମ ଆଜି ମଧ୍ୟ ମରିନାହିଁ ପାଣି !"

(ନୀଳନିର୍ବାଣ)

ମାନସିଂ ନୟନ ବର୍ଣ୍ଣନାରେ ଥିଲା ନୀଳ – ଆକର୍ଷଣ କିନ୍ତୁ ବଳୀୟାରସିଂହଙ୍କ ନୟନ ବର୍ଣ୍ଣନାରେ ଅଛି ନୀଳ ତିରସ୍କାର । ତେଣୁ କବି କୁହନ୍ତି–

"ଆଜି ମଧ୍ୟ ତୀକ୍ଷ୍ଣ ଅତି ସେ ଆକ୍ଷିର ନୀଳ ତିରସ୍କାର
ଅନୁଚିତ ଆକାଂକ୍ଷା ମୋ ଫିଂଗିଦିଏ – ଯେତେ ଛଦ୍ମବେଶ ।"

(ତତ୍ରୈବ)

ସବୁଜଯୁଗର ସଜୀବ ଆଭାସ ଅଂକନ କରି ଓଡ଼ିଆକବିତାକୁ ପ୍ରେମ ଛଳଛଳ ସଜଳ ଆଶ୍ଳେଷ ପ୍ରଦାନ କରିଥିବା କବି କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କର 'ଦୁଇଟି କଳା ଆଖି' ଓଡ଼ିଆ କବିତା କାରୁବାକୀଙ୍କ ଶରୀରରେ ଶୋଭିତ ଅନ୍ୟତମ ନୟନାଧାରିତ ରଚନା । 'ମହାଦୀପ' କବିତା ସଂକଳନରେ ସ୍ଥାନିତ ଏହି କବିତାଟିର ରଚନାକାଳ ସଂପର୍କରେ ସୂଚନା ଗ୍ରହଣ କରିବା ସମ୍ଭବ ହୋଇ ନଥିଲେ ହେଁ ଏହା ସ୍ୱାଧୀନତା ପରବର୍ତ୍ତୀକାଳୀନ କୃତି ବୋଲି ମନେ କରାଯାଏ କାରଣ 'ମହାଦୀପ' ସଂକଳନର ପ୍ରକାଶନ କାଳ ୧୯୪୮ ମସିହା । 'ଧରାବତରଣ' କବିତାରେ କବି ମାନସିଂ ଯେପରି ଜୀବନର ଶେଷ ଧାପରେ ସ୍ମୃତିର ଭଣ୍ଡାର ଖୋଲି ମହାର୍ଘ ଅନୁଭବ ରାଜିକୁ ବାଛି ନେବା କାଳରେ କିଶୋରୀ ନୟନ ଦ୍ୱୟର ଲାଜ-ପ୍ରେମ-ମଧୁର ଚାହାଣିକୁ ଶ୍ରେୟ ମଣି ସେହି ଦୁଇଟି ନୟନର ପରିପୂର୍ଣ୍ଣ ଆତ୍ମସମର୍ପଣ ଲାଭ କରିବା ନିମନ୍ତେ ବାରବାର ଧରାବତରଣ କରିବାର ମୁଗ୍ଧ ଜିଜ୍ଞାସା ପ୍ରକାଶ କରିଛନ୍ତି, ଅନୁରୂପ ଭାବନା ରହିଛି କାଳିନ୍ଦୀ ଚରଣଙ୍କ 'ଦୁଇଟି କଳା ଆଖି' କବିତାରେ । କବତାର ପ୍ରାରମ୍ଭ ପଦରେ କବି କୁହନ୍ତି–

"ନ ପଡ଼େ ମନେ ଆଜି ଦେହର ଶୋଭା
ନାସାର ନିଃଶ୍ୱାସ ଅଧର- ଜବା
    କଟିର ଚାରୁ ଗତି ଭ୍ରୁରୁର ଛାୟା
    କପଟ ହୀନ କଥା ବେଣୀର ମାୟା
କରର ସୁକୋମଳ ପରଶ
ଜୀବନ କଳା ଯେବେ ସରସ
    ସେଦିନ କଥା ଆଜି ପାସୋର ନାହିଁ ହେଲା
    ସକଳ କାଳ ଯେବେ କାଟିଲି କରି ହେଳା ?
ନିଭିଚି ସବୁ ମନୁଁ ରହିଚି ଯାହା ଲାଖି
ଦୁଇଟି ଆଖି ଖାଲି ଦୁଇଟି କଳା ଆଖି ।"

(ମହାଦୀପ – ପୃ. ୧୧)

ଏହି ଅନୁପମ ନୟନ ନିକେତନ କବିତାଟିର ଚତୁର୍ଥ ପଦରେ କବି କୁହନ୍ତି ଯେ ସେହି ଅନୁରାଗିଣୀ ନାୟିକାଟି ଅନୁପମ ଦାନ ପ୍ରଦାନ କରିବାରେ କେବେ ଊଣା କରିନାହିଁ । ଅନେକ ସୁଖ ରାଶି ସଜାଡ଼ି ଦେଇଛି ପୁଣି ଅନେକ ଦୁଃଖଦ ମୁହୂର୍ତ୍ତରେ ଲୁହ ଅଜାଡ଼ି ଦେଇଛି । କବିଙ୍କ ବ୍ୟଥାର ଉହାଡ଼ରେ ଛପି ରହିଥିବା ଗଭୀର ଆଶା ଥିଲେ ସେହି ନାୟିକା । ପୁନଶ୍ଚ ଶ୍ରାବଣାକାଶର ମେଘ ତଳେ ଲୁଚି ରହିଥିବା ଶଶି ସହ କବି ତାଙ୍କୁ ତୁଳନା କରିଛନ୍ତି । ସେହି ପ୍ରୀତିମୟୀ ନାୟିକା ଏକଦା କବିଙ୍କ ହସ୍ତରେ ଶ୍ରାବଣପୂର୍ଣ୍ଣିମାରେ ରାକ୍ଷୀ ବାନ୍ଧି ଉଭୟଙ୍କ ମଧ୍ୟରେ ଥିବା ସଂପର୍କକୁ ଗୋଟିଏ ସାଂସ୍କୃତିକ ପରିଚୟ ମଧ୍ୟରେ ପରିଭାଷିତ କରିବାର ପ୍ରୟାସ କରିଥିଲେ ।

କେଉଁ ଅଜଣା ଦେଶରେ ଏବେ ସେ ନାୟିକା ସଂଗୋପିତା ତାହା କବି ମନେ ରଖି ନାହାନ୍ତି । କବି ମଧ୍ଯ ବୁଝି ପାରିନାହାନ୍ତି ପ୍ରଣୟର ସେ ପରିଭାଷାଟିକୁ । ଏହା ଛଳନାର ଛାୟା ନା ମୋହିନୀ ନୟନର ମାୟା । ବିଶ୍ୱମାନସରେ ବିକାର ସୃଜି ମଧ୍ଯ ହୃଦଚକ୍ଷୁରେ ମଧୁରତା ଭରି ଦେଉଥିବା ପୁଣି ଶରୀରରେ ତୃଷାଗ୍ନି ସଂଯୋଜିତ କରୁଥିବା ସେହି ନୟନ ଦ୍ୱୟକୁ ପୁନଃପୁନଃ ସ୍ମରଣ କରି କବି କୁହନ୍ତି–

"ବିଶ୍ୱ ମାନସରେ ବିକାର ସୃଜି
କି ସୁରା ଢାଳିଦିଏ ନୁହଇ ବୁଝି
ପାତ୍ର ପୂରି ମୋର ଉଚ୍ଛୁଳେ
ଗାତ୍ର ଜଳିଉଠେ ଆକୁଳେ
କଣ୍ଠେ ବଢ଼େ ତୃଷା ଶିର ମୋ ଯାଏ ତାତି
ତପତ ନୁହେଁ ଆଶା ବଥାଏ ବେଶି ଛାତି
ଶୁଷ୍କ ଏ ରସନା ସୁରାର ରସ ଚାଖି
ଦୁଇଟି ଆଖି ତାହା ଦୁଇଟି କଳା ଆଖି ।"
(ତତ୍ରୈବ)

ଏହିପରି ନୟନର ଜୟଗାନ ଓଡ଼ିଆ କବିତାର ଅୟନ ମଧ୍ଯରେ ବାରବାର ଶ୍ରୁତ ହୋଇଛି ।

'ନୀଳନିର୍ବାଣ' ନାମ୍ନୀ ମହାକାବ୍ୟମୟୀ ଚଉଦାଳୀ ସଂକଳନରେ ସ୍ଥାନିତ ନୟନପଂଚକ ଓଡ଼ିଆ କବିତାର ଯାତ୍ରାପଥରେ ଅପୂର୍ବ ସଂଯୋଗ । 'ନୟନର ଭାଷା', 'ପ୍ରିୟ ଚକ୍ଷୁ', 'ଧରାବତରଣ', 'ଦୁଇଟି କଳା ଆଖି' ଆଦି ନୟନଗୋଚର କବିତାମାନଙ୍କ ମଧ୍ଯରେ 'ଶୁଣ ସୁନୟନା', 'ସତରେ ସୁନୟନା', 'ଆଜି ମଧ୍ଯ ସୁନୟନା', 'ସୁନୟନା, ସୁନୟନା' ଓ 'ଶେଷରେ ସୁନୟନା' ଉଲ୍ଲେଖ ଯୋଗ୍ୟ ସ୍ଥାନ ଅଧିକାର କରେ । କବି ଗିରିଜାକୁମାର ସନେଟ୍‌ର ଧାରାକୁ ସ୍ୱକୀୟ ତଥା ଉତ୍କଳୀୟ ମାର୍ଗାଭିମୁଖୀ କରି ଚଉଦାଳୀରେ ରୂପାନ୍ତରିତ କରି ସାରିଛନ୍ତି । ତେବେ ଏହି ନୟନପଂଚକର ସମୀକ୍ଷା କାଳରେ ପ୍ରଖ୍ୟାତ ନାଟ୍ୟକାର ଓ କବି ଉଇଲିୟମ୍ ସେକସପିୟରଙ୍କ ସନେଟ୍ ସ୍ୱତଃ ସ୍ମରଣକୁ ଆସିଥାଏ । ୧୬୦୯ ଖ୍ରୀଷ୍ଟାବ୍ଦରେ ତାଙ୍କ ରଚିତ ୧୫୪ ଗୋଟି ସନେଟ୍ ପ୍ରକାଶିତ ହୋଇଥିଲା । ପରବର୍ତ୍ତୀ କାଳରେ ସନେଟ୍ ଧାରାଟି ସମଗ୍ର ବିଶ୍ୱର ଅନେକାନେକ ଦେଶର ବିଭିନ୍ନ ଭାଷାଭାଷୀ କବି ବର୍ଗଙ୍କୁ ଆକୃଷ୍ଟ କରିବା ପଶ୍ଚାତ୍‌ରେ ଏହି ମହାନ୍ ସାହିତ୍ୟିକଙ୍କର ଅବଦାନକୁ ଅବଶ୍ୟ ସ୍ମରଣ ରଖିବା ଉଚିତ । ତାଙ୍କ ରଚିତ ସନେଟ୍ ୪୬, ୪୭ ଓ ସନେଟ୍ ୧୩୦ ମଧ୍ଯରେ ନୟନ ବର୍ଣ୍ଣନା ଦୃଶ୍ୟ ହୋଇଥାଏ । ସନେଟ୍ ୪୬, ୪୭ ରେ କବି ଆଖି ଏବଂ ହୃଦୟ ମଧ୍ଯରେ ପ୍ରିୟତମାଙ୍କୁ ସ୍ଥାନ ଦେବା ନିମନ୍ତେ ଯେଉଁ ଦ୍ୱନ୍ଦ୍ୱ ଲାଗି ରହିଚି ତାହାର ରୂପାୟନ କରିଛନ୍ତି । ଚକ୍ଷୁ ରୂପର ପ୍ରତିଛବି ବହନ କରିଥିବା ସମୟରେ ହୃଦୟ ଭାବାବେଗର ଉତ୍ପତ୍ତି କ୍ଷେତ୍ର । କବି ଗିରିଜାକୁମାରଙ୍କ 'ନୟନ ପଂଚକ'ରେ କିନ୍ତୁ ଏପରି କୌଣସି ଦ୍ୱନ୍ଦ୍ୱର ସ୍ଥାନ ନାହିଁ । କିନ୍ତୁ 'ସନେଟ୍ ୧୩୦' ସହ ଭିନ୍ନ ଦୃଷ୍ଟିକୋଣରୁ ଏହାର ସାମ୍ୟ ପରିଲକ୍ଷିତ ହୋଇଥାଏ ।

ସେକ୍‌ସପିୟରଙ୍କ 'ସନେଟ ୧୩୦' ସମ କବି ଗିରିଜାଙ୍କ ସୁନୟନା ମଧ୍ଯ ସଂପୂର୍ଣ୍ଣ ସ୍ୱତନ୍ତ୍ର । କବି ପ୍ରଗାଢ଼ ପ୍ରେମ, ଅନ୍ତହୀନ ପ୍ରତୀକ୍ଷା, ଅନୁରାଗମୟ ମିଳନ, ନିଃସର୍ତ୍ତ ଆତ୍ମସମର୍ପଣ ଏବଂ ନିବିଡ଼ ଆଲିଙ୍ଗନର କଥା ବ୍ୟକ୍ତ କରିଛନ୍ତି । ଏପରିକି ସେ ଆଖି ଦ୍ୱୟର ଅନୁଶାସନ ଏବଂ ନୀଳ ତିରସ୍କାରରେ କବି ଯେ ଯେତେ ସବୁ ଅନୁଚିତ ଆକାଂକ୍ଷା ତାହା ବିସର୍ଜନ କରିଥାଆନ୍ତି ଏପରି ସ୍ୱୀକାରୋକ୍ତି ପ୍ରକାଶ କରିଛନ୍ତି । ସେହି ଦେଦୀପ୍ୟମାନ ଚକ୍ଷୁ ଯେମନ୍ତ କବିଙ୍କ ନିମନ୍ତେ ପ୍ରଜ୍ୱଳିତ ଅଗ୍ନିକୁଣ୍ଡ । ପାବନ ପାବକ ସମ୍ମୁଖରେ ସ୍ୱୀୟ ଜୀବନର ଦୁର୍ବଳତା ମଧ୍ଯ ପ୍ରକାଶ କରିଛନ୍ତି କାବ୍ୟପୁରୁଷ ଏବଂ ସ୍ପଷ୍ଟ କହିଛନ୍ତି ଯଦି ସେହି ନୟନରୁ କେବେ ପ୍ରେମର ଜ୍ୟୋତିରେଖା ଦୂର ହୋଇଯାଏ ତେବେ ସେହି ନୟନାଗ୍ନିରେ ପତଙ୍ଗ ପାଲଟିବା ହେବ ତାଙ୍କର ଭବିତବ୍ୟ । ତମାମ୍ କବିତାର ଭୂମିରେ ନାୟିକା ନଈ ଆଉ ନାୟକ ସମୁଦ୍ର । ଅଥଚ କବି ଗିରିଜାଙ୍କ ଅତୁଲ୍ୟ କବିତ୍ୱରେ ନାୟିକାର ନୟନ ଉଦଧି । ମହୋଦଧି । ନୟନୋଦଧି ॥ କବି ସେହି ଅମାପ ପ୍ରେମ, ଅସୀମ କରୁଣା, ଅକଳନ ମମତାରେ ନିଖୋଜ ନ ହୋଇ ସ୍ୱ ଅସ୍ତିତ୍ୱ ଘେନି ବଂଚିପାରନ୍ତି । ସେଇ ମମତାର ସମୁଦ୍ର ହିଁ ତାଙ୍କୁ ତୁହାଇ ତୁହାଇ ଡାକେ 'ଫେରିଆ', 'ଫେରିଆ' । ତେଣୁ ନିଖୋଜ ହୋଇଯାଏ ଯେତେସେବୁ ନିଖୋଜ ହେବାର ଅମାନିଆ ଅଭିମାନ ।

'ସନେଟ୍ ୧୩୦'ର ବିଶେଷତ୍ୱ ହେଉଛି ଏଥିରେ କବି ସେକ୍‌ସପିଅର ତାଙ୍କ ଶ୍ରୀମତୀଙ୍କର ରୂପଶ୍ରୀର ଭ୍ରାନ୍ତ ପ୍ରଶସ୍ତି ଗାନ କରିନାହାନ୍ତି । ତାର ପ୍ରଥମ ପାଦରେ କବି କୁହନ୍ତି, "My mistress' eyes are nothing like the sun;" ଶ୍ରୀମତୀଙ୍କର ଆଖି ଦୁଇଟି ସୂର୍ଯ୍ୟଙ୍କ ସମ ଜ୍ୟୋତିର୍ମୟ ନୁହେଁ – ଏପରି କହିବା ପାଇଁ ସାହସ କରି ତ୍ରୁଟିପୂର୍ଣ୍ଣ ତୁଳନାରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ କାଳଜୟୀ ମହାନ ନାଟ୍ୟକାର । କବି ଗିରିଜାଙ୍କର ବିଶେଷତ୍ୱ ହେଉଛିଯେ ସେ କାହାରିକୁ ଅନୁସରଣ କରନ୍ତି ନାହିଁ । ଖୋଜ ଖୋଜିଖୋଜି ଚାଲିବା ତାଙ୍କୁ ଜଣାନାହିଁ ଆଦୌ । ନୟନ ପଂଚକର ବିଶେଷତ୍ୱ ମଧ୍ଯ ସତ୍ୟକଥନ । କଥା ଶିକ୍ଷୟିତ୍ରୀ, ଅନୁବାଦିକା ଡାକ୍ତର ବିଜୟଲକ୍ଷ୍ମୀ ବଳୀୟାରସିଂହ କବିଙ୍କର ଧର୍ମପତ୍ନୀ ଓ ନୟନ ପଂଚକର ନାୟିକା । ଶରତଚନ୍ଦ୍ର ମୁଖାର୍ଜୀଙ୍କର ସମସ୍ତ କ୍ଷୁଦ୍ରଗଳ୍ପର ଓଡ଼ିଆ ଅନୁବାଦ କରିବା

ପରେ ଅନୁବାଦିକା ସ୍ୱାମୀଙ୍କ ହସ୍ତରେ ପୁସ୍ତକଟି ଅର୍ପଣ କରି ଲେଖନ୍ତି,

"ଜୀବନ ପାତ୍ର ମୋ ଭରିଚି କେତେ ମତେ"

ତମକୁ କିଛି ଦେବାକୁ ଭାବିଲେ ଏଇ ଧାଡ଼ିକ ମନେପଡ଼େ । ମତେ ତମେ ଅନେକ ଦେଇଛ, ମୁଁ ବା କ'ଣ ଦେଇପାରିବି ? ଆନ୍ତରିକ ଭାବରେ ଯଦି ଗ୍ରହଣ କରିବ, ତେବେ ଶ୍ରମ ସାର୍ଥକ ହେଲା ଭାବିବି । - ବିଜୟଲକ୍ଷ୍ମୀ

('ଶରତଚଂଦ୍ରଂକ ସବୁଗପ' ପୁସ୍ତକର ଉତ୍ସର୍ଗପତ୍ରରୁ ସଂଗୃହୀତ)

ଅଥଚ କବି ଯେଉଁ ନୟନ ଦୁଇଟିର ନୀରାଜନାରେ ପରିପୂର୍ଣ୍ଣ ଆତ୍ମସମର୍ପଣ କରନ୍ତି ସେ ନୟନରେ କେବଳ ଦୁଃଖ ଆଉ ଅଶ୍ରୁ ହିଁ ଦେଖିପାରିଛନ୍ତି । ସେ ଦୁଃଖର କାରଣ ରୂପେ ମଧ୍ୟ ନିଜର ଦୋଷ ସ୍ୱୀକାର କରି କ୍ଷମାପ୍ରାର୍ଥୀ ହୋଇ ଅନ୍ତିମ ପଂଚକରେ ଲେଖିଛନ୍ତି,

"ଶେଷରେ ଗୋ ସୁନୟନା, ରହିଯାଏ ଛାତିରେ ଅଟକି
ଶୀତବୋଳା ଦୀର୍ଘଶ୍ୱାସ - ଗ୍ରୀଷ୍ମଗୋଳା ଚାପା ଦୁଃଖଟିଏ
ଅତୀତରେ ଦେଇଥବା କଥା କିଛି ପାରିଲିନି ରଖି...
କ୍ଷମା ଦିଅ ସେଥିପାଇଁ, ଛୁଇଁ ଦିଅ ଟିପରେ ଟିକିଏ ।"

(ଶେଷରେ ସୁନୟନା - ପୃ. ୧୨୨ - ନୀ.ନି)

ଅତଏବ ସୁନୟନା ହିଁ ସୁନୟନାଙ୍କ ଉପମା । ଚକ୍ଷୁର ଚଷକ ଧାରଣ କରି ରୂପର ମଦିରା ପାନ କରିନାହାନ୍ତି କବି । ମନଶ୍ଚକ୍ଷୁ କି ଦିବ୍ୟଚକ୍ଷୁ ନୁହେଁ ଜଣେ ପ୍ରକୃତ ସ୍ୱାମୀ ବା ମଣିଷ ଗାର୍ହସ୍ଥ୍ୟ ଜୀବନର ପ୍ରାତ୍ୟହିକ ଜଂଜାଳ ମଧ୍ୟରେ ଯେଉଁ ଅନ୍ତରଙ୍ଗ ଦୃଷ୍ଟିରେ ଗୃହଲକ୍ଷ୍ମୀକୁ ଅବଲୋକନ କରିବା କଥା ତାହା ହିଁ କରିପାରିଛନ୍ତି କବି । କନ୍ୟାରୁ ବଧୂ-ପତ୍ନୀ ଏବଂ ସର୍ବୋପରି ମାଆରେ ରୂପାନ୍ତରିତ ହେବାର ପଥଟା ଅତ୍ୟନ୍ତ ପଥୁରିମାପୂର୍ଣ୍ଣ । ସେଠି ସୁନାକୁଲେଇ କି ରୁପା କୁଲେଇ ନଥାଏ, କି ଚାନ୍ଦ ଖୋଜି ଆଣିବାର ପ୍ରତିଶ୍ରୁତି ମଧ୍ୟ ନ ଥାଏ । ଘନ ତମିସ୍ରା ମଧ୍ୟରେ ଘରକୁ ମଣି ମଣି ଏକାକୀ ପଥ ଚାଲିବାର ଦୀର୍ଘ ନିଃଶ୍ୱାସ ବ୍ୟତୀତ କିଛି ସାହାରା ବି ନଥାଏ । ଭାତ ଆଉ ଲୁଗା ବଂଚିବା ପାଇଁ ଆବଶ୍ୟକ, ଜୀବନ ପାଇଁ ନୁହେଁ । ସେହି ଅନ୍ତର୍ଗତ ଦୁଃଖକୁ ଶ୍ରୀମତୀଙ୍କ ଆଖି ଦୁଇଟିରେ ଦେଖି ପାରିଛନ୍ତି କବି । ତେଣୁ ପ୍ରଥମ ପଂଚକର ପ୍ରଥମ ପଦରେ ହିଁ କହିଛନ୍ତି,

"ଯାହା କେବେ କହିନାହିଁ, କହେଁ ଆଜି - ଶୁଣ ସୁନାୟନା
ଦୁଃଖୀ ତୁମ ଆଖି ଦୁଇ ଲାଗେ ମତେ ନୀଳ ଦ୍ୱୀପାଂତର...
ଯେଉଁଠି ବିତାଏ ଦିନ ବର୍ଷ ବର୍ଷ ରାତିର ବାଂଛନା
ଆଉ ସବୁ ଦିବା ସ୍ୱପ୍ନ ଶୋଇଥାଏ ସାରା ଦ୍ୱିପ୍ରହର ।"

ସେକ୍ସପିୟରଙ୍କ 'ସନେଟ୍ ୧୩୦'ରେ ଆଖି ସୂର୍ଯ୍ୟ ପରି ଉଜ୍ଜ୍ୱଳ ଦେଖା ନ ଯିବା ଏବଂ କବି ଗିରିଜା ଶ୍ରୀମତୀଙ୍କର ଦୁଃଖୀ ଆଖି ଦ୍ୱୟକୁ ସୁନୟନା କହିବା ମଧ୍ୟରେ ସାମଞ୍ଜସ୍ୟ ଅତ୍ୟନ୍ତ ସୂକ୍ଷ୍ମ । ଉଭୟ କବି ଧରାବନ୍ଧା ପ୍ରଥାସିଦ୍ଧ ପଥକୁ ଅସିଦ୍ଧ ମନେ କରି ଅସ୍ୱୀକାର କରିଛନ୍ତି । ଆଖିର ଉଜ୍ଜ୍ୱଳ-ଆଭା, ଚଂଚଳ ଡୋଳା କି ଇସାରାରେ ଅଭିସାର ନିମନ୍ତେ କବି ସେ ନୟନ ନିକଟରେ ସମର୍ପଣ କରିନାହାନ୍ତି । ପ୍ରଥମ ପଂଚକରେ 'ଦୁଃଖୀ ତୁମ ଆଖି ଦୁଇ' ଏତିକି ମାତ୍ର ସୂଚନା ପ୍ରଦାନ କରିଥିବା କବି ଦ୍ୱିତୀୟ ପଂଚକରେ ଧର୍ମପତ୍ନୀଙ୍କ ଦୁଃଖୀ ଆଖି ଦୁଇ ଅଶେଷ ଆଷାଢ଼ ଓ ଶ୍ରାବଣର ବର୍ଷାମାସ ବିତାଇବା ପ୍ରସଙ୍ଗ ଉଲ୍ଲେଖ କରାଯାଇଛି । ଅତଏବ କବିପତ୍ନୀଙ୍କର ଦୀର୍ଘନୟନ ନିର୍ଗତ ନୀରବ ନୀରପାତ ସଂପର୍କରେ କବି ସଂପୂର୍ଣ୍ଣ ସଚେତନ ।

ଭାରତୀୟ ବାଙ୍ମୟରେ ଚିଦାକାଶ, ମନୋକାଶ ଏସବୁର ସ୍ଥିତି ସ୍ୱୀକୃତ । ଚିତ୍ତ ଆକାଶ ସମ ଅସୀମ, ବିସ୍ତୃତ ଓ ସର୍ବବ୍ୟାପୀ । ମନ ମଧ୍ୟ ଆକାଶ ସମ ଶୂନ୍ୟ ସଂଚାରୀ । ହେଲେ କବି ଗିରିଜା ପତ୍ନୀଙ୍କ ନୟନାକାଶର ପରିକଳ୍ପନା କରିଛନ୍ତି । ଯେଉଁ ନୟନାକାଶରେ ବିଧାତାଙ୍କ ବିନାନୁମତିରେ ରାତ୍ରି ଅବତରଣ କରେ ଏବଂ ସେହି ତୃଷ୍ଣାର ତିମିର ମଧ୍ୟରେ କବି ଖୋଜିପାରନ୍ତି ନିଜ ଉଷ୍ମ ଆଶାର ଝିଲ୍‌ମିଲ୍ ତାରକାମାନଙ୍କୁ । ପୁନଶ୍ଚ ସେହି ନୟନ ମନେହୁଏ ଆଶ୍ୱିନର ଓଦାଓଦା ଆକାଶ ପରି । ଭାରତୀୟ ସଂସ୍କୃତିର ତ୍ରୟୀ ମୁଖ୍ୟ ମନ୍ତ୍ର 'ମାତୃ ଦେବୋ ଭବେ', 'ପିତୃ ଦେବୋ ଭବ' 'ଅତିଥି ଦେବୋ ଭବ' ସମ କବି ଗିରିଜାଙ୍କ ସନେଟ୍ ସଂସ୍କୃତିର ମଧ୍ୟ ତିନୋଟି ମୌଳିକ ବୈଶିଷ୍ଟ୍ୟ ରହିଛି 'ଶବ୍ଦ ଦେବୋ ଭବ' 'ଛନ୍ଦୋ ଦେବୋ ଭବ' ଏବଂ 'ଭାବ ଦେବୋ ଭବ' । ଶବ୍ଦ + ଛନ୍ଦ + ଭାବ ଏହି ତ୍ରିଭୁଜର ବଂଧନରେ ବଂଧା ତାଙ୍କ ଚଉଦାଳୀର ଚାରୁ ପଦାବଳୀ । ଶବ୍ଦର ନିଃଶବ୍ଦ କୋଳାହଳ ଦେଖି କେହି କେହି ସୁଲଭ ସରାଗରେ କବିଙ୍କୁ ତୃତୀୟ ଭଂଜ ଆସନ ଯାଚନା କରନ୍ତି । ହେଲେ ଯିଏ ଭାଷା ଭାରତୀଙ୍କ ତପୋବନର ଏକନିଷ୍ଠ ସେବକ ତାଙ୍କର ବା ତର କାହିଁ ଏହି ଦ୍ୱିତୀୟ କି ତୃତୀୟ ଆସନରେ ଉପବେଶନ ନିମନ୍ତେ ।ଏଇଠି କବି ସମ୍ରାଟଙ୍କ ନୟନ ବର୍ଣ୍ଣନା ଓ ସନେଟ୍ ସମ୍ରାଟଙ୍କ ନୟନ ପଂଚକ ମଧ୍ୟରେ କିପରି ପାର୍ଥକ୍ୟ ପରିଲକ୍ଷିତ ତାର ଏକ ଅନ୍ତରଙ୍ଗ ବୀକ୍ଷଣ କରାଯାଇପାରେ ।

କବି ସମ୍ରାଟଙ୍କ ନେତ୍ର ବର୍ଣ୍ଣନା

୧ - କବି ସମ୍ରାଟଙ୍କ ବର୍ଣ୍ଣନାନୁଯାୟୀ 'ପ୍ରେମ ସୁଧାନିଧି'ଙ୍କର ରମ୍ୟଈକ୍ଷଣ ମଦନ ମଦ ଅର୍ଥାତ କାମଦେବଙ୍କର କାମଭାବ ବର୍ଦ୍ଧନ କାରକ, ତପୀଜନର ତପଃନାଶକ ଏବଂ ଧୈର୍ଯ୍ୟଶୀଳ ମାନବର ଧୈର୍ଯ୍ୟନାଶକ । ଏହି ନୟନ ମନମଂଥନକାରୀ ଏବଂ କାମଦେବଙ୍କ ଶର ସଦୃଶ । ପୁନଶ୍ଚ ଏହି ଚକ୍ଷୁ ହେଉଛି କାମଦେବଙ୍କ କନକ

ରଥର ଚଳଚଂଚଳ ହୟ ଦ୍ୱୟ । କଜ୍ଜ୍ୱଳ ରେଖା ସେହି ଅଶ୍ୱରୂପୀ ଚକ୍ଷୁର ପୁଚ୍ଛ ।

୨- ଉପମାଳଙ୍କାରର ଉଦ୍ଦାତ ଉତ୍‌ଥାପକ କବିସମ୍ରାଟ ପ୍ରେମସୁଧାନିଧିଙ୍କର ନୟନ ଦ୍ୱୟକୁ ଧବଳକର ଚନ୍ଦ୍ରମାଙ୍କ ସହ ତୁଳନା କରିଛନ୍ତି । ଚକ୍ଷୁର ମଧ୍ୟଭାଗ ଅର୍ଥାତ୍ ଡୋଳାଟି ନୀଳ ମରକତମଣି ସମ ଦୃଶ୍ୟ ହେବା ସମୟରେ ଚତୁଃପାର୍ଶ୍ୱ ଚନ୍ଦ୍ରମା'ଙ୍କର ଶୁଭ୍ର ସ୍ୱଚ୍ଛତା ଧାରଣ କରିଛି । ଏହି ମଧ୍ୟାଂଶଟି ଚନ୍ଦ୍ର ମଧ୍ୟସ୍ଥ ଶଶକ ହୋଇପାରେ ।

୩- ମତ୍ତ ଖଂଜନ, ସମପଳବନ୍ତ ଝସ ଦ୍ୱୟ, ମତୁଆଳ ଭ୍ରମର ସମ ପ୍ରମତ୍ତ ଡୋଳା, ବିପରୀତ ଦିଗାଭିମୁଖୀ ଚଂଚଳ କୁରଙ୍ଗ ଆଦି ପଶୁପକ୍ଷୀ ଏବଂ କୀଟମାନଙ୍କ ସହ ଚକ୍ଷୁର ରୀତ୍ୟାଧାରିତ ତୁଳନା କବିସମ୍ରାଟଙ୍କ ନୟନ ବର୍ଣ୍ଣନାର ପ୍ରମୁଖାଙ୍ଗ । ଆଲୋଚ୍ୟ 'ପ୍ରେମସୁଧାନିଧି' କାବ୍ୟର ଦ୍ୱିତୀୟ ଛାନ୍ଦ ଅନ୍ତର୍ଗତ ଏକାଦଶତମ ପଦଟି ଅତ୍ୟନ୍ତରସଘନ । ଏଠାରେ କବି କୁହନ୍ତି,

"ରଙ୍ଗ ଉତ୍ପଳ ମଧ୍ୟ ଶତଦଳ ।
 ମଧ୍ୟସ୍ଥ ସମତ୍ତଭର ଭ୍ରସଳ
ଏମନ୍ତ ମନ୍ଦ ପବନ ଚଳଇ ।
 ବହଳ ମକରନ୍ଦ ନ ଉଡ଼ଇ ।
ଗତ ମନ ମନ । କମ୍ପନ ଅପଘନ ଘନଘନ ।" (ପ୍ରେମ ସୁଧାନିଧି)

ପ୍ରେମସୁଧାନିଧିଙ୍କ ଚକ୍ଷୁ ବହଳ ଶୃଙ୍ଗାର ରସ ପରିପୂର୍ଣ୍ଣ ଏକ ସରୋବର । ରଙ୍ଗପଦ୍ମ ଅର୍ଥାତ ନାଲିରଙ୍ଗର ମୁଖପଂକଜ । ପୁନଶ୍ଚ ଚକ୍ଷୁ ହେଉଛି ଶ୍ୱେତରଂଗର ଶତଦଳ ଯାହା ମଧ୍ୟରେ ମତୁଆଳ ଭଅଁରଟିଏ ସମ ଡୋଳାଟି ଶୋଭା ପାଉଛି ।

୪ – କଳ୍ପନା ବିଳାସୀ କବିସମ୍ରାଟ ଉପମାଳଙ୍କାରର ପ୍ରାଚୁର୍ଯ୍ୟ ପ୍ରଦାନ କରି ଦଶମପଦରେ ପ୍ରେମସୁଧାନିଧିଙ୍କର ଲଲାଟ ଦେଶକୁ ଅର୍ଦ୍ଧଚନ୍ଦ୍ର, ଗଣ୍ଡଦେଶକୁ ଚତୁର୍ଥୀଚାନ୍ଦ, ମନ୍ଦହାସକୁ ଦ୍ୱିତୀୟାଚନ୍ଦ୍ର ଏହିପରି ଚନ୍ଦ୍ର ହାସମୟ ମୁଖମଣ୍ଡଳରେ ଚକ୍ଷୁକୁ ଅମାବାସ୍ୟା ସହ ତୁଳନା କରି କହିଛନ୍ତି, "ଅମ୍ବକ ମଧ୍ୟ ଦରଶ ସଦର ।" ଅତଏବ ଚନ୍ଦ୍ରମାଙ୍କର ହ୍ରାସ ଓ ବୃଦ୍ଧି ତଥା ଆଲୋକ ଓ ଅଂଧାର ଉଭୟ ପାର୍ଶ୍ୱର ବୀକ୍ଷଣ ପ୍ରଦାନ କରି ଚକ୍ଷୁକୁ ଅମାବାସ୍ୟାର ଅନ୍ଧକାର ସହ ସଂଯୋଜିତ କରାଯାଇଛି । ଦଶମ ପଦରେ ନୟନର ମଧ୍ୟଭାଗର ବର୍ଣ୍ଣନା ଦେବାକୁ ଯାଇ କବି ଲେଖନ୍ତି,

"ଅର୍ଦ୍ଧଚନ୍ଦ୍ରବତ ଅଳକତଳ ।
 ଖଣ୍ଡକମଳଜ ଗଣ୍ଡମଣ୍ଡଳ ।
ମନ୍ଦହାସ ନବବଳକ୍ଷକର ।
 ଅମ୍ବକ ମଧ୍ୟ ଦରଶ ସଦର ।" ॥୧୦॥
× × ×
(ପ୍ରେମ ସୁଧାନିଧି, ପୃ.୧୧୧)

ଅମ୍ବକ ଶବ୍ଦର ଅର୍ଥ ଚକ୍ଷୁ । ଚକ୍ଷୁର ମଧ୍ୟଭାଗ ଦରଶ ଅର୍ଥାତ ଅମାବାସ୍ୟା ଆଚ୍ଛାଦିତ ହେବା ପରି ମନେ ହୋଇଥାଏ । କବିସମ୍ରାଟଙ୍କ ନୟନବର୍ଣ୍ଣନରେ ଚକ୍ଷୁକୁ ଜୀବନ୍ୟାସ ଦିଆଯାଇଛି । ସେ ଚଳତ୍‌ଶକ୍ତିଯୁକ୍ତ । ସେ ଗମନଶୀଳ । ସେ ପଳାୟନ ମାଧ୍ୟମରେ ସ୍ୱୀୟ ଉପସ୍ଥିତି ବ୍ୟକ୍ତ କରିପାରେ ।

୫ – କବିସମ୍ରାଟଙ୍କ ସାମର୍ଥ୍ୟ ଅନତିକ୍ରମଣୀୟ । ପ୍ରେମ ସୁଧାନିଧିଙ୍କ ନୟନ ମଧ୍ୟରେ ସେ ତ୍ରିଦେବ, ତ୍ରିଗୁଣ, ତ୍ରିରଂଗ ଏବଂ ତ୍ରିଭାବର ସଂଦର୍ଶନ କରିଛନ୍ତି । ନିମ୍ନ ସାରଣୀ ମାଧ୍ୟମରେ ସେହି ନୟନ ବର୍ଣ୍ଣନାଗତ ଦ୍ୟୁତିର ଉଦ୍ଭାସ ପ୍ରକଟିତ ।

ସାରଣୀ –୧

ତ୍ରିରଂଗ	ତ୍ରିଦେବ	ତ୍ରିଗୁଣ	ତ୍ରିଭାବ
ଧଳା	ବ୍ରହ୍ମା	ସତ୍ତ୍ୱ	ନିଶ୍ଚଳ
ଲାଲ	ବିଷ୍ଣୁ	ରଜଃ	ହର୍ଷ
କଳା	ମହେଶ୍ୱର	ତମୋ	ବ୍ୟଗ୍ର

କବିସମ୍ରାଟ ତ୍ରୟୋଦଶ ପଦରେ କହନ୍ତି-

"ଏସନ ମନ ତ୍ରୟବର ନର
 ଇକ୍ଷଣ ବଶକର କ୍ଷଣକର
ଜଳଜଭବ, ଭବ, ଦର-ଧର ।
 ଇତର ଜନର ବଶ ଇତର ।
ଅଜର ସମ୍ପଦ । ହରସ ତରସ ସତ୍ୱରପଦ ।"।୧୩।
(ପ୍ରେମ ସୁଧାନିଧି, ପୃ. ୧୧୨)

ଚକ୍ଷୁରେ ତିନୋଟି ବର୍ଣ୍ଣ ସୁଦୃଶ୍ୟ ହୋଇଥାଏ । ଧଳା, ଲାଲ ଓ କଳାବର୍ଣ୍ଣ । ଏହି ତିନୋଟି ରଙ୍ଗକୁ ସତ୍ତ୍ୱ-ରଜ-ତମ ଗୁଣଯୁକ୍ତ କରି ତ୍ରିଦେବ ଓ ତ୍ରିଭାବର ପରିକଳ୍ପନା କବି ସମ୍ରାଟଙ୍କ ଚୈତନିକ ତଥା ଶାବ୍ଦିକ ଓଜଃର ଓଜସ୍ୱିନୀ ପରିପ୍ରକାଶ ।

୬ – କବିସମ୍ରାଟ ନେତ୍ର ବର୍ଣ୍ଣନା କରିବେ ଅଥଚ ଶୃଙ୍ଗାରପୂର୍ଣ୍ଣ କଜ୍ଜ୍ୱଳପୂରିତ ନେତ୍ର ନଥିବ ତାହା ତ ଅସମ୍ଭବ । ତେଣୁ ଷଷ୍ଠ, ଅଷ୍ଟମ, ଦଶମ, ଦ୍ୱାଦଶ, ଚତୁର୍ଦ୍ଦଶ, ପଂଚଦଶ, ଷୋଡ଼ଶ, ସପ୍ତଦଶ ଊନବିଂଶ ପଦରେ କଜ୍ଜ୍ୱଳ ରଂଜିତ ନୟନ ବର୍ଣ୍ଣନା ରହିଚି । ପ୍ରେମସୁଧାନିଧଙ୍କ ନେତ୍ରଙ୍କୁ ମାନବେତର ପ୍ରାଣୀ ତଥା ବିବିଧ ବସ୍ତୁ

ସହ ତୁଳନା କରି କବି ସ୍ୱୀୟ ଚାତୁର୍ଯ୍ୟ ପ୍ରତିପାଦିତ କରିଛନ୍ତି । ନିମ୍ନରେ ଗୋଟିଏ କୋଠରୀର ଚିତ୍ର ପ୍ରଦାନ କରାଯାଇଛି । ଏହି କୋଠରୀ ମଧ୍ୟରେ କବିବର୍ଣ୍ଣିତ ପଦ୍ୟାଂଶଟି ଏବଂ ତାର ସ୍ଥୁଳ ଅର୍ଥ ପ୍ରଦାନ କରାଯାଇଛି ।

ସାରଣୀ

ପଦ	ପଦ୍ୟାଂଶ	ସ୍ଥୁଳାର୍ଥ
ଷଷ୍ଠ ପଦ	××× ବରହ ଅଞ୍ଜନ ×××	ନୟନରେ ଅଂକିତ କଜ୍ୱଳ ଲାଂଜି କଜଳପାତି ଚଢ଼େଇର ପୁଚ୍ଛସମ ।
ଅଷ୍ଟମ ପଦ	××× କଜ୍ଜ୍ୱଳ ଚମର ×××	ମୃଗର ଲାଞ୍ଜ
ଦଶମ ପଦ	××× ଅଂଜନ କପଟ ×××	ଅଞ୍ଜନ ଛଳରେ ଭୟାତୁର ନୟନଦ୍ୱୟ ଶ୍ରବଣରନ୍ଧ୍ର ମଧ୍ୟରେ ପ୍ରବେଶ କରିବାକୁ ଉଦ୍ୟତ ।
ଦ୍ୱାଦଶ ପଦ	××× ଅଂଜନ ଏତ ରଂଜନ କଜ୍ୱଳ / ମନ ଦମ୍ଭ ଦହଜନ	ଦମ୍ଭୀଜନର ଦମ୍ଭ ନାଶନକାରୀ ନୟନ
ଚତୁର୍ଦ୍ଦଶ ପଦ	ସକଳ ××× ××× ସହଜ ଯତନ ସରୁ କଜ୍ୱଳ	ଯତ୍ନରେ ଅଂକିତ ସରୁ କଜ୍ୱଳ ରେଖା
ପଂଚଦଶ ପଦ	××× ××× ବନ୍ଧକ ଅଞ୍ଜନ ହୟ ନୟନ ×××	ଚକ୍ଷୁ ରୂପକ ଅଶ୍ୱକୁ କଜ୍ୱଳ ରେଖା ରୂପୀ ରଜ୍ଜୁରେ ବନ୍ଧନ କରାଯାଇଛି ।
ଷୋଡ଼ଶ ପଦ	××× ବମନ କରଇ କଜ୍ୱଳଗାର	ନେତ୍ର ସର୍ପର ମୁଖନିଃସୃତ ଗରଳ
ସପ୍ତଦଶ ପଦ	××× ××× ବସନ ପଣନ୍ତ । ବହଳ ଅଞ୍ଜନ ଏମନ ମତ ×××	ଚକ୍ଷୁରୂପୀ ନର୍ତ୍ତକୀର ପଣତ ହେଉଛି କଜ୍ୱଳ ଗାର
ଉନବିଂଶ ପଦ	××× ଦଣ୍ଡନ ଦଣ୍ଡ ନୟନ କଜ୍ୱଳ ×××	ନୟନର ଅଞ୍ଜନ କବିମାନଙ୍କୁ ଦଣ୍ଡ ଦେବା ବାଡ଼ି ସମ

ଏହିପରି କଜ୍ୱଳପୂରିତ ଲୋଚନ ଦ୍ୱୟ ଭଂଜୀୟ କାବ୍ୟଶିଳ୍ପରେ ବୈଚିତ୍ର୍ୟ ମଣ୍ଡିତ ରୂପ ଗ୍ରହଣ କରିଛି ।

୭ – କବି ସମ୍ରାଟ ପ୍ରେମ ସୁଧାନିଧିଙ୍କ ନୟନକୁ ଶୃଙ୍ଗାରରସ ପରିପୂର୍ଣ୍ଣ ସରୋବର ସମ ମନେ କରିଛନ୍ତି । ଡୋଳା ଦୁଇଟି ମତୁଆଲା ଭ୍ରମର । ଶୃଙ୍ଗାର ରସ ଏଠାରେ ମକରନ୍ଦ ସମ । ତେଣୁ ଭ୍ରମର ସେହି ବହଳ ମକରନ୍ଦ ପାନ କରିବାର ପ୍ରଲୋଭନରେ ଚକ୍ଷୁ ସରୋବର ପରିତ୍ୟାଗ କରିପାରୁନାହିଁ । କବି ସମ୍ରାଟଙ୍କ ନୟନ ବର୍ଣ୍ଣନାରେ ରହିଛି ରୂପର ଦ୍ୟୁତି ।

ସନେଟ୍ ସମ୍ରାଟଙ୍କ ନେତ୍ର ବର୍ଣ୍ଣନା

୧ – ସନେଟ ସମ୍ରାଟ ଧର୍ମପତ୍ନୀଙ୍କର ଢଳଢଳ ନୟନଦ୍ୱୟକୁ ମଦନମଦ ତୃପ୍ତକାରକ ରୂପେ ଗ୍ରହଣ କରି ଶୋଷ ପ୍ରଶମିତ କରିବା ପ୍ରସଙ୍ଗ ଉପସ୍ଥାପନ କରିଛନ୍ତି । ସେ ନୟନରେ ମୀନ, ଖଂଜନ କି ବାଜିର ଦ୍ରୁତଗମନ ହେତୁ କାହାରି ଗର୍ବ ଗଂଜନ ହୋଇନାହିଁ । ସେ ନୟନ କାମପୀଡ଼କ ନୁହେଁ ବରଂ ଆଶ୍ରୟଦା, ଆଲୋକଦା ଓ ଅଭୟଦା । ସନେଟ୍ ସମ୍ରାଟଙ୍କ ନେତ୍ରବର୍ଣ୍ଣନାରେ ଚଂଚଳତା ନାହିଁ । ତାହା କାମ ଉଦ୍ଦୀପକ ନୁହଁ କି କାମଦେବଙ୍କ ଅପାଙ୍ଗ ଆୟୁଧ ମଧ୍ୟ ନୁହେଁ ।

୨ – ଅନୁପ୍ରାସାଲଙ୍କାରର ଅନୁରାଗୀ ଅଧିଗ ସନେଟ୍ ସମ୍ରାଟ ଧର୍ମପତ୍ନୀଙ୍କ ସ୍ୱଚ୍ଛ ନୟନରେ ଚନ୍ଦ୍ରମା' ନୁହେଁ ନକ୍ଷତ୍ରର ନୀଳାଲୋକ ଦର୍ଶନ କରିଛନ୍ତି ଏବଂ କହିଛନ୍ତି, "ଦୁଇ ଆଖି : ଦୁଇ ତାରା... ଦିଏ ମତେ ମସୃଣ ମୟୂଖ / ଥାଉ ତା' ଶୀର୍ଷକ ତେଣୁ ସ୍ୱାତୀ ଆଉ ଅରୁଂଧତୀ ଆହା ।"

୩– ସନେଟ୍ ସମ୍ରାଟ ପାରଂପରିକ ବର୍ଣ୍ଣନା ଧାରାକୁ ସଂପୂର୍ଣ୍ଣ ବର୍ଜନ କରିପାରିନାହାନ୍ତି । ପରଂପରାର ପ୍ରଥା ପ୍ରୟାଣୀ ସେ ନୁହଁନ୍ତି ଏହା ସତ୍ୟ । ଅନୁସରଣ ତାଙ୍କର କାବ୍ୟ ପ୍ରବୃତ୍ତି ନୁହେଁ । କବି ସିନା ପରଂପରାକୁ ଅତିକ୍ରମି ନୂତନତ୍ୱର ଆବିଷ୍କାରକ ହେବ । ହେଲେ ନୂଆ ସୃଷ୍ଟି କରିବାର ପ୍ରଲୋଭନରେ ପୁରୁଣାକୁ ପିଙ୍ଗି ଦେଇ, ତ୍ରିଶଙ୍କୁର ମଧ୍ୟ ସ୍ୱର୍ଗରେ ବୀଜବପନ କଲେ ଛଳଛଳ କବିତା କଅଣ ସଂଭବ ହୋଇପାରିବ ? ଅତଏବ ଓଡ଼ିଆକବିତା ଧାରାର ଉତ୍କୃଷ୍ଟ ମାଟିରୁ ରସାହରଣ ନ କଲେ ପାଠକର ହୃଦୟ ହସ୍ତିନା ଲାଭ କରିବା ତ ଅସମ୍ଭବ ହୋଇପଡ଼ିବ । ତେଣୁ କମଳ ଓ ଭଅଁର ଏହି ଦୁଇଟି ତୁଳନାତ୍ମକ ପ୍ରଥାପିଣ୍ଡିତ ଉପାଦାନ କବି ଗ୍ରହଣ କରିଛନ୍ତି ହେଲେ ପ୍ରୟୋଗରେ ଭଂଜୀୟ କଳା ଚାତୁର୍ଯ୍ୟକୁ ଅତିକ୍ରମି ଯାଇଛନ୍ତି । ପତ୍ନୀଙ୍କର ନୟନ କମଳବନ ଆଉ ଭ୍ରମରରୂପୀ ଡୋଳାଟି ସ୍ୱୟଂ କବିଙ୍କର ଦେହର ବୁଭୁକ୍ଷା । ଓଡ଼ିଆକବିତା ନିମନ୍ତେ ଏକ ଅଦ୍ୱିତୀୟ ଚିତ୍ରକଳ୍ପ ଉପହାର ଦେଇ କବି ଲେଖନ୍ତି,

"ଶୋଷ ମୋର ଶାଂତ କରେ ସ୍ନେହ ସିଗ୍ଧ – ସେ ନୟନ ସ୍ୱଚ୍ଛ / ଭୋକର ଭଅଁର ଶୁଏ ସେ ଆକ୍ଷିର କମଳବନରେ !"

(ନୀଳନିର୍ବାଣ)

୪– କଳ୍ପନା କାରୁବାକୀଙ୍କୁ ବୀଣାପାଣିଙ୍କ ସହଚରୀ ମନେ କରୁଥିବା କବିକୁଳ କେବେ କଳ୍ପନା ବିରାଗୀ ହୋଇପାରିବେ ନାହିଁ । ସନେଟ ସମ୍ରାଟ ମଧ୍ୟ ଚକ୍ଷୁର ଅସୀମତ୍ୱ, ପ୍ରଶାନ୍ତ ପ୍ରସାରଣ ଏବଂ ଅକଳନ ଗଭୀରତ୍ୱକୁ ଅନୁଭବ କରିପାରିଛନ୍ତି । କିନ୍ତୁ ତାହା

ଅମାବାସ୍ୟାର ଅନୁଦାର ଅନ୍ଧକାର ନୁହେଁ । କବିତା ଯେଉଁ ଏକାନ୍ତ ଦୂରଦିଗନ୍ତର ଲାସ୍ୟକୁ ଇଙ୍ଗିତ କରେ ସେହି ଅସୀମର ଅବବୋଧ ପ୍ରଦାନ ସାମର୍ଥ୍ୟ କବି ବଳୀୟାରସିଂହଙ୍କ ନିକଟରେ ଅକଳନ । ତେଣୁ କଳ୍ପନା ସୁନ୍ଦରୀଙ୍କ ସହ ବାସ୍ତବିକାଙ୍କର ନୟନାଂତର ରୂପାୟିତ କରି କବି କୁହନ୍ତି,

"କେବେ କେବେ ଆଖି ତୁମ ଲାଗେ ମତେ ଅଂଧାରୀ ମୁଲକ/ ଯେଉଁଠି ଓହ୍ଲାଏ ରାତି ବିଧାତାର ବିନାନୁମତିରେ / ମୌନତାର ମୁଦ୍ରାମାଖେ ସମ୍ମତିର ସହସ୍ର ପୁଲକ/ ଆଉ / ମୋ ଉଷ୍ଣାଶା ଯେତେ ତାରା ତୋଳେ ତୃଷ୍ଣାର ତିମିରେ ॥" (ନୀ.ନି.) ଅମ୍ବକ ମଧ୍ୟ ଦରଶ ସଦର କହି ନୟନସ୍ଥ ମଧ୍ୟଭାଗର କୃଷ୍ଣ ଡୋଳାଟିକୁ ଅମାବାସ୍ୟା ସହ ରୂପକାଳଙ୍କାର ମାଧ୍ୟମରେ ସଂଯୋଜିତ କରିବା ଏବଂ ନୟନକୁ ଅଂଧାରି ମୁଲକ କହି ବିଧାତାଙ୍କ ବିନାନୁମତିରେ ରାତ୍ରିର ଅବତାରଣ ପରେ ପରେ ଦୁଇଟି ମିଳନାକାଙ୍କ୍ଷୀ ପ୍ରାଣର ପୁଲକକୁ ମୌନତା ମାଧ୍ୟମରେ ପ୍ରକାଶ କରି କବି ଯେଉଁ ଅପରୂପ ମନସ୍ତାତ୍ତ୍ୱିକ ଅନୁଭବର ଚିତ୍ରକଳ୍ପଟିଏ ଅଂକନ କରିଛନ୍ତି, ତାର ସୂକ୍ଷ୍ମତ୍ୱ ଅବଶ୍ୟ ପ୍ରଶଂସନୀୟ । ସନେଟ୍ ସମ୍ରାଟଙ୍କ ସୁନୟନା ସ୍ଥିର, ମୌନ, ଅଶ୍ରୁଳ ବିଷାଦବୋଳା ଅଥଚ କବି ଏବଂ କବି ପତ୍ନୀଙ୍କ ପ୍ରେମ ଓ ମିଳନର ତାହା ଯେପରି ଏକମାତ୍ର ସାକ୍ଷୀ ।

୫- ସନେଟ ସମ୍ରାଟଙ୍କ ସାମର୍ଥ୍ୟ ମଧ୍ୟ ସୁଦୁର୍ଲଭ । କବି ଗିରିଜା ପ୍ରାଣପ୍ରିୟା ଧର୍ମପତ୍ନୀଙ୍କ ନୟନରେ ଧଳା-କଳା-ନାଲି ଏହି ତ୍ରିରଙ୍ଗ ବଦଳରେ କେବଳ ଗୋଟିଏ ରଙ୍ଗ ଦେଖିବା ନିମନ୍ତେ ସମର୍ଥ ହୋଇଛନ୍ତି । ସେ ରଙ୍ଗଟି ହେଉଛି 'ନୀଳ' । ଉଭୟ ଅନନ୍ତ ଆକାଶ ଓ ଦିଗନ୍ତବିସ୍ତାରୀ ଦରିଆର ରଂଗ ହେଉଛି ନୀଳ । ତେଣୁ ଏହି ରଂଗଟିକୁ ପ୍ରଶାନ୍ତ, ସ୍ଥିର, ପ୍ରଜ୍ଞା, ଗଭୀରତମ ବିଶ୍ୱାସ, ଆନୁଗତ୍ୟ, ଅସୀମ ଆଦିର ପ୍ରତୀକ ସ୍ୱରୂପ ଗ୍ରହଣ କରାଯାଇଥାଏ । ତେଣୁ କବି ସେହି ଏକଇ ରଂଗର ସାରଂଗୀ ବାଦନରେ ଲିପ୍ତ ଅଛନ୍ତି । 'ନୟନ ପଂଚକ'ରେ ରହିଛି ସର୍ବମୋଟ ସତୁରୀ ଗୋଟି ପାଦ ବା ଧାଡ଼ି ତନ୍ମଧ୍ୟରୁ ନିମ୍ନୋକ୍ତ ଛଅଗୋଟି ପାଦରେ କବି ନୀଳଶବ୍ଦର ବ୍ୟବହାର କରିଛନ୍ତି ।

"ଦୁଃଖୀ ତୁମ ଆଖି ଦୁଇ ଲାଗେ ମତେ ନୀଳ ଦ୍ୱୀପାଂତରେ... ।"

"ସତରେ ଗୋ ସୁନୟନା! ସେ ନୟନେ, ମାଗେଁ ସ୍ୱପ୍ନସ୍ନାନ

... ଦେଉ ତୁମ ଦୁଇ ଆଖି ନୀଳନୀଳ ନିଦର ନିର୍ବାଣ ।"

"ଆଜି ମଧ୍ୟ ତୀକ୍ଷ୍ଣ ଅତି ସେ ଆଖିର ନୀଳ ତିରସ୍କାର ।"

"ସ୍ୱପ୍ନ ମୋ ନଜର ବଂଦୀ ନୀଳ ସେଇ ଆଖିର କାରାରେ ।"

"କେବେ ପୁଣି ଇଚ୍ଛା ହୁଏ; ପ୍ରକ୍ଷାଳିବି ପ୍ରଜ୍ୱଳିତ ପ୍ରାଣ

ନିଭୃତ ତୁମରି ସେଇ ନୟନର ନୀଳ ଦୁଇହ୍ରଦେ ।"

"ସବୁ ମୋର ବ୍ୟର୍ଥତାରେ ସାର୍ଥକତା - ସେଇ ଆଖି ଦୁଇ

ସବୁ ମୋର ତିଳ ତିଳ ନକ୍ଷତ୍ରର ନୀଳ ଅଂଗୀକାର... ।"

ନୀଳ ନିର୍ବାଣର ନିଦ୍ରା, ନୀଳ ଅଂଗୀକାର, ନୀଳହ୍ରଦର ଜଳ ଏବଂ ନୀଳ ତିରସ୍କାର ଏହି ରୂପକକଳ୍ପଗୁଡ଼ିକ ପତ୍ନୀଙ୍କ ନୟନର ନୀଳିମା ନୁହେଁ ବରଂ ପତ୍ନୀତ୍ୱର ସୁଗଭୀର ନୀଳଦ୍ୟୁତିମୟ ଉଜ୍ଜ୍ୱଳ ବ୍ୟକ୍ତିତ୍ୱକୁ ସୂଚିତ କରୁଛି ।

୬ - ସନେଟ ସମ୍ରାଟଙ୍କ ନେତ୍ର ବର୍ଣ୍ଣନା ମଧ୍ୟରେ କଜ୍ଜ୍ୱଳ ପୂରିତ ନେତ୍ରଦ୍ୱୟ ଅବଶ୍ୟ ଦୃଶ୍ୟ ହୁଅନ୍ତି । କିନ୍ତୁ ସେ କଜ୍ଜ୍ୱଳ ଆକର୍ଷଣର ହେତୁ ନୁହେଁ । ନୁହଁ ମଧ୍ୟ ସାଧାରଣ ପ୍ରସାଧନ ସମାଗ୍ରୀ । 'ସତରେ ସୁନୟନା' ଚଉଦାଳୀର ପଂଚମ ପାଦଟିକୁ କବି କାବ୍ୟିକ କଂଚିକା ରୂପେ ଗ୍ରହଣ କରିଛନ୍ତି । କବି ଗିରିଜାକୁମାରଙ୍କ ଭାଷାରେ-

"ସେ ଆଖିର ଉପାଂତରେ ଦୁଇଗାର କଜ୍ଜ୍ୱଳ ମୋ ଦୁଃଖ

ଧାରଟିଏ ଅଶ୍ରୁରେ ହିଁ କେଇବାର ନିଭାଇଚ ଯାହା...

× × ×

(ନୀଳନିର୍ବାଣ)

କବିଙ୍କର ଦୁଃଖ କଜ୍ଜ୍ୱଳର କାଳିମାରେ ରୂପାନ୍ତରିତ ହୋଇ ଧର୍ମପତ୍ନୀଙ୍କ ସୁନୟନାର ଉପାନ୍ତରେ ରେଖାଙ୍କିତ ହୋଇଥାଏ । ସେ କଜ୍ଜ୍ୱଳ ରେଖା ପୋଛି ହେଇଯିବାର ପ୍ରକ୍ରିୟାଟି ନିବିଡ଼ ଦାମ୍ପତ୍ୟ ପ୍ରେମର ଅନୁପମ ଆଲେଖ୍ୟ ବହନ କରେ । ଅତଏବ ସନେଟ ସମ୍ରାଟ ନୟନ ବର୍ଣ୍ଣନା କାଳରେ କୌଣସି ଅଗ୍ରଜଙ୍କୁ ଅନୁସରଣ କରିନାହାନ୍ତି । ପାରମ୍ପରିକ ରୂପ ଅଛି, ରୂପକ ମଧ୍ୟ ଅଛି କିନ୍ତୁ ବଦଳି ଯାଇଛି ଅବଲୋକନ କରିବାର ପ୍ରଥାସିଦ୍ଧ ଦୃଷ୍ଟିଭଙ୍ଗୀ । ପିପାସିତ ନୟନ ମଧ୍ୟରେ ପ୍ରେମାସ୍ପଦକୁ ଖୋଜିପାଇବା ଠାରୁ ଦୁଃଖାଞ୍ଜନ ଲେପିତ ନୟନ ମଧ୍ୟରେ ପତିଙ୍କର ଦୁଃଖ ଉଦ୍‌ଭାସିତ ହେବା ପୁନଶ୍ଚ ଧାରେ ଲୁହରେ ସେ ଦୁଃଖ ବୋହିଯିବାର ଚିତ୍ର ମାଧ୍ୟମରେ ପତିପତ୍ନୀ ଦ୍ୱୟଙ୍କର ଯାମଳ ଶରୀର ମଧ୍ୟରେ ଯେଉଁ ଅଭିନ୍ନତ୍ୱ କବି ଗିରିଜା ପ୍ରତିପାଦିତ କରିଛନ୍ତି ତାହା ଭିନ୍ନ କେବଳ ନୁହେଁ ଅନନ୍ୟ ମଧ୍ୟ ।

କବିସମ୍ରାଟଙ୍କ ନୟନ ବର୍ଣ୍ଣନା ବାହ୍ୟ ଆକୃତିର ରୂପାୟନ ହୋଇଥିବା ବେଳେ ସନେଟ୍ ସମ୍ରାଟ ପତ୍ନୀ ରୂପୀ ନାରୀର ବ୍ୟକ୍ତିତ୍ୱର ନୀଳାଭ ଦ୍ୟୁତି ଅବଲୋକନ କରିବା ନିମନ୍ତେ ପ୍ରୟାସୀ ହୋଇଛନ୍ତି । ନୟନ ମଧ୍ୟରେ ସ୍ୱର୍ନାରୀଙ୍କ ବ୍ୟକ୍ତିତ୍ୱ ଅବଲୋକନ କରିଥିବାରୁ ନୟନକୁ ଆଦିଂଗତ ବ୍ୟାପୀ ଅଥଳ ଦରିଆ, ଓଦା ଓଦା ଆଶ୍ୱିନର ଆକାଶ ଓ ନୀଳ ସାଗରିକା ସହ ଅଭିନ୍ନ ମନେ କରିଛନ୍ତି ।

୭ - ସନେଟ ସମ୍ରାଟ ନୟନ ସରୋବର ସଂପର୍କରେ

ସଂପୂର୍ଣ୍ଣ ନିରବ । ଆନୀଳ ନୟନ ଦ୍ୱୟ ତାଙ୍କ ନିମନ୍ତେ ଆଦିଗଂତ ବ୍ୟାପୀ ଅଥଳ ଦରିଆ ପୁନଶ୍ଚ ଦୁଇଗୋଟି ନୀଳ ସାଗରିକା । କବିଙ୍କର ପ୍ରଜ୍ୱଳିତ ପ୍ରାଣକୁ ପଖାଳି ନେବା ପାଇଁ ନୟନ ହ୍ରଦ ଅଭିପ୍ରେତ । ସନେଟ ସମ୍ରାଟଙ୍କ ସୁନୟନା କିନ୍ତୁ ଅରୂପ ସାଗର ମଧ୍ୟରୁ ପ୍ରେମର ଦୁର୍ଲ୍ଲଭ ମୋତି ସଂଗ୍ରହ ନିମନ୍ତେ ଅଭିଳାଷୀ ହେବା ପରି ମନେହୁଏ ।

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଏ ଜାତିର ଅଭିମାନ । ଚିର ନମସ୍ୟ କବି । ଉତ୍କଳମଣି ଗୋପବନ୍ଧୁ ଯାହାଙ୍କୁ "କବିକୁଳ କଞ୍ଜ ଉପଇନ୍ଦ୍ର ଭଞ୍ଜ" ନାମରେ ସମ୍ବୋଧନ କରି ଯଥାକ୍ରମେ ପଦ୍ମ, ଅମୃତ ଓ ବ୍ରହ୍ମାଙ୍କ ଆସନ ପ୍ରଦାନ କରି କହିଥିଲେ,

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା,
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ॥"
(ଅବକାଶ ଚିନ୍ତା - ପୃ. ୩୦)

ଦୂରଦ୍ରଷ୍ଟା କବି ଗୋପବନ୍ଧୁ ଏହା ମଧ୍ୟ ଉଲ୍ଲେଖ କରିଥିଲେ ଯେ ଦିନେ କାଳର ବଳୀୟାର ପ୍ରବାହ ହେତୁ ନୂତନ ଜ୍ଞାନ, ନୂତନ ରୁଚି ଓ ନୂତନ ସଂସ୍କାର ସମାଜ ଜୀବନକୁ ପ୍ରଭାବିତ କରିବ ହେଲେ 'ବୈଦେହୀଶ ବିଳାସ'ର ବୈଭବମୟ ସ୍ଥାନ କୌଣସି ନବରୁଚିର ଜ୍ଞାନ-ବିଜ୍ଞାନ ଗ୍ରହଣ କରିପାରିବ ନାହିଁ । ଅତଏବ ମୋର ନିବେଦନ ହେଉଛି - ସନେଟ୍ ସମ୍ରାଟ ଯେ କବିସମ୍ରାଟଙ୍କୁ ଅତିକ୍ରମି ଯାଇଛନ୍ତି ଏହା ନିରୀକ୍ଷଣ କରିବା ଉପରୋକ୍ତ ତୁଳନାତ୍ମକ ଅଧ୍ୟୟନର ଉଦ୍ଦେଶ୍ୟ ନୁହେଁ । ଉଭୟ ଆମ ଭାଷା ସାହିତ୍ୟ ନିମନ୍ତେ ବରଦନିଧି । ଜଣେ ଦେହର କାରାଗାରରୁ ମୁକ୍ତ ହୋଇ ବିଦେହରେ ଥାଇ ଏ ଜାତିର କାନେ କାନେ ବୈଦେହୀଶ ବିଳାସର ଅନୁରଣନ ତୋଳୁଥିବା ବେଳେ, ଆଉ ଜଣେ ସାଂପ୍ରତିକ କାଳଖଣ୍ଡରେ ସ୍ୱଦେହରେ ଅବସ୍ଥାନ କରି ଓଡ଼ିଆ କବିତାର ବର୍ତ୍ତମାନକୁ ମହାନ ସାଂସ୍କୃତିକ ପରଂପରା ସହ ସଂଯୋଜିତ କରି ଏକକ ଅଭିଯାନରେ ନିତ୍ୟ ନିୟୋଜିତ ଅଛନ୍ତି । ଜଣେ ସମୀକ୍ଷକ ରୂପେ ତୁଳନାର ଏହି ତୁଳାଦଂଡ଼ ଉଭୟଙ୍କ ପ୍ରତି ଜଣେ ବିନୀତା ପାଠିକାର ମୁଗ୍ଧଚକିତ ହୃଦୟର ଭକ୍ତି ନୈବେଦ୍ୟ ମାତ୍ର, ତଉଲିବାର ତ୍ରୁଟିପୂର୍ଣ୍ଣ ଆସ୍ପର୍ଦ୍ଧା ନୁହେଁ । ତେବେ ଏହି ତୁଳନାତ୍ମକ ଅଧ୍ୟୟନ ମୋତେ ଏହି ସିଦ୍ଧାନ୍ତରେ ଉପନୀତ କରାଇଲା ଯେ କବି ଗିରିଜା କୁମାରଙ୍କ ନୟନପଂଚକ ପୂର୍ବୋକ୍ତ ସମସ୍ତ କବିମାନଙ୍କର ନୟନ ବର୍ଣ୍ଣନାଠାରୁ ଭିନ୍ନ ତଥା ସ୍ୱକୀୟା ପ୍ରେମର ମର୍ଯ୍ୟାଦାମୟ ଅଭିନ୍ନ ପରିପ୍ରକାଶ । ଶ୍ରଦ୍ଧା, ସମର୍ପଣ, ଅପେକ୍ଷା ଓ ପ୍ରେମ ପରିପୂର୍ଣ୍ଣ ସ୍ୱକୀୟାଂକ ଆନୀଳ ନୟନର କାରା ହିଁ କବିଙ୍କ ନିମନ୍ତେ ବିରହ ମିଳନର ଅପୂର୍ବ ବନ୍ଦୀଶାଳା । କବିସମ୍ରାଟ ଓ ସନେଟ୍‌ସମ୍ରାଟ ଯେ ଆଦୌ ତୁଳନୀୟ ନୁହଁନ୍ତି, ଏହା ଅଭିବ୍ୟକ୍ତ କରି ଚଉଦାଳୀର ଚଂଦ୍ରମୌଳୀ ଜଣେ ପାଠିକାଙ୍କୁ ଯେଉଁ କାବ୍ୟିକ ଉତ୍ତର ପ୍ରଦାନ କରନ୍ତି, ସେହି ନମ୍ରାଭିବ୍ୟକ୍ତିଟି ନିମ୍ନରେ ପ୍ରଦାନ କରାଗଲା ।

"ସେ କୋଟିବ୍ରହ୍ମାଂଡ଼ର ଆକାଶ
ମୁଁ ମାତ୍ରକ ମଟାଳମାଟିର ମାମୁଲି ଘାସ ।"

କବି ଗିରିଜା କୁମାରଙ୍କର ଅଭିବ୍ୟକ୍ତି ମଧ୍ୟରେ କବିକୁଳାଗ୍ରଜଙ୍କ ନିମନ୍ତେ ଅପରିସୀମ ଭକ୍ତି ନିହିତ ଥିଲେ ହେଁ, ସେ ଯେ ମଟାଳମାଟିର ମାମୁଲି ଘାସ ନୁହଁନ୍ତି ବରଂ ଆମ ସାଂସ୍କୃତିକ ମାଟିମଟାଳର କର୍ଷଣ ମଧ୍ୟରୁ କନକସନେଟ୍‌ର ସ୍ୱର୍ଣ୍ଣିମ ଶସ୍ୟ ଉତ୍ପାଦନକାରୀ କବି ତଥା ପାଠକ ହୃଦ ସିଂହାସନରେ ଆରୂଢ଼ ସନେଟ୍‌ସମ୍ରାଟ ଏହା ଅବଶ୍ୟ ସ୍ୱୀକାର କରିବା ନିମନ୍ତେ ହେବ ।

ସହାୟକ ଗ୍ରନ୍ଥସୂଚୀ :

୧. ନୀଳ ନିର୍ବାଣ - କବି ଗିରିଜା କୁମାର ବଳୀୟାରସିଂହ, ପ୍ରକାଶକ - କାହାଣୀ, ପଂଚମ ସଂସ୍କରଣ, ୨୦୧୨ ।
୨. ପ୍ରେମ ସୁଧାନିଧି - କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ - ସଂପାଦନା - ଡକ୍ଟର ବୈଷ୍ଣବ ଚରଣ ସାମଲ, ଫ୍ରେଣ୍ଡସ୍ ପବ୍ଲିଶର୍ସ- ତୃତୀୟ ସଂସ୍କରଣ - ୨୦୧୫ ।
୩. ଅବକାଶ ଚିନ୍ତା - ପଣ୍ଡିତ ଗୋପବନ୍ଧୁ ଦାସ - ଗୋପବନ୍ଧୁ ସାହିତ୍ୟ ମନ୍ଦିର, ନୂତନ ସଂସ୍କରଣ - ୨୦୧୨ ।
୪. ମାନସିଂହ ଗ୍ରନ୍ଥାବଳୀ - ପ୍ରଥମ ଖଣ୍ଡ - ଗ୍ରନ୍ଥମନ୍ଦିର, ତୃତୀୟ ପରିମାର୍ଜିତ ସଂସ୍କରଣ - ୧୯୯୭ ।
୫. ନନ୍ଦକିଶୋର ଗ୍ରନ୍ଥାବଳୀ - ପ୍ରକାଶକ - ଶ୍ରୀ ହେମନ୍ତ କିଶୋର ବଳ, ଶ୍ରୀ ବସନ୍ତ କିଶୋର ବଳ, ପ୍ରଥମ ସଂସ୍କରଣ- ୨୦୦୦ ।
୬. ମହାଦୀପ - କବି କାଳିନ୍ଦୀ ଚରଣ ପାଣିଗ୍ରାହୀ
୭. ସାହିତ୍ୟ ସାଧକ ଫକୀରମୋହନ - ଶ୍ରୀ ଚିନ୍ତାମଣି ଦାଶ - ଓଡ଼ିଶା ବୁକ୍ ହାଉସ୍, ପ୍ରଥମ ସଂସ୍କରଣ - ୧୯୬୩ ।

ବିଭାଗୀୟ ମୁଖ୍ୟ (ଓଡ଼ିଆ ବିଭାଗ)
ଶୈଳବାଳା ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ

ISSN -2583-147X(P), **Vol.- 8, Issue No. VI, September 2022**
Bastabatara Pariprakash Prachee
Peer Reviewed and Referred Research Journal

ରାଜା ଇନ୍ଦ୍ରଭୂତି ଓ ଶ୍ରୀଜଗନ୍ନାଥ

ରୁବିନା ପାତ୍ର

ପୃଥିବୀ ପୃଷ୍ଠରେ ଭଗବାନ୍ ବିଷ୍ଣୁ ଦଶଗୋଟି ଅବତାରରେ ଅବତୀର୍ଣ୍ଣ ହୋଇଛନ୍ତି- ମୀନ, କଚ୍ଛପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ହଳଧର, ବୁଦ୍ଧ, କଲ୍କୀ ବା ଜଗନ୍ନାଥ, ନବମ ଅବତାରରେ ଭଗବାନ୍ ବିଷ୍ଣୁ ବୁଦ୍ଧ ରୂପେ ଜନ୍ମଗ୍ରହଣ କରି ସଂସାରରେ ବୌଦ୍ଧଧର୍ମର ପ୍ରତିଷ୍ଠା କଲେ । ବୌଦ୍ଧଧର୍ମରେ ରାଜା ଇନ୍ଦ୍ରଭୂତିଙ୍କ ନାମ ଅତ୍ୟନ୍ତ ପରିଚିତ । ଭଗବାନ ବୁଦ୍ଧଙ୍କର ମହାପରିନିର୍ବାଣ ପରେ ବୌଦ୍ଧଧର୍ମ ଦୁଇଭାଗରେ ବିଭକ୍ତ ହୋଇଗଲା । ମହାଯାନ ଓ ହୀନଯାନ ରୂପେ ଦୁଇଭାଗ ହେଲା ପରେ ମହାଯାନ ଗୋଷ୍ଠୀରୁ ବଜ୍ରଯାନ, ସହଜଯାନ ଓ କାଳଚକ୍ର ଯାନର ଉପଶାଖା ଯାନ ଉନ୍ମେଷ ଘଟିଥିଲା:-

ରାଜା ଇନ୍ଦ୍ରଭୂତି ଖ୍ରୀଷ୍ଟୀୟ ଷଷ୍ଠ/ସପ୍ତମ ଶତାବ୍ଦୀ ବେଳକୁ ବଜ୍ରଯାନର ପ୍ରଚାର କରିଥିଲେ । ରାଜା ଇନ୍ଦ୍ରଭୂତି ସମ୍ବଲ ରାଜ୍ୟର ରାଜା ଥିଲେ । ଇନ୍ଦ୍ରଭୂତିଙ୍କ ଭଉଣୀ ଲକ୍ଷ୍ମୀଙ୍କର, ଲଙ୍କାପୁରୀର ରାଜା ଜଳେନ୍ଦ୍ରଙ୍କ ପୁତ୍ରକୁ ମାତ୍ର ସାତବର୍ଷ ବୟସରେ ବିବାହ କରିଥିଲେ । ମହାପଣ୍ଡିତ ରାହୁଲ ସାଂକୃତ୍ୟାୟନ ଆଧୁନିକ ସମ୍ବଲପୁରକୁ ତତ୍କାଳୀନ ସମ୍ବଳ ଆଧୁନିକ ସୋନପୁରକୁ ଲଙ୍କାପୁରୀ ଭାବରେ ଗ୍ରହଣ କରିଛନ୍ତି ।

ଇନ୍ଦ୍ରଭୂତିସ୍ୱଗ୍ରନ୍ଥ 'ଜ୍ଞାନସିଦ୍ଧି'ରେ ବୁଦ୍ଧଙ୍କୁ ଜଗନ୍ନାଥ ରୂପେ ଚିତ୍ରଣ କରିଛନ୍ତି । ଶ୍ରୀଜଗନ୍ନାଥ ଯେ ବୁଦ୍ଧ ଏକଥା ସାରଳା ଦାସ 'ମହାଭାରତରେ' ସ୍ୱୀକାର କରିଛନ୍ତି । 'ରୁଦ୍ର ଯାମଳତନ୍ତ୍ର' ଗ୍ରନ୍ଥରେ ଶ୍ରୀ ଜଗନ୍ନଥଙ୍କୁ ତନ୍ତ୍ରର ଦେବତା ରୂପେ ସୂଚିତ କରାଯାଇଛି ।

ପ୍ରତିପତ୍ୟ ଜଗନ୍ନାଥଂ ସର୍ବଜୀନଂ ବରାର୍ଚ୍ଚିତମ୍
ସର୍ବ ବୁଦ୍ଧମୟ ସିଦ୍ଧି ବ୍ୟାପିନଂ ଗଗନୋପ ମମ୍
ସଃ ଗୁରୁଶିଷ୍ୟ ସଂଗ୍ରାହୀ ସର୍ବ ବୁଦ୍ଧାନୁକାର କହଃ
ଇତ୍ୟୁବାଚ ଜଗନ୍ନାଥୋ ନାନୌ ବୈଗୁରୁବଃ ସ୍ମୃତା ।
(ଜ୍ଞାନସିଦ୍ଧିଃ ଇନ୍ଦ୍ରଭୂତ)

ଇନ୍ଦ୍ରଭୂତି ଜଗନ୍ନାଥଙ୍କ ଠାରେ ଦର୍ଶନ କଲେ 'ସର୍ବବୁଦ୍ଧମୟ' । ଏହାର ଅର୍ଥ ଗୌତମ ବୁଦ୍ଧଙ୍କ ସମତେ ଯେତେ ବୁଦ୍ଧ ସମସ୍ତେ ଜଗନ୍ନାଥଙ୍କ ଠାରେ କେନ୍ଦ୍ରୀଭୂତ । ବୁଦ୍ଧଙ୍କର ଜଗନ୍ନାଥଙ୍କ ସହିତ ଅନେକ ସାମଞ୍ଜସ୍ୟ ରହିଛି । ବୁଦ୍ଧ, ଧର୍ମ ଓ ସଂଘର ସମଷ୍ଟିଗତ ନାମ 'ତ୍ରିରତ୍ନ', ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଏହି ତ୍ରିରତ୍ନର ସଂକେତ ବହନ କରିଛନ୍ତି । ଜଗନ୍ନାଥ ହିଁ ବୁଦ୍ଧଙ୍କ ପ୍ରତୀକ । ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ମଧ୍ୟ ତ୍ରିରତ୍ନକୁ ବୁଦ୍ଧ, ସଂଘ ଓ ଧର୍ମକୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଭାବରେ ଗ୍ରହଣ କରିଛନ୍ତି ଏବଂ ବୌଦ୍ଧ ଧର୍ମର ଚକ୍ରକୁ ସୁଦର୍ଶନ ଚକ୍ର ରୂପେ ତୁଳନା କରାଯାଇଛି ।

ଆଦିକବି ସାରଳା ଦାସ ମଧ୍ୟ ବୁଦ୍ଧଙ୍କୁ ଜଗନ୍ନାଥ ବୋଲି ସ୍ୱୀକାର କରିଛନ୍ତି । ସେ ସ୍ୱଗ୍ରନ୍ଥ ମହାଭାରତରେଏହା ପ୍ରମାଣିତ ମଧ୍ୟ କରିଛନ୍ତି ।

ବନ୍ଦଇ ଶ୍ରୀଜଗନ୍ନାଥ ବଇକୁଣ୍ଠବାସୀ
ବୁଦ୍ଧ ରୂପେ ନୀଳଗିରିଶିଖେ ଅଛି ବସି
ବଉଦ୍ଧ ରୂପରେ କଳିଯୁଗେ ଅବତାର
ହୋଇଣ ପାପୀଜନଙ୍କୁ କରୁଛ ଉଦ୍ଧାର ।

ପ୍ରଚ୍ଛନ୍ନବୁଦ୍ଧ : ବୁଦ୍ଧରୂପୀଜଗନ୍ନାଥ

ବୈଶାଖ ପୂର୍ଣ୍ଣିମା ବୌଦ୍ଧଧର୍ମର ଏକ ପବିତ୍ର ପୂର୍ଣ୍ଣିମା ବୋଲି ଖ୍ୟାତ । ଏହି ତିଥିରେ ବୁଦ୍ଧଦେବ ଜନ୍ମ ନିର୍ବାଣ ଏବଂ ପରିନିର୍ବାଣ ଲାଭ କରିଥିବା ହେତୁ ବୌଦ୍ଧମାନେ ଏହି ତିଥିକୁ ତ୍ରିବିଧ ପୁଣ୍ୟ ଦିବସ ରୂପେ ପାଳନ କରନ୍ତି ।

ବୈଶାଖ ପରେ ଆସେ ଜ୍ୟେଷ୍ଠ ପୂର୍ଣ୍ଣିମା । ଏହା ଦେବସ୍ନାନ ପୂର୍ଣ୍ଣିମା ନାମରେ ବିଦିତ । ଏହି ଦିନ ଶ୍ରୀଜଗନ୍ନାଥଙ୍କୁ ସ୍ନାନ ମଣ୍ଡପକୁ ଅଣାଯାଏ । ପ୍ରଭୁ ଜଗନ୍ନାଥ ବିଷ୍ଣୁ ରୂପରୁ ସମ୍ପୂର୍ଣ୍ଣ ବୁଦ୍ଧରୂପ ଗ୍ରହଣ କରିବେ । ମିଶିଯିବେ ଜନତା ସଙ୍ଗରେ ଧୂଳିରେ ଧୂଳିହୋଇ । ଏହାପରେ ଜଗନ୍ନାଥଙ୍କୁ ହସ୍ତୀବେଶ ବା ଗଜବେଶ କରାଯାଏ ।

ଏହି ଗଜବେଶ ବୁଦ୍ଧଦେବଙ୍କ ଜନ୍ମବୃତ୍ତାନ୍ତ ସହିତ ଜଡ଼ିତ । କଥିତ ଅଛି ଯେ, ବୁଦ୍ଧଙ୍କ ମାତା ମାୟାଦେବୀଙ୍କର ସନ୍ତାନସନ୍ତତି ହେଉ ନଥିବାରୁ ସେ ବିବିଧ ଧର୍ମାଚରଣ କଲେ । ଦିନେ ରାତ୍ର ସମୟରେ ସ୍ୱପ୍ନ ଦେଖିଲେ ହିମାଳୟ ଉପରୁ ଏକ କମନୀୟ ଶ୍ୱେତହସ୍ତୀ ଶୂନ୍ୟେ ଶୂନ୍ୟେ ଚାଲିଆସି ରାଣୀଙ୍କ ଗର୍ଭରେ ପ୍ରବେଶ କରୁଛି । ସ୍ୱପ୍ନ ଓ ନିଦ୍ରା ଭାଙ୍ଗିଯିବା ପରେ ଏହି ସ୍ୱପ୍ନର ରହସ୍ୟ ଜଣାଗଲା ଯେ ରାଣୀ ମାୟାଦେବୀ ଗର୍ଭବତୀ ଅଛନ୍ତି । ସେହି ଗର୍ଭରୁ ଜନ୍ମନେଲେ ଗୌତମବୁଦ୍ଧ । ସେଥିପାଇଁ ସ୍ନାନପୂର୍ଣ୍ଣିମୀର ଜଗନ୍ନାଥଙ୍କର ହାତୀ ବେଶକୁ ବୁଦ୍ଧଦେବଙ୍କ ଜନ୍ମ ରହସ୍ୟର ପ୍ରତୀକ ବୋଲାଯାଏ ।

ସ୍ନାନସାରି ବଡ଼ଠାକୁର ଚାଲି ଯାଆନ୍ତି ବଡ଼ଦେଉଳକୁ କିନ୍ତୁ ରତ୍ନସିଂହାସନରେ ବିରାଜମାନ ନହୋଇ ବିରାଜ ହୁଅନ୍ତି ଜଗମୋହନର ଚଟାଣ ଉପରେ ଜଗମୋହନରେ ପ୍ରାୟ ପନ୍ଦରଦିନ ରୁହନ୍ତି । ଏହାକୁ ଅଣସର ବା ଅଣବାସ ବୋଲି କୁହନ୍ତି । କୁହାଯାଏ ସ୍ନାନ ପରେ ପରେ ମହାପ୍ରଭୁଙ୍କୁ ଥଣ୍ଡା ହୋଇଯାଏ ଏବଂ ପ୍ରଭୁ ଅଣସର ଘରେ ରୁହନ୍ତି କିନ୍ତୁ ଅଣବାସ (ଅଣୁବାସ)ର ତାତ୍ତ୍ୱିକ ଅର୍ଥ ଗର୍ଭସ୍ଥ ହେବା । ଏଣୁ ଜଗନ୍ନାଥଙ୍କର ଅଣୁବାସ ସମୟଟି ବୁଦ୍ଧଙ୍କର ମାତୃଗର୍ଭରେ ଅବସ୍ଥିତିର ସୂଚନା ଦିଏ ।

ଆଷାଢ଼ ଅମାବାସ୍ୟା ପରେ ପରେ ଅନୁଷ୍ଠିତ ହୁଏ ଶ୍ରୀଜଗନ୍ନାଥଙ୍କର 'ନବଯୌବନ' ଦର୍ଶନ । ଏହା ପ୍ରକୃତରେ 'ନବଜୀବନ' ଦର୍ଶନ ଉତ୍ସବକୁ ବୁଝାଏ । 'ନବଜୀବନ'ର ତାତ୍ପର୍ଯ୍ୟ ହେଉଛି ବୁଦ୍ଧଙ୍କ ଜନ୍ମ ଅର୍ଥାତ୍ ଶ୍ରୀଜଗନ୍ନାଥ ବୁଦ୍ଧରୂପ ଗ୍ରହଣ କରିଥିଲେ ।

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ବା ଘୋଷଯାତ୍ରା ଯାହା ଆମକୁ ଅଢ଼େଇ ହଜାର ବର୍ଷ ପୂର୍ବର ସ୍ମୃତିକୁ ମନେ ପକାଇ ଦିଏ । ବର୍ଷା ମାସ ପୂର୍ବରୁ ଶ୍ରମଣମାନେ ବୁଦ୍ଧଦେବଙ୍କୁ ଏକ ରଥରେ ବସାଇ ଜନବସତି ଭିତରେ ବୁଲାଉଥିଲେ ଯାହାଦ୍ୱାରା କି ତଥାଗତବୁଦ୍ଧ ଜାତିବର୍ଣ୍ଣ ନିର୍ବିଶେଷରେ ଲୋକମାନଙ୍କୁ ସଦ୍ଧର୍ମ ଶୁଣାଇ ପାରିବେ ଏବଂ ସେମାନଙ୍କ ସାନ୍ନିଧ୍ୟ ଲାଭ କରିବେ । ଏବେ ମଧ୍ୟ ଶ୍ରୀଲଙ୍କାରେ ବୁଦ୍ଧଙ୍କ ଜାତିଭେଦକୁ ନେଇ ରଥଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀକ୍ଷେତ୍ରରେ ହେଉଥିବା ରଥଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀକ୍ଷେତ୍ରରେ ହେଉଥିବା ରଥଯାତ୍ରା ଆମକୁ ମହାନ୍ ବୌଦ୍ଧ ପରମ୍ପରା ସୂଚାଇ ଦିଏ । ନେତ୍ରୋତ୍ସବ ଠାରୁ ଶ୍ରୀଜଗନ୍ନାଥଙ୍କୁ ଜାତି, ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ସ୍ପର୍ଶ କରିଥାନ୍ତି ।

ରଥଯାତ୍ରା ପରେ ବୁଦ୍ଧଦେବ ଆରାମ ବା ବିହାରରେ ଅବସ୍ଥାନ କରୁଥିଲେ । ଶ୍ରୀଜଗନ୍ନାଥଙ୍କର ଗୁଣ୍ଡିଚା ଘରେ ରହଣି ଏପରି ଅବସ୍ଥାନ ସ୍ମାରକୀ ।

ଶେଷରେ ତିନି ମୂର୍ତ୍ତି – ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ଯେଉଁମାନେ କି ବୌଦ୍ଧଧର୍ମର ବୁଦ୍ଧ, ଧର୍ମ ଓ ସଂଘ ପ୍ରତୀକ ଫେରି ଆସନ୍ତି ଶ୍ରୀମନ୍ଦିରର ରତ୍ନବେଦୀ ଉପରକୁ । ତ୍ରିରତ୍ନ ରତ୍ନବେଦୀ ଉପରେ ଆସୀନ ହୁଅନ୍ତି ।

ସ୍ନାନଯାତ୍ରାଠାରୁ ରଥଯାତ୍ରା ଶେଷ ପର୍ଯ୍ୟନ୍ତ ଜଗନ୍ନାଥଙ୍କ ସେବା ଅଣ-ବ୍ରାହ୍ମଣ ବା ଦଇତାପତିମାନେ କରିଥାନ୍ତି । ଏହି ପଦ୍ଧତି ବୌଦ୍ଧ ରୀତିର ଅନୁଗାମୀ ମନେହୁଏ । ବୌଦ୍ଧ ସାଧାରଣତଃ ବ୍ରାହ୍ମଣମାନଙ୍କ ବିରୋଧୀ ଅଟନ୍ତି । ବ୍ରାହ୍ମଣମାନଙ୍କ ଏକଚାଟିଆ ବ୍ୟବହାରର ବିରୋଧୀ ଥିଲେ ବୌଦ୍ଧମାନେ । ବୌଦ୍ଧଧର୍ମୀ କହୁଥିଲେ ସବୁ ଜାତି, ଧର୍ମ ସମାନ ତେଣୁ ରଥଯାତ୍ରା ସମୟରେ ଜଗନ୍ନାଥଙ୍କୁ ସବୁ ଧର୍ମ ଓ ଜାତିର ଲୋକମାନେ ସ୍ପର୍ଶ କରିପାରନ୍ତି ଏବଂ ଦଇତାପତିମାନେ ସେବାୟତ ହୋଇଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ସ୍ନାନପୂର୍ଣ୍ଣମୀଠାରୁ ରଥଯାତ୍ରା ଯାଏଁ ଭଗବାନ ବୁଦ୍ଧଙ୍କ ଚରିତର ଏକ ପ୍ରଚ୍ଛନ୍ନ ସମାରୋହ । ଜଗନ୍ନାଥଙ୍କ ପର୍ବପର୍ବାଣୀ ମଧ୍ୟରେ ଶ୍ରୀଗୁଣ୍ଡିଚା (ରଥଯାତ୍ରା) ଏବଂ ସ୍ନାନଯାତ୍ରା ପ୍ରଧାନ । ଏହି ଦୁଇଟି ପ୍ରଧାନ ପର୍ବ ବୌଦ୍ଧ ପରମ୍ପରା ସହିତ ଜଡ଼ିତ । ଏଥିରୁ ଶ୍ରୀଜଗନ୍ନାଥଙ୍କ ଠାରେ ବୁଦ୍ଧଙ୍କର ପ୍ରଚ୍ଛନ୍ନ ପ୍ରାବଲ୍ୟ ଦେଖାଯାଏ । ରାଜା ଇନ୍ଦ୍ରଭୂତିଙ୍କ ଜ୍ଞାନସିଦ୍ଧି ଗ୍ରନ୍ଥ ଯାହା ବୁଦ୍ଧଙ୍କୁ ଜଗନ୍ନାଥ ଓ ଜଗନ୍ନାଥଙ୍କୁ ବୁଦ୍ଧ ବୋଲି କହେ ।

ସହାୟକସୂଚୀଗ୍ରନ୍ଥ:

୧) ସାହୁ, ରାଧାକୃଷ୍ଣ- ବୁଦ୍ଧ-ଜଗନ୍ନାଥ, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦ ବିହାରୀ, କଟକ-୭୫୩୦୦୨, ପ୍ରଥମ ମୁଦ୍ରଣ – ୧୯୯୯ ।

୨) ସକାଳ ସିନ୍ଦୁରା – ୨୩ ଅକ୍ଟୋବର, ୨୦୨୨

୩) ମହମ୍ମଦପୁର ବୌଦ୍ଧ ସଂଘ, ତଥାଗତ ବୁଦ୍ଧ ବିହାର, ମହମ୍ମଦପୁର, ନିଶ୍ଚିନ୍ତ କୋଇଲି, କଟକ, ସିଟିସି ନମ୍ବର ୧୯୧୫୮/୬୪-୨୦୨୨-୨୩

ଗବେଷିକା

ଭୁବନେଶ୍ୱର-୭୫୧୦୧୫

ମୋ- ୯୩୩୭୪୫୦୨୧୧

ISSN -2583-147X(P), Vol.- 8, Issue No. VI, September 2022
Bastabatara Pariprakash Prachee
Peer Reviewed and Referred Research Journal

ସମ୍ବାଦ କ'ଣ ଓ କାହିଁକି

ତ୍ରିଲୋଚନ ଜେନା

ପ୍ରଗତିଶୀଳ ବିଶ୍ୱରେ ସମ୍ବାଦପତ୍ରକୁ ଚତୁର୍ଥସ୍ତମ୍ଭର ମାନ୍ୟତା ପ୍ରଦାନ କରାଯାଇଛି । ବିଶ୍ୱର ସାଂପ୍ରତିକ ସ୍ଥିତି; ସାମାଜିକ, ସାଂସ୍କୃତିକ, ଅର୍ଥନୈତିକ, ରାଜନୈତିକ ବିଷୟରେ ଜାଣିବାର ଏହା ହେଉଛି ଏକ ମାଧ୍ୟମ । ମାଧ୍ୟମଟି ପୁଣି ଶ୍ରେଷ୍ଠ । ସର୍ବୋତ୍କୃଷ୍ଟ । ଜନ ଜାଗରଣର ଉତ୍ସ । ସମାଜର ମୁଖପତ୍ର ମଧ୍ୟ । ସାଧାରଣ ଜନତାର ହୃତ୍‌ପିଣ୍ଡ ରୂପେ ସମ୍ବାଦପତ୍ର ପରିଗଣିତ । ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମର ଦ୍ରୁତ ପ୍ରଚାର ଓ ପ୍ରସାର ଘଟୁଥିଲେ ମଧ୍ୟ ସକାଳୁ ଖବରକାଗଜର ପୃଷ୍ଠା ଆଖିରେ ନପଡ଼ିଲେ ସାରାଦିନ ସମ୍ପୂର୍ଣ୍ଣ ହୋଇପାରେନାହିଁ । ସେଥିପାଇଁ ସମ୍ବାଦପତ୍ର ସ୍ୱତନ୍ତ୍ର । ଇଲେକ୍ଟ୍ରୋନିକ୍ସ ଗଣମାଧ୍ୟମର ଦ୍ରୁତପ୍ରସାର ଘଟୁଥିଲେ ମଧ୍ୟ ଆଜିବି ସମ୍ବାଦପତ୍ର ଜନପ୍ରିୟତାର ଶୀର୍ଷରେ । ପୂର୍ବାପେକ୍ଷା ପାଠକ ସଂଖ୍ୟାରେ ଅଭିବୃଦ୍ଧି ଘଟିଛି । 'ସମ୍ବାଦପତ୍ର' କେବଳ ଏକ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥର ସୀମିତ ପରିସର ମଧ୍ୟରେ ସୀମାବଦ୍ଧ ହୋଇ ରହିନାହିଁ । ସମ୍ବାଦପତ୍ରର ବିବିଧ ବିଭାଗ ଏହାର ବ୍ୟାପକ ପରିସରର ମୁଖ୍ୟ ହେତୁ । ବୁଝାଇ କହିଲେ; ସମ୍ବାଦ ପରିବେଷଣ ସହ ମନୋରଂଜନ, ସାହିତ୍ୟ, ଦର୍ଶନ, ଧର୍ମ, ବିଜ୍ଞାନ ଯୋଡ଼ି ହୋଇଯାଇଛି । ସମ୍ବାଦପତ୍ର ଉପରେ ଅଧ୍ୟୟନ ଓ ଗବେଷଣା ମଧ୍ୟ ଆରମ୍ଭ ହୋଇଛି । ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମରେ ସ୍ଥାନ ପାଇଛି । ଶିକ୍ଷା ବ୍ୟବସ୍ଥା ସହ ସାମ୍ବାଦିକତା ପାଠ୍ୟକ୍ରମ ଯୋଡ଼ିହେବା ପରେ ଏହାର ଲୋକପ୍ରିୟତା ବଢ଼ିଛି । ସମ୍ପ୍ରତି ଗବେଷଣାର ବିବିଧ ମାର୍ଗ ମଧ୍ୟ ଉନ୍ମୁକ୍ତ ହୋଇଛି ।

ସମ୍ବାଦର ଇତିହାସ ପ୍ରାଚୀନ । ଭାରତରେ ରାମାୟଣ ଓ ମହାଭାରତରେ ଯଥାକ୍ରମେ ନାରଦ ଏବଂ ସଞ୍ଜୟଙ୍କ ଭୂମିକାକୁ ଦେଖିଲେ ପ୍ରାଚୀନ ପୁରାଣ କାଳରେ ସମ୍ବାଦର ଏକ ବିଧିବଦ୍ଧ ବ୍ୟବସ୍ଥା ଥିଲା ବୋଲି ଅବଲୋକନ କରାଯାଇପାରେ । ରାଜତନ୍ତ୍ର ଶାସନ ବ୍ୟବସ୍ଥାରେ ରାଜାଙ୍କ ଦ୍ୱାରା ନିଯୁକ୍ତ ଗୁପ୍ତଚରମାନେ ସମ୍ବାଦ ସଂଗ୍ରହ କରି ରାଜାଙ୍କୁ ଦେଉଥିଲେ । ଅଶୋକଙ୍କ ସମୟରେ ଏହା ଅଧିକ ସକ୍ରିୟ ଥିଲା । ଓଡିଶାରେ ସମ୍ରାଟ୍ ଖାରବେଳଙ୍କ ସମୟରେ ଏ ଗୁପ୍ତଚର ବିଭାଗ ଶକ୍ତିଶାଳୀ ଥିବା ଖଣ୍ଡଗିରି ଗୁମ୍ଫାରେ ଅଙ୍କିତ ଚିତ୍ରରୁ ଜଣାପଡ଼େ । ସେହିପରି କୋଣାର୍କ, ଲିଙ୍ଗରାଜ, ମୁକ୍ତେଶ୍ୱର ଆଦି ମନ୍ଦିରରେ ଅଙ୍କିତ ବିଭିନ୍ନ ଚିତ୍ର ଏହାର ସାକ୍ଷ୍ୟ ବହନ କରେ । ପାରା ମାଧ୍ୟମରେ ମଧ୍ୟ ସମ୍ବାଦ ପ୍ରେରଣ କରାଯିବାର ନଜିର ରହିଛି । ରାଜାମାନଙ୍କ ଦ୍ୱାରା ରାଜ୍ୟର ନିୟମାବଳୀ ତଥା କର, ଖଜଣା ଇତ୍ୟାଦି ଲୋକାଭିମୁଖୀ କରିବାପାଇଁ ଢେଙ୍ଗୁରା ଦ୍ୱାରା ଲୋକମାନଙ୍କୁ ଏକତ୍ରିତ କରାଯାଉଥିଲା । ଏକ ବାଉଁଶ ନଳି ସାହାଯ୍ୟରେ ରାଜାଙ୍କ ଘୋଷଣା ଲୋକଙ୍କୁ ଜଣାଇ ଦିଆଯାଉଥିଲା ।

ଭିନିସିଆନ ପରିବ୍ରାଜକ ନିକୋଲ ମାନୁସେଟ ମୋଗଲ ସମ୍ରାଟ ଔରଙ୍ଗଜେବଙ୍କ ଦରବାରରେ ରହି ତତ୍କାଳୀନ ଗୁପ୍ତଚର ସଂସ୍ଥା 'ଉଆକୁଇହାନବିସ'ମାନଙ୍କ କଥା ଉଲ୍ଲେଖ କରିଛନ୍ତି । ରାଜା ସେମାନଙ୍କୁ ନିଯୁକ୍ତି ଦେଉଥିଲେ । ପ୍ରତ୍ୟେକ ସପ୍ତାହରେ ଦେଶର ସଂଗୃହୀତ ସମ୍ବାଦକୁ 'ଉଆକୁଇ'ରେ ଲିପିବଦ୍ଧ କରୁଥିଲେ । ଏହାକୁ ଆଧୁନିକ ସମୟର 'ଗେଜେଟ' ବୋଲି କୁହାଯାଇପାରିବ । ପ୍ରତ୍ୟେକ ଦିନ ଅନ୍ତଃପୁରର ଜଣେ ମହିଳା ରାଜାଙ୍କୁ ଏହି ସମ୍ବାଦ ସବୁ ପଢି ଶୁଣାଉଥିଲେ । ଏହା ଦ୍ୱାରା ସମ୍ରାଟ ମଧ୍ୟ ଦେଶର ଅବସ୍ଥା ଓ ଘଟଣାବଳୀ ସଂପର୍କରେ ଅବଗତ ହୋଇପାରୁଥିଲେ । ପରବର୍ତ୍ତୀ କାଳରେ ତାଳପତ୍ରରେ ଓ ତାମ୍ରଫଳକ ଆଦିରେ ଏ ସବୁ ପ୍ରକାଶ ପାଇଲା । କାଗଜର ଉଦ୍ଭାବନ ପ୍ରଣାଳୀ ପରେ ଖବର କାଗଜରେ ହାତଲେଖା ପ୍ରକାଶ ପାଉଥିଲା । ସମ୍ପ୍ରତି କାଗଜ ଓ ମେସିନ୍‌ର ଉଦ୍ଭାବନ ଫଳରେ ସମ୍ବାଦର ଚାହିଦା ଦିନକୁ ଦିନ ବୃଦ୍ଧିପାଇବାରେ ଲାଗିଛି ।

ବର୍ତ୍ତମାନ ସମୟରେ ସମ୍ବାଦ ଉଭୟେ ସାମାଜିକ ଓ ବ୍ୟକ୍ତିଗତ ହୋଇଉଠିଛି । ଯେଉଁ ବ୍ୟକ୍ତି ପାଖରେ ଯେତେ ଅଧିକ ତଥ୍ୟ ଅଛି, ସେ ସେତେ ଶକ୍ତିଶାଳୀ ଓ ବିଶିଷ୍ଟ । ତେଣୁ ଆଜିର ସମୟ ଗଣମାଧ୍ୟମର ସମୟ । ସମାଜ ସହ ତାଳଦେଇ ଅଧୁନା ଏହା ଗତି କରିବାରେ ଲାଗିଛି । ସମୟ ଯେତିକି ଆଧୁନିକ ହୋଇଚାଲିଛି, ଗଣମାଧ୍ୟମ ମଧ୍ୟ ସେତିକି ନୂଆ ନୂଆ ରୂପରେ ଆଧୁନିକତାକୁ ସ୍ୱୀକାର କରୁଛି । ଏହା ସାମାଜିକ ସ୍ତରରୁ ବର୍ତ୍ତମାନ ବ୍ୟକ୍ତିଗତ ସ୍ତରକୁ ପ୍ରବେଶ କରି ଦୁନିଆର କୋଣଅନୁକୋଣକୁ ପ୍ରସାରିତ ହୋଇଛି । ଏକ ସେକେଣ୍ଡରୁ କମ ସମୟରେ ବି ସାରା ଦୁନିଆରେ ଗୋଟିଏ ସମ୍ବାଦ ହଇଚଇ ସୃଷ୍ଟି କରିଦେଉଛି । ସମ୍ବାଦର ଗତି ବା ପ୍ରସାର ଏତେ ମାତ୍ରାରେ ହେଉଛି ଯେ ସେ ବ୍ୟକ୍ତିଗତ ହେଉ କି ସାମାଜିକ ସବୁଠି ନିଜର ପ୍ରଭାବ ବିସ୍ତାର କରୁଛି ।

ଅନେକ ଲୋକ ତତ୍‌କ୍ଷଣାତ୍ ଲୋକପ୍ରିୟତା ଅର୍ଜନ କରିବାକୁ ଚାହାନ୍ତି, ବିଶ୍ୱବ୍ରହ୍ମାଣ୍ଡର ଖବର ହାତପାହାନ୍ତାରେ ପାଇବାକୁ ଉଦ୍ୟତ ହୁଅନ୍ତି ଓ ସଂଫଳ ବି ହୁଅନ୍ତି । ଟିଭି, ରେଡ଼ିଓ, ଖବରକାଗଜ,

ପୁସ୍ତକ ଓ ଚଳଚିତ୍ର ଆଦି ସମ୍ପ୍ରତି ପୁରୁଣା ହୋଇଗଲାଣି । ୱେବ୍ ନିୟୁଜ, ଇନ୍‌ଷ୍ଟାଗ୍ରାମ, ହ୍ୱାଟ୍ସଅପ, ଫେସବୁକ୍, ଟୁଇଟର, ୟୁଟୁବ୍, ଟେଲିଗ୍ରାମ, ନେଟ୍‌ଫ୍ଲେକ୍ସ ଆଦିର ପ୍ରଂଶସାକୁ ଦୂରେଇ ଦିଆଯାଇପାରିବ ନାହିଁ । ସଂପ୍ରତି ବାସ୍ତବ ଅବାସ୍ତବ ଆଦିକୁ କଳ୍ପନା ଦ୍ୱାରା ଅତିରଂଜିତ କରି ଏପରି ପ୍ରୟୋଗ କରାଯାଉଛି ଯେ କେଉଁଟି ଠିକ୍ କେଉଁଟି ଭୁଲ୍ ତାହା ଜାଣିବା ଅସମ୍ଭବ ହୋଇପଡୁଛି । ମାତ୍ର ଏହା ସଂପର୍କରେ ଅଧିକନ୍ତୁ ସଫଳତା ଲାଭ କରେ ଗଣମାଧ୍ୟମ ବା ସମ୍ବାଦ ପରିବେଷଣକାରୀ ସଂସ୍ଥା । ଲୋକଙ୍କ ଧାରଣାରେ ପରିବର୍ତ୍ତନ କରିବାକୁ ଗଲେ ଏହାଠାରୁ ବଡ଼ ଅସ୍ତ୍ର ଆଉ କିଛି ନାହିଁ । ସେଥିପାଇଁ ସମ୍ବାଦ ହିଁ ସମାଜର ପରିବର୍ତ୍ତନରେ ପ୍ରମୁଖ ସହାୟକ । ଏହାକୁ ନିର୍ବିବାଦରେ ସ୍ୱୀକାର କରିବା । ସୁସ୍ଥ ସମାଜ ବ୍ୟବସ୍ଥା ପାଇଁ ସମ୍ବାଦପତ୍ର ମାର୍ଗଦର୍ଶକର ଭୂମିକା ଗ୍ରହଣ କରିବା ଉଚିତ୍ ।

ତେବେ ସମ୍ବାଦ କହିଲେ କଣ ? ଏହାର ଉତ୍ତରରେ ଏତିକି କୁହାଯାଇପାରେ ମଣିଷର ଚତୁଃପାର୍ଶ୍ୱରେ କ'ଣ ସବୁ ଘଟୁଛି ତାହା ଜାଣିବା ଏବଂ ବୁଝିବା ପାଇଁ ତା ମନରେ ଅସୀମ କୌତୁହଳ ସୃଷ୍ଟି ହୋଇଥାଏ । ଏଥି ସମ୍ପର୍କରେ ସେ ସର୍ବଦା ଜାଣିବାକୁ ଆଗ୍ରହୀ ହୁଏ ଯେ, ଏହା କାହିଁକି ଏବଂ କିପରି ଘଟିଲା, ଏହି ଘଟଣା ପାଇଁ ଦାୟୀ କିଏ, କିଏ ଏଥିପ୍ରତି ପ୍ରଭାବିତ ହେଉଛି, ଭବିଷ୍ୟତରେ ଘଟଣାର ପ୍ରତିକାର କଣ ? ଏହି ସମସ୍ତ ବିନ୍ଦୁଗୁଡ଼ିକର ସବିଶେଷ ତଥ୍ୟକୁ ଏକତ୍ର କରି କିଛି ମୂଲ୍ୟବାନ ତଥା ଉପଯୋଗୀ ତଥ୍ୟ ଉତ୍ପନ୍ନ ହୁଏ । ଯାହାକୁ 'ନିଉଜ' ବା 'ସମ୍ବାଦ' ବା 'ଖବର' ବୋଲି କୁହାଯାଏ । ତେଣୁ ସମ୍ବାଦ ହେଉଛି ସାମ୍ପ୍ରତିକ ଘଟଣାର ଏକ ରିପୋର୍ଟ । ଏହା ଏପରି କିଛି ବିଷୟରେ ସୂଚନା ଦିଏ ଯାହାକି ବର୍ତ୍ତମାନ ଘଟିଛି ବା ଶୀଘ୍ର ଘଟିବ । ତେଣୁ ଖବରକାଗଜ, ଟେଲିଭିଜନ୍, ରେଡ଼ିଓ ଓ ଇଣ୍ଟରନେଟ୍‌ରେ ସମ୍ବାଦ ହେଉଛି ଏକ ରିପୋର୍ଟ ।

ଏହି 'ସମ୍ବାଦ' ଶବ୍ଦଟି 'ବଦ୍'(କହିବା ଅର୍ଥରେ) ଧାତୁରେ 'ସମ୍' ଉପସର୍ଗ ଓ 'ଅ' ପ୍ରତ୍ୟୟ ଯୋଗରେ ହୋଇଛି । ଯାହାର ଅର୍ଥ ହେଉଛି ଖବର, ସମାଚାର ଓ ବାର୍ତ୍ତା । ସମ୍ବାଦକୁ ବ୍ୟାଖ୍ୟା କରିବା ଏକ କଠିନ ବ୍ୟାପାର । ତଥାପି ସମ୍ବାଦରେ ଏପରି କିଛି ଗୁଣ ରହିଥାଏ ଯାହା ପାଠକ, ଶ୍ରୋତା ଏବଂ ଦର୍ଶକଙ୍କୁ ବିସ୍ମିତ କରେ । ଅଧିକାଂଶ ଅଭିଧାନଗୁଡ଼ିକରେ 'ସମ୍ବାଦ'କୁ ଏକ ସାମ୍ପ୍ରତିକ ଘଟଣାର ଥଳି ରୂପେ ବିବେଚନା କରାଯାଇଛି । ଯାହାକି ପୂର୍ବରୁ କାହାକୁ ଜଣାନଥାଏ । ନିମ୍ନରେ ପଣ୍ଡିତମାନଙ୍କ ଦ୍ୱାରା ସମ୍ବାଦର ବିଭିନ୍ନ ସଂଜ୍ଞା ପ୍ରଦାନ କରାଗଲା ।

- Random House Dictionary of English Languageରେ 'ସମ୍ବାଦ'ର ଅର୍ଥ ହେଉଛି ଏକ ଘଟଣାର ରିପୋର୍ଟ; ଜ୍ଞାନ ଏବଂ ସୂଚନା ।[୧]
- The Oxford Dictionaryରେ ସମ୍ବାଦର ଅର୍ଥ ହେଉଛି– News is the report of recent events, oroccurrences brought or coming to one as new information; new occurrences as a subject of report or talk.[୨]
- ୱାସିଂଟନ୍ ବିଶ୍ୱବିଦ୍ୟାଳୟର ସାମ୍ବାଦିକତାର ପ୍ରଫେସର ଓ ଡିନ୍ ଏମ୍. ଲିଲେ ପେନ୍‌ସିରିଜ୍ ସମ୍ବାଦର ସଜ୍ଞାଦେବାକୁ ଯାଇ କହିଛନ୍ତି"ଯେକୌଣସି ନୂତନ ଘଟଣା, ନୂତନ ବିଚାର ଏବଂ ନୂତନ ଅଭିମତ କିମ୍ବା ଉଦ୍ଭାବନର ତତ୍କାଳିକ ଗୁରୁତ୍ୱ ଥିଲେ ତାହା ସମ୍ବାଦ ହୁଏ; ମାତ୍ର ଏହା ଜାଣିବା ପାଇଁ ପାଠକଙ୍କର ଆଗ୍ରହ ଥିବା ଦରକାର । ଏହାର ଭାଷା ଓ ବିଷୟବସ୍ତୁ ସେମାନଙ୍କର ବୋଧଗମ୍ୟ ହେବ ବୋଲି ସାମ୍ବାଦିକଙ୍କର ବିଶ୍ୱାସ ହେଲେ, ତାହା ସମ୍ବାଦ ଆକାରରେ ସେ ପଠାଇବା ଉଚିତ ।"[୩]
- 'ନିଉୟର୍କ ଟାଇମପାସ୍'ର ପରିଚାଳନା ସମ୍ପାଦକ ଟର୍ନର କାଟଲେଜ୍ କୁହନ୍ତି– "ଯାହା ତୁମେ ଗତ କାଲି ଜାଣିନଥିଲ ଏବଂ ଆଜି ହଠାତ୍ ଜାଣିଲ, ତାହା ତୁମ ପାଇଁ ସମ୍ବାଦ ।"[୪]
- ୱାଲଟର ଉଇଲିୟମ ହେଉଛନ୍ତି ବିଶ୍ୱର ପ୍ରଥମ ସାମ୍ବାଦିକତା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା । ଏ କ୍ଷେତ୍ରରେ ତାଙ୍କ ମତଟି ବେଶ୍ ଗୁରତ୍ୱପୂର୍ଣ୍ଣ– "ପାଠକର ଆଗ୍ରହ ଓ ରୁଚିଥିବା ଯେକୌଣସି ବିଷୟ ସମ୍ବାଦ ପର୍ଯ୍ୟାୟଭୁକ୍ତ ହୋଇପାରେ । ଅନ୍ୟ ଭାଷାରେ କହିବାକୁ ଗଲେ–ଯେ କୌଣସି ଘଟଣା, ବିଷୟ, ତଥ୍ୟ, ମତାମତ ଇତ୍ୟାଦିର ସମସ୍ତ ମୁତାବକ ବର୍ଣ୍ଣନା ଯାହା ବହୁ ଲୋକଙ୍କୁ ଆଗ୍ରହୀ କରିପାରୁଥିବ । ତାକୁ ଆମେ ସମ୍ବାଦ କହିପାରିବା ।"[୫]
- 'ସମ୍ବାଦ'ସମ୍ପର୍କରେ ଚାର୍ଲସ ଦାନା ('ଦି ସନ୍'ର ସମ୍ପାଦକ)ଙ୍କ ମତରେ –"କୁକୁର ମଣିଷକୁ କାମୁଡ଼ିଲେ ସମ୍ବାଦ ହୁଏ ନାହିଁ, ମାତ୍ର ସମାଜର କୌଣସି ପ୍ରତିଷ୍ଠିତ ବ୍ୟକ୍ତି କୁକୁର କାମୁଡ଼ାରେ ଆହତ ହେଲେ ତାହା ସମ୍ବାଦ ହୁଏ । କୌଣସି ଗଣ୍ଡଗୋଳ ସୃଷ୍ଟି ଉଦ୍ଦେଶ୍ୟରେ କିମ୍ବା ରୋଗ ସଂକ୍ରମିତ କରିବା ପାଇଁ କୁକୁରକୁ କେହି ବ୍ୟକ୍ତି ଅସାଧୁ ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ, ଏହାର ପ୍ରତିକ୍ରିୟା ଗୁରୁତର ହେବାର ଆଶଙ୍କାରେ ଥାଏ ।ଏହା ସମ୍ବାଦ ହୋଇପାରିବ ଯଦି ଏହାର ପ୍ରତିକ୍ରିୟା ଗୁରୁତର ହେବାର ବାସ୍ତବ ଆଶଙ୍କା ଥାଏ । ପ୍ରତ୍ୟହ ବହୁ ଲୋକଙ୍କ ମୃତ୍ୟୁ ହୁଏ, ଜନ୍ମ ହୁଏ । ମାତ୍ର ସମସ୍ତେ ସମ୍ବାଦର ପରିସରକୁ ଆସନ୍ତି ନାହିଁ । ବହୁ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଏ ସମ୍ପର୍କିତ ସମସ୍ତ ତଥ୍ୟ ସମ୍ବାଦ ହୋଇପାରିବ । କାରଣ ସେହି ଲୋକମାନଙ୍କ କଥା ଜାଣିବାକୁ ପାଠକଟିଏ ଆଗ୍ରହର ସହିତ ଅପେକ୍ଷା କରେ ।"[୬]
- ପ୍ରସିଦ୍ଧ ଇଂରାଜୀ ସମ୍ପାଦକ ଲର୍ଡ ନର୍ଥକ୍ଲିପ ସମ୍ବାଦ ବିଷୟରେ କୁହନ୍ତି– ସମ୍ବାଦକୁ କେହି ମୁଦ୍ରଣ କରିବାକୁ ଚାହୁନାହାନ୍ତି, ଦମନ କରିବାକୁ ଚାହାଁନ୍ତି । ବାକି ସବୁ ବିଜ୍ଞାପନ ।[୭]

- ଯୁକ୍ତରାଷ୍ଟ୍ର ଆମେରିକାର ବିଶିଷ୍ଟ ସାମ୍ବାଦିକ ଜନ୍. ଏସ୍. ନାଇଟ୍‌ଙ୍କ ମତରେ – ସତ୍ୟ ପ୍ରାପ୍ତକର ଓ ଏହାକୁ ମୁଦ୍ରଣ କର ।[୮]
- ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷରେ ସମ୍ବାଦର ଅର୍ଥ ହେଉଛି ଖବର ଓ ସମାଚାର । ଲୋକ ମୁଖରେ ପ୍ରଚାରିତ ସମାଚାର ।[୯]
- ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟର ସାମ୍ବାଦିକତାର ପ୍ରଫେସର ଚିଲଟନ୍ ଆର୍. ବୁଶ୍‌ଙ୍କ ମତରେ ସମ୍ବାଦ ହେଉଛି ଏକ ଘଟଣାର ରିପୋର୍ଟ ଯାହା ପାଠକେ ପଢ଼ିପାରିବେ ଓ ବୁଝିପାରିବେ ।[୧୦]
- ଭାରତୀୟ ଜନସଂଞ୍ଚାର ସଂସ୍ଥାନର ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀଙ୍କ ମତରେ– ଯେ କୌଣସି ଘଟଣା, ବିଷୟ, ତଥ୍ୟ, ମତାମତ ଇତ୍ୟାଦିର ସମୟ ମୁତାବକ ବର୍ଣ୍ଣନା ଯାହା ବହୁ ଲୋକଙ୍କୁ ଆଗ୍ରହୀ କରିପାରୁଥିବ ତାକୁ ଖବର କହିହେବ ।[୧୧]

ଏଣୁ ମୋଟାମୋଟି ଭାବରେ ସମ୍ବାଦ ହେଲା, ଯାହା ପାଠକର ଜିଜ୍ଞାସାକୁ ଉଜ୍ଜୀବିତ କରେ, ଅନୁସନ୍ଧିତ୍ସା ମନୋଭାବକୁ ପ୍ରଭାବିତ କରେ, କୌତୁହଳୀ କରିପାରେ, ସର୍ବୋପରି ଯାହା ପାଠକ ନିମନ୍ତେ ଅତ୍ୟାବଶ୍ୟକ, ତାହା ସମ୍ବାଦ ପଦବାଚ୍ୟ । ଏହା ସିଧାସଳଖ ପାଠକମାନଙ୍କୁ ପ୍ରଭାବିତ କରେ । ଲୋକଙ୍କୁ ହସାଇ ଓ କନ୍ଦାଇ ପାରେ ମଧ୍ୟ ।

ସମ୍ବାଦ ପ୍ରଭାବଶାଳୀ । ବହୁଲୋକଙ୍କୁ ଆକୃଷ୍ଟ କରିବା ସହ ପ୍ରତ୍ୟହ ନୂଆ ନୂଆ ଖବରମାନ ସଂଯୋଜିତ କରେ । ପାଠକ ରୁଚି ରଖୁଥିବା ବିଷୟ ବା ଘଟଣା ସମ୍ବାଦ ପରିସର ମ୍ଧ୍ୟରେ ପ୍ରତ୍ୟହ ଆତଯାତ ହୁଅନ୍ତି । ସମୟେ ସମୟେ କିନ୍ତୁ କେଉଁ ଖବର ଗଣମ୍ଧ୍ୟମରେ ପ୍ରକାଶ ପାଇବ ତାହା ନିରୂପଣ କରିବା କଷ୍ଟକର ହୋଇପଡ଼େ । ଯେଉଁ ଘଟଣା ବିଷୟରେ ପାଠକ ଅଜ୍ଞ ସେଇ ଘଟଣା ସମ୍ବାଦଦାତା ପାଠକଲୋଚନକୁ ଆଣି ସମ୍ବାଦ ମ୍ଧ୍ୟମରେ ପରିବେଷଣ କରିଥାଏ । ସମ୍ବାଦ ଅତୀତ ନୁହେଁ । ବର୍ତ୍ତମାନ ସର୍ବସ୍ୱ । ଅତୀତର ଘଟଣାବଳୀ ଇତିହାସ ନାମରେ ନାମିତ । ଆଜି ଯାହା ସମ୍ବାଦ କାଲି ତାହା ଆମ ପାଇଁ ଅତୀତ । ଅତୀତ ଇତିହାସର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । ଉଦାହରଣ– ନଗଡ଼ା ପ୍ରସଙ୍ଗ । ନଗଡ଼ା ତତ୍କାଳୀନ ସମୟରେ ସଂବାଦ ଥିଲା । ମାତ୍ର ଏବେ ଇତିହାସ । ସମ୍ବାଦ ସତ୍ୟ ଘଟଣା ଉପରେ ପର୍ଯ୍ୟବେସିତ । ଏହା ପ୍ରିୟ ବା ଅପ୍ରିୟ ହୋଇପାରେ । ମାତ୍ର ସତ୍ୟ । ଅସତ୍ୟ କଥା ସମ୍ବାଦ ପାଇଁ ହାନିକାରକ । ପତ୍ରପତ୍ରିକାରେ ଯେକୌଣସି ବିଷୟକୁ ଆମେ ସମ୍ବାଦ ବୋଲି କହିପାରିବା ନାହିଁ । ସେଥିରେ ପ୍ରକାଶିତ ପିଲା ହଜିଯିବା, ବିବାହ ବାର୍ଷିକୀ, ଜନ୍ମଦିନ ତଥା ଶ୍ରାଦ୍ଧବାର୍ଷିକୀ ଇତ୍ୟାଦିକୁ ସମ୍ବାଦ କହିବାକୁ କୁଣ୍ଠା ବ୍ୟକ୍ତ କରାଯାଇପାରେ । କିନ୍ତୁ କୌଣସି ପ୍ରଭାବଶାଳୀ ପ୍ରତିଷ୍ଠିତ ବ୍ୟକ୍ତି, ମହାପୁରୁଷ ଓ ଲେଖକ ଲେଖିକାଙ୍କ କ୍ଷେତ୍ରରେ ଏହା ସମ୍ବାଦର ଗୁରୁତ୍ୱ ବହନ କରେ ।

ସମ୍ବାଦର ସଂଜ୍ଞା ବିବିଧ । ଏହା ମ୍ଧ୍ୟ ସମ୍ବାଦର ପ୍ରାରୂପ ନିର୍ଣ୍ଣୟକାରୀ । ସମ୍ବାଦ ସହିତ ପାଠକର ଏକ ନିବିଡ଼ ଯୋଡ଼ଣ ରହିଛି । ପାଠକ ସଂଖ୍ୟା, ପାଠକମାନଙ୍କ ଆଗ୍ରହର ବିଷୟ, ପାଠକମାନଙ୍କର ସାମାଜିକ ଓ ଅର୍ଥନୈତିକ ଅବସ୍ଥା, କେତେ ସମୟ ବ୍ୟବଧାନରେ ଖବର ପାଠକ ପାଖରେ ପହଞ୍ଚୁଛି, ଏସବୁ ସହିତ ସମ୍ବାଦ ଜଡ଼ିତ । ସମ୍ବାଦର ପରିସରରେ ଖବରକାଗଜ ଏକ ମୁଦ୍ରିତ ଗଣମ୍ଧ୍ୟମ । ଏହା ବ୍ୟତୀତ ଖବର ଜାଣିବା ପାଇଁ ରେଡିଓ, ଟିଭି, ଇଣ୍ଟରନେଟ୍, ଫେସ୍‌ବୁକ୍, ଟୁଇଟର, ଟେଲିଗ୍ରାମ, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଅପ୍‌ଭଳି ସାମାଜିକ ଗଣମାଧ୍ୟମ ମ୍ଧ୍ୟ ବେଶ୍ ଲୋକପ୍ରିୟ ।

ସମ୍ବାଦ ସଦାସର୍ବଦା ନୂତନତ୍ୱକୁ ଅଗ୍ରାଧିକାର ଦିଏ । ସାମ୍ପ୍ରତିକ ଘଟଣା ହିଁ ସମ୍ବାଦପତ୍ରରେ ଗୁରୁତ୍ୱପାଏ । ତଥାପି କେତେକ ସମ୍ବାଦ କିଛିଦିନ ପାଇଁ ସମ୍ବାଦପତ୍ର ପରିସରକୁ ଆସିଥାଏ । ଉଦାହରଣ–ରାଜ୍ୟରେ ସରକାର ଭାଙ୍ଗିଗଲେ, ନୂଆ ସରକାର ଗଠନ ହେବାପର୍ଯ୍ୟନ୍ତ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁହୁଏ । ନୂଆ ସରକାର ଆସିବା ପର୍ଯ୍ୟନ୍ତ ଏହା ପ୍ରତ୍ୟହ ରାଜନୀତିକ ଖବର ଭାବରେ ପ୍ରକାଶ ପାଇଥାଏ । ଏତଦ୍ ବ୍ୟତୀତ କୌଣସି ସ୍ଥାନରେ ହତ୍ୟା ବା ଧର୍ଷଣ ହେଲେ ସେ ସମ୍ବାଦ ଦୋଷୀକୁ ନଧରିବା ଯାଏ ସମ୍ବାଦପତ୍ରର ପୃଷ୍ଠା ମଣ୍ଡନ କରୁଥାଏ ।ଯେପରିକି ଇତିଶ୍ରୀ ହତ୍ୟାକାଣ୍ଡ ବର୍ଷବର୍ଷ ଧରି ଚାଲିଥିଲା ।

ପ୍ରାନ୍ତଟୀକା–

- The Random House Dictionary of The English Language, P-527.
- The Oxford Dictionary, P-478.
- Bradley Duane: The Newspaper. 1st Edition 1968. Sterling, Delhi. P-12.
- Catledge Turner: My Life and The Times. 1st Edition- 1963. Harper and Row Publishers, New Yeark, Evanston. P-26.
- Bradley Duane: The Newspaper. P-12.
- Fidler Roger: Media Morphosis, Understanding New Media. Pine Forge Press, London. P-16.

https://www.thenewsmanual.net/Resources/what_is_news_00.htm

https://knightfoundation.org/features/jskpulitzer/

- ପ୍ରହରାଜ ଗୋପାଳ ଚନ୍ଦ୍ର: ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ପୃ–୮୨୩୨ ।

https://www.thenewsmanual.net/Resources/what_is_news_00.htm

- ଚାଟାର୍ଜୀ ମୃଣାଳ: ଗଣମ୍ଧ୍ୟମ ଓ ସାମ୍ବାଦିକତା । ୩ୟ ସଂସ୍କରଣ–୨୦୧୭ । ଶେଫାଲୀ କମ୍ୟୁନିକେସନ୍ସ, ସଂଚାର ମାର୍ଗ, ଢେଙ୍କାନାଳ–୧, ପୃ–୨୩

ଗବେଷକ, ଓଡ଼ିଆ ବିଭାଗ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ